R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୦୬
ତିଥି: ଦ୍ୱାଦଶୀ
୧୧ ଅଗଷ୍ଟ ୨୦୨୬, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 306
11 August 2026, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଶୁଭାରମ୍ଭ

- ❒ ଅଗଷ୍ଟ ୯ ରୁ ୧୭ ସବୁଠି ଉଡ଼ିବ ଜାତୀୟ ପତାକା
- ❒ ତ୍ରିରଙ୍ଗା ପଦଯାତ୍ରାରେ କମ୍ପିଲା ରାଜଧାନୀ
- ❒ ଯୁବଶକ୍ତିର ଏକ ହିଁ ସ୍ୱର — ସୁରକ୍ଷିତ ହେବ ଦେଶ ଆମର ଜେନ୍-ଜି ଓ ଯୁବସମାଜକୁ ଦେଶଭକ୍ତିର ବାର୍ତ୍ତା ଦେଲେ ମୁଖ୍ୟମନ୍ତ୍ରୀ
- ❒ ପ୍ଲାଷ୍ଟିକକୁ 'ନା', କପଡ଼ା ପତାକାକୁ 'ହଁ'
- ❒ ତ୍ରିରଙ୍ଗା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ ଓ ଗୌରବର ପ୍ରତୀକ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୧୦।୮,(ସବ୍ୟୁ): ପବିତ୍ର ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଭୁବନେଶ୍ୱରଠାରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଐତିହାସିକ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ଅଗଷ୍ଟ ୯ ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଗ୍ରାମ, ପଞ୍ଚାୟତ, ସହର, ଘର, ବିଦ୍ୟାଳୟ ଓ କାର୍ଯ୍ୟାଳୟରେ ଗୌରବର ସହ ଜାତୀୟ ପତାକା ଉଡ଼ାଇବାକୁ ସେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି।

ନିଜ ଅଭିଭାଷଣ ସ୍ୱାଧୀନତା ସଂଗ୍ରାମୀ, ବୀର ଶହୀଦ ଏବଂ ଓଡ଼ିଶାର ଅମର ସପୁତମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୪୨ ଅଗଷ୍ଟ ୯ ରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରୁ ଆରମ୍ଭ ହୋଇଥିବା 'ଭାରତ ଛାଡ଼' ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗଦର୍ଶନ ଦେଇଥିଲା। ଜାତୀୟ ପତାକା 'ତ୍ରିରଙ୍ଗା' କେବଳ ତିନୋଟି ରଙ୍ଗର ସମାହାର ନୁହେଁ, ବରଂ ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ, ଗୌରବ ଓ ଆକାଂକ୍ଷାର ପ୍ରତୀକ। କେଶରୀ ରଙ୍ଗ ସାହସ ଓ ତ୍ୟାଗ, ଶ୍ୱେତ ରଙ୍ଗ ଶାନ୍ତି ଓ ସତ୍ୟ, ସବୁଜ ରଙ୍ଗ ସମୃଦ୍ଧି ଏବଂ ମଝିରେ ଥିବା ଅଶୋକ ଚକ୍ର ନିରନ୍ତର କର୍ତ୍ତବ୍ୟପଥରେ ଆଗେଇ ଚାଲିବାର ଶିକ୍ଷା ଦିଏ।

ଏହି ପବିତ୍ର ଜାତୀୟ ଉତ୍ସବକୁ ସମ୍ପୂର୍ଣ୍ଣ ପରିବେଶ-ଅନୁକୂଳ କରିବା ପାଇଁ ପ୍ଲାଷ୍ଟିକ୍ ପତାକାକୁ ସମ୍ପୂର୍ଣ୍ଣ ବର୍ଜନ କରି କେବଳ କପଡ଼ା ପତାକା ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଏକ ବର୍ଣ୍ଣାଢ଼୍ୟ ପଦଯାତ୍ରା ଆୟୋଜିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଏନ.ସି.ସି ଏବଂ ଏନ.ଏସ.ଏସ. ର ସ୍ୱେଚ୍ଛାସେବୀମାନେ ହାତରେ ତ୍ରିରଙ୍ଗା ଧରି ଶୃଙ୍ଖଳିତ ଭାବେ ପଦଯାତ୍ରା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଂସ୍କୃତିକ ଦଳ ନିଜର ପାରମ୍ପରିକ ଲୋକନୃତ୍ୟ ଓ କଳା ପ୍ରଦର୍ଶନ କରିଥିଲେ ମୁଖ୍ୟମନ୍ତ୍ରୀ, ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବିଶିଷ୍ଟ କ୍ରୀଡ଼ାବିତ୍ ଏବଂ ହଜାର ହଜାର ଛାତ୍ରଛାତ୍ରୀ "ବନ୍ଦେ ମାତରମ୍" ଓ " ( ୯ ପୃଷ୍ଠାରେ)

## ବଦଳିଲା ଅରୁଣାଚଳ ମାନଚିତ୍ର

### କେନ୍ଦ୍ର ସରକାର ଜାରି କଲେ ନୂଆ ନକ୍ସା

ନୂଆଦିଲ୍ଲୀ,୧୦।୮: ଚୀନ୍ ସୀମାନ୍ତରେ ନିଜର ଆଞ୍ଚଳିକ ଓ ପ୍ରଶାସନିକ ସ୍ଥିତିକୁ ଆହୁରି ସୁଦୃଢ଼ କରିବା ପାଇଁ ଭାରତ ସରକାର ଅରୁଣାଚଳ ପ୍ରଦେଶର ଏକ ନୂଆ ନକ୍ସା ବା ସରକାରୀ ମାନଚିତ୍ର ଜାରି କରିଛନ୍ତି। ଏହି ନୂତନ ମାନଚିତ୍ରରେ ୧୯୬୨ ଭାରତ-ଚୀନ୍ ଯୁଦ୍ଧ ସହ ଜଡ଼ିତ କେତେକ ଐତିହାସିକ ସ୍ଥାନ ସମେତ ସୀମାନ୍ତରେ ଥିବା ରଣନୈତିକ ଗୁରୁତ୍ୱପୂର୍ଣ୍ଣ ପାସ, ହ୍ରଦ ଏବଂ ଜନବସତିକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି। ନୂଆଦିଲ୍ଲୀରେ ଆସନ୍ତା ସେପ୍ଟେମ୍ବର ୧୨-୧୩ ରେ ଅନୁଷ୍ଠିତ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀ ପୂର୍ବରୁ ଭାରତର ଏହି ପଦକ୍ଷେପ ବେଶ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଯେଉଁଥିରେ ଚୀନ୍ ରାଷ୍ଟ୍ରପତି ( ୯ ପୃଷ୍ଠାରେ )



## ସୁପ୍ରିମକୋର୍ଟ କଲେଜିୟମର ସୁପାରିସ

### ଓଡ଼ିଶା ହାଇକୋର୍ଟରୁ ବଦଳିବେ ଦୁଇ ବିଚାରପତି

ନୂଆଦିଲ୍ଲୀ,୧୦।୮: ଓଡ଼ିଶା ହାଇକୋର୍ଟରେ କାର୍ଯ୍ୟରତ ଦୁଇ ଜଣ ବିଚାରପତିଙ୍କୁ ଅନ୍ୟ ରାଜ୍ୟର ହାଇକୋର୍ଟକୁ ବଦଳି କରିବା ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଛନ୍ତି। ସୁପ୍ରିମକୋର୍ଟ କଲେଜିୟମ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ସୁପାରିସ ଅନୁଯାୟୀ, ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ଗୁଜରାଟ ହାଇକୋର୍ଟକୁ ବଦଳି କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ସେହିପରି ଅନ୍ୟ ଜଣେ ବିଚାରପତି ଜଷ୍ଟିସ କୃଷ୍ଣ ରାମ ମହାପାତ୍ରଙ୍କୁ ଓଡ଼ିଶା ହାଇକୋର୍ଟରୁ ଛତିଶଗଡ଼ ହାଇକୋର୍ଟକୁ ବଦଳି କରିବା ପାଇଁ କଲେଜିୟମ ସୁପାରିସ କରିଛନ୍ତି।ବିଚାରପତିମାନଙ୍କର ଏହି ପ୍ରସ୍ତାବିତ ବଦଳି ପ୍ରକ୍ରିୟା ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଅନୁମୋଦନ ଅପେକ୍ଷାରେ ରହିଛି। ( ୯ ପୃଷ୍ଠାରେ)

## ସରଳା ଦେବୀଙ୍କ ୧୨୩ ତମ ଜୟନ୍ତୀ

# ବିଦ୍ୱାନ, ସାହସୀ, ବିପ୍ଳବିନୀ ଥିଲେ ସରଳା ଦେବୀ

ଭୁବନେଶ୍ୱର,୧୦।୮,(ସବ୍ୟୁ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପ୍ରଥମ ମହିଳା ବିଧାୟିକା ସରଳା ଦେବୀ ଥିଲେ ଜଣେ ବିଦ୍ୱାନ, ସାହସୀ, ବିପ୍ଳବିନୀ ମହିଳା। ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ଓଡ଼ିଶାର ନେତୃତ୍ୱ ନେଇଥିଲେ। ସ୍ୱତନ୍ତ୍ର ଆନ୍ଦୋଳନରେ ମହାତ୍ମା ଗାନ୍ଧୀଙ୍କ ସହିତ ସାମିଲ ହୋଇ ଗାଁ ଗହଳିର ମହିଳାମାନଙ୍କୁ ଜାଗ୍ରତ କରିଥିଲେ। ସ୍ୱରାଜ ପାଣ୍ଠି ପାଇଁ ନିଜର ସୁନା ଗହଣା ଦାନ କରିବା ସହ ଜୀବନଯାକ ଗହଣା ନପିନ୍ଧିବାକୁ ଶପଥ ନେଇ ଉଦାହରଣ ସାଜିଥିଲେ। ନାରୀ ସଶକ୍ତିକରଣ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ରହିଛି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକା ଅନୀତା ଅଗ୍ନିହୋତ୍ରୀଙ୍କୁ ଚତୁର୍ଥ ସରଳା ଦେବୀ ପୁରସ୍କାର ପ୍ରଦାନ କରାଯାଇଥିଲା।

ସରଳା ଦେବୀଙ୍କର ୧୨୩ ତମ ଜୟନ୍ତୀ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଥିଲେ, ନାଁ ଥିଲା ସରଳା, କିନ୍ତୁ ଜଗତସିଂହପୁରରେ ସରଳା ପୀଠ ରହିଛି। କେହି କେହି ତାଙ୍କୁ ସାରଳା ଦେବୀ ବୋଲି କୁହନ୍ତି। ତାଙ୍କ ବାପା ମା ସରଳା ଭାବେ ନାମିତ କରିଥିଲେ। ସେ କିନ୍ତୁ ନାମରେ ସରଳା ଥିଲେ ମଧ ସବୁଠାରୁ ବଡ଼ ସାମର୍ଥ ମହିଳା ଥିଲେ। ସ୍ୱଳ୍ପ ଶିକ୍ଷିତ ଥିଲେ ମଧ ମାତ୍ର ୧୩ରୁ ୧୪ ବର୍ଷ ବୟସରେ ଦୃଢ଼ ମନା ସହିତ ପ୍ରଭାବ ବିସ୍ତାର କରିଥିଲେ। ଇଂରାଜୀ, ବଙ୍ଗଳା ଭାଷାକୁ ଆୟତ କରି ନିଜକୁ ବୁଦ୍ଧିମନ୍ତ କରିଥିଲେ। ପରିବାରକୁ ସାଥୀରେ ନେଇ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇଥିଲେ। ଓଡ଼ିଶା ପ୍ରଦେଶ ଗଠନ ବେଳେ ସୀମା ନିର୍ଦ୍ଧାରଣ କମିଟିର ପ୍ରତିନିଧିତ୍ୱ କରିଥିଲେ। ସେ ପ୍ରଥମ ମହିଳା ବିଧାୟିକା ଏବଂ ପ୍ରଥମ ମହିଳା ବାଚସ୍ପତି ଥିଲେ। ସାହିତ୍ୟକୁ ଅଧିକ ବିସ୍ତାରିତ କରିବା ଲାଗି ନୂତନ ଓ ଉତ୍ତର ପୀଢ଼ୀମାନେ ସରଳା ଦେବୀଙ୍କୁ ଆଦର୍ଶରୂପେ ଗ୍ରହଣ କରିବା ଉଚିତ ବୋଲି ( ୯ ପୃଷ୍ଠାରେ)




## ବିପୁଳ ପରିମାଣର ବିସ୍ଫୋରକ ଜବତ ମାମଲା

# ଏନଆଇଏ ହେପାଜତରେ ୧୦ ଅଭିଯୁକ୍ତ


ତିରୁବନନ୍ତପୁରମ୍,୧୦।୮: ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) କେରଳର ମାଲାପ୍ପୁରମରେ ବେଆଇନ ବିସ୍ଫୋରକର ଏକ ବଡ଼ ପରିମାଣ ଜବତ ଘଟଣାରେ ମୁଖ୍ୟ ଅଭିଯୁକ୍ତ ହରିସ୍ ଟିଏକୁ ଗିରଫ କରିଛି। ଏହା ସହିତ ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସଂଖ୍ୟା ଦଶକୁ ବୃଦ୍ଧି ପାଇଛି। ହାରିସ୍କୁ ଶନିବାର ମାଲାପ୍ପୁରମ ଜିଲ୍ଲାର ମଞ୍ଜେରିରୁ ଗିରଫ କରାଯାଇଛି। ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବରେ ବିବେଚିତ ହାରିସ୍ ଜବତ ହୋଇଥିବା ବିସ୍ଫୋରକଗୁଡ଼ିକୁ ବେଆଇନ ଭାବରେ ହାସଲ କରିବାରେ ଭୂମିକା ଗ୍ରହଣ କରିଥିଲେ।

ଏହି ମାମଲାରେ ଚଳିତ ବର୍ଷ ୭ ଫେବୃଆରିରେ ମାଲାପ୍ପୁରମର ଚେମାଡ-ଥଲପ୍ପାରା ରୋଡରେ ଥିବା ଫରହା ହଲୋ ବ୍ରିକ୍ସ କମ୍ପାନୀ ପରିସରରେ ପାର୍କିଂ ହୋଇଥିବା ଏକ ଲରିରୁ ୮୯,୬୦୦ ବିସ୍ଫୋରକ ଷ୍ଟିକ୍ ଏବଂ ୧୦,୫୦୦ ସକ୍ ଟ୍ୟୁବ୍ ଜବତ ହୋଇଥିଲା। କେରଳ ପୁଲିସ ଲରିଟିକୁ ଅଟକାଇଥିଲା ଏବଂ ଚାଲାଣ କରୁଥିବା ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କ ପାଖରେ ବିସ୍ଫୋରକ ପରିବହନ କିମ୍ବା ରଖିବା ପାଇଁ କୌଣସି ଆଇନଗତ ଲାଇସେନ୍ସ ଅବା ଅନୁମତି ନଥିଲା। ଏନଆଇଏ ମାମଲାକୁ ପୁନଃ ପଞ୍ଜିକରଣ କରି ତଦନ୍ତ ଦାୟିତ୍ୱ ନେଇଛି। ( ୯ ପୃଷ୍ଠାରେ )





## ଏଫଡିଆଇ ମଞ୍ଜୁରୀ ସୀମା ୩ ଗୁଣା ବଢ଼ିବ

ନୂଆଦିଲ୍ଲୀ,୧୦।୮: ଦେଶରେ ସମ୍ପ୍ରତି ୫୦୦୦ କୋଟି ଟଙ୍କାରୁ ଅଧିକ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫଡିଆଇ) ନିବେଶ କରିବାକୁ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଥିବା ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ)ର ମଞ୍ଜୁରି ଆବଶ୍ୟକ ପଡ଼ୁଛି। ତେବେ ସରକାର ଉକ୍ତ ସୀମାକୁ ୩ ଗୁଣା ବଢ଼ାଇ ୧୫ ହଜାର କୋଟି ଟଙ୍କା କରିବାକୁ ଯୋଜନା କରୁଛନ୍ତି। ବର୍ତ୍ତମାନ ଏହା ଆଲୋଚନା ପର୍ଯ୍ୟାୟରେ ରହିଛି।ସରକାର ବ୍ୟବସାୟ ବାତାବରଣକୁ ଅନୁକୂଳ କରିବା ଉପରେ କାର୍ଯ୍ୟ କରୁଛନ୍ତି। ସିସିଇଏ ନିକଟକୁ ପ୍ରସ୍ତାବ ନପଠାଇ ମନ୍ତ୍ରାଳୟଗୁଡ଼ିକ ଯେଉଁଳି ଅଧିକ ମୂଲ୍ୟର ଏଫ୍ଡିଆଇକୁ ଅନୁମତି ଦେଇପାରିବେ ତାହାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ହାତକୁ ନିଆଯିବ। ସିସିଇଏର ବିଚାର ପାଇଁ ପଠାଯାଉଥିବା ଏଫଡିଆଇ ନିବେଶ ପ୍ରସ୍ତାବର ସୀମାକୁ ବୃଦ୍ଧି କରିବା ପାଇଁ ପୂର୍ବରୁ ଏକ ସଚିବସ୍ତରୀୟ କମିଟି ମଧ ସୁପାରିସ କରିଥିଲା। ଉଲ୍ଲେଖଯୋଗ୍ୟ, ୨୦୦୦ ଏପ୍ରିଲରୁ ୨୦୨୬ ମାର୍ଚ୍ଚ ମଧ୍ୟରେ ଭାରତକୁ ୧.୧୬ ଟ୍ରିଲିଅନ ବା ଲକ୍ଷ କୋଟି ଡଲାରରୁ ଅଧିକ ଏଫ୍ଡିଆଇ ଆସିଛି। ରିସସ୍, ସିଙ୍ଗାପୁର, ଯୁକ୍ତରାଷ୍ଟ୍ର ଆମେରିକା, ନେଦରଲ୍ୟାଣ୍ଡସ୍, ଜାପାନ, ବ୍ରିଟେନ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ଅନ୍ୟ କେତେକ ଦେଶରୁ ଅଧିକ ନିବେଶ ଆସିଛି।


ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ଆକାଶରେ ଘନ ଘନ ବିଜୁଳିର ଝଲକ

## ଇତିହାସ

୧୭୯୩- ଲିବ୍ରା ସଂଗ୍ରହାଳୟ ଉଦ୍‌ଘାଟିତ ।
୧୮୬୦- ଶାସ୍ତ୍ରୀୟ ସଂଗୀତର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ପଣ୍ଡିତ ବିଷ୍ଣୁ ନାରାୟଣ ଭାତଖଣ୍ଡେଙ୍କ ଜନ୍ମ ।
୧୮୯୪- ଭାରତ ରତ୍ନ ସମ୍ମାନିତ ଦେଶର ଚତୁର୍ଥ ରାଷ୍ଟ୍ରପତି ଭି.ଭି. ଗିରିଙ୍କ ଜନ୍ମ ।
୧୯୬୨- ସ୍ପାଇଡରମ୍ୟାନ୍ କମିକ୍ ବୁକ୍ ଅମେଜିଙ୍ଗ୍ ଫାଟାନ୍ସିରେ ନଜର ଆସିଲା ।
୧୯୮୦- ଭାରତର ପ୍ରଥମ ମହିଳା ସଂଗୀତକାର ସରସ୍ୱତୀ ଦେବୀଙ୍କ ଦେହାନ୍ତ ।
୧୯୮୩- ବଣ୍ଡିତ୍ କୁଇନ୍ ନାମରେ ସୁପ୍ରସିଦ୍ଧି ଅର୍ଜନ କରିଥିଲା ଫୁଲନ୍ ଦେବୀଙ୍କ ଜନ୍ମ ।
୧୯୯୦- ଦୀର୍ଘ ୧୫ ମାସର ଯାତ୍ରା ପରେ ମାଗେଲନ୍ ମହାକାଶଯାନ ଶୁକ୍ର ଗ୍ରହରେ ପହଞ୍ଚିଲା ।



ଭି.ଭି. ଗିରି

## ରୋକନ୍ତୁ ମଶା ସଂକ୍ରମିତ ରୋଗ



ବର୍ଷାଦିନେ ବିଭିନ୍ନ ସ୍ଥାନରେ ପାଣି ଜମା ହେବା ସହ ଆର୍ଦ୍ର ପରିବେଶ ସୃଷ୍ଟି ହେଉଥିବାରୁ ମଶାଙ୍କ ବଂଶ ବୃଦ୍ଧି ହାର କ୍ଷିପ୍ର ହୋଇଥାଏ । ଯାହାଫଳରେ ଡେଙ୍ଗୁ, ମ୍ୟାଲେରିଆ, ଚିକନଗୁନିଆ, ଫାଇଲେରିଆ ଏବଂ ଜାପାନୀ ଇନ୍‌ସେଫାଲାଇଟିସ୍ ଭଳି ମାରାତ୍ମକ ରୋଗର ଆଶଙ୍କା ବଢ଼ିଯାଏ । ବିଶେଷଜ୍ଞଙ୍କ ଅନୁଯାୟୀ, କେବଳ ସ୍ପ୍ରେ, ଲିକ୍ୱିଡ୍ ଭେପୋରାଇଜର ପରି ରିପେଲେଣ୍ଟ ବ୍ୟବହାର କରିବା ଦ୍ୱାରା ମଶା କେବଳ ଦୂରେଇ ରହନ୍ତି । ହେଲେ ଅସଲ ସୁରକ୍ଷା ପାଇଁ ମଶାଙ୍କ ବଂଶବୃଦ୍ଧି ରୋକିବା ଓ ସ୍ୱଚ୍ଛତା ଅବଲମ୍ବନ କରିବା ଜରୁରୀ । ବିଶେଷ କରି ୨-୩ ଦିନ ଧରି ଜମି ରହୁଥିବା ସଫା କିମ୍ବା ମଇଳା ପାଣିରେ ଏଡିସ୍, ଆନୋଫିଲିସ୍ ଓ କ୍ୟୁଲେକ୍ସ ଭଳି ମଶାଙ୍କ ଅଣ୍ଡା ଓ ଲାର୍ଭା ଶୀଘ୍ର ବିକଶିତ ହୋଇଥାନ୍ତି । ମଶା ଦାଉରୁ ରକ୍ଷା ପାଇବା ପାଇଁ ଘର ଓ ପାରିପାର୍ଶ୍ୱିକ ଅଞ୍ଚଳରେ ପାଣି ଜମିବାକୁ ନଦେବା ସହ ଶୁଖିଲା ନିମ୍ବ ପତ୍ରର ଧୂଆଁ, କପୁର ଜାଳିବା, ଲେମନ୍‌ଗ୍ରାସ୍ ଅଏଲ୍ ସ୍ପ୍ରେ, କବାଟ-ଝରକା ନିକଟରେ ତୁଳସୀ ଗଛ ରଖିବା ଏବଂ ରସୁଣ ସିଝା ପାଣି ସ୍ପ୍ରେ କରିବା ଭଳି ଘରୋଇ ଉପଚାର ବେଶ୍ ପ୍ରଭାବଶାଳୀ ପ୍ରମାଣିତ ହୋଇଥାଏ । ତେବେ କେମିକାଲ୍ ସ୍ପ୍ରେ ବ୍ୟବହାର ସମୟରେ ପର୍ଯ୍ୟାପ୍ତ ବାୟୁ ଚଳାଚଳ ବା ଭେଣ୍ଟିଲେସନ୍ ପ୍ରତି ଧ୍ୟାନ ଦେବା ସହ ଶିଶୁ, ବୃଦ୍ଧ ଓ ଶ୍ୱାସରୋଗୀଙ୍କ କ୍ଷେତ୍ରରେ ଏହାର ସୀମିତ ବ୍ୟବହାର କରିବା ଉଚିତ୍ ।

## ନାସାର ସ୍ମୃତି ଯାନ



ନ୍ୟାସନାଲ୍ ଏରୋନେଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେସନ୍ (ନାସା) ନିଜର ଆଗାମୀ 'ନ୍ୟାନ୍ସି ଗ୍ରେସ୍ ରୋମାନ୍ ସ୍ପେସ୍ ଟେଲିସ୍କୋପ୍'ରେ ସାରା ବିଶ୍ୱରୁ ସଂଗୃହିତ ୧୩,୫୦,୧୪୪ ଜଣ ଲୋକଙ୍କ ନାମ ଥିବା ଏକ ସ୍ମାରକୀ ପ୍ଲାକ୍ ସଂଯୋଗ କରି ବିଶ୍ୱବାସୀଙ୍କୁ ନିଜର ମହାକାଶ ଅଭିଯାନର ଭାଗୀଦାର କରିଛି । ଫ୍ଲୋରିଡ଼ାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରେ ଟେକ୍ନିସିଆନ୍‌ମାନେ 'ଆର୍ଟେମିସ୍-୨' ଓ 'ଆର୍ଟେମିସ୍-୩' ମିଶନ୍‌ର ମହାକାଶଚାରୀଙ୍କ ସମେତ ବିଶ୍ୱବ୍ୟାପୀ ମହାକାଶ ପ୍ରେମୀଙ୍କ ନାମ ଧାରଣ କରିଥିବା ଏହି କ୍ଷୁଦ୍ର ମେମୋରୀ କାର୍ଡକୁ ସ୍ପେସକ୍ରାଫ୍ଟରେ ସ୍ଥାପନ କରିଛନ୍ତି । ଏହାକୁ ନାସାର ପ୍ରଥମ ମୁଖ୍ୟ ଜ୍ୟୋତିର୍ବିଜ୍ଞାନୀ ତଥା 'ହବଲ୍ ସ୍ପେସ୍ ଟେଲିସ୍କୋପ୍'ର ଜନନୀ ଭାବେ ପରିଚିତ ଡକ୍ଟର ନ୍ୟାନ୍ସି ଗ୍ରେସ୍ ରୋମାନ୍‌ଙ୍କ ସ୍ମୃତିରେ ନାମିତ କରାଯାଇଛି । ଏହି ମହାକାଶ ନିରୀକ୍ଷଣାଗାର ଆସନ୍ତା ଅଗଷ୍ଟ ୩୦ ତାରିଖରେ ସ୍ପେସ୍-ଏକ୍ସର 'ଫାଲକନ୍ ହେଭି' ରକେଟ୍ ସାହାଯ୍ୟରେ କେନେଡି ସ୍ପେସ୍ ସେଣ୍ଟରର ଲଞ୍ଚ୍ କମ୍ପ୍ଲେକ୍ସ ୩୯-ଏ ରୁ ଉତ୍କ୍ଷେପଣ ହେବାକୁ ଯାଉଛି । ପୃଥିବୀରୁ ପ୍ରାୟ ୧୫ ଲକ୍ଷ କିଲୋମିଟର (୧୦ ଲକ୍ଷ ମାଇଲ୍) ଦୂରରେ ଅବସ୍ଥିତ 'ସୂର୍ଯ୍ୟ-ପୃଥିବୀ ଲାଗ୍ରାଞ୍ଜ୍ ପଏଣ୍ଟ ୨'ରେ ଏହା ଅବସ୍ଥାପିତ ହେବ । ଏହି ଟେଲିସ୍କୋପ୍ ହବଲ୍ ତୁଳନାରେ ୧୦୦ ଗୁଣା ବୃହତ୍ ଦୃଶ୍ୟପଟ୍ଟ ସହ ଦୂରବର୍ତ୍ତୀ ଏକ୍ସୋପ୍ଲାନେଟ୍‌ର ସନ୍ଧାନ, ବିଲିୟନ୍ ବିଲିୟନ୍ ଗାଲାକ୍ସିର ମାନଚିତ୍ରାଙ୍କନ ଏବଂ ଡାର୍କ ଏନର୍ଜି ଓ ଡାର୍କ ମ୍ୟାଟରର ରହସ୍ୟ ଉନ୍ମୋଚନ କରିବ, ଯାହାର ପରିଚାଳନା ନାସାର ଗୋଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟର ଦ୍ୱାରା କରାଯାଉଛି ।


## ଛେନା ବିସ୍କୁଟ



**ସାମଗ୍ରୀ-** ମଇଦା, ଚିନି, କ୍ଷୀର, ଛେନା, ରିଫାଇନ, ଚା, ବେକିଂ ପାଉଡର, ଘିଅ, ଲୁଣ ।

**ପ୍ରଣାଳୀ-** ଚିନିକୁ ଗୁଣ୍ଡ କରି ଦିଅନ୍ତୁ । ମଇଦା ସହିତ ବେକିଂ ପାଉଡରକୁ ଭଲଭାବରେ ମିଶାଇ ଦିଅନ୍ତୁ । ଚିନି, ଲୁଣ, ଘିଅ, ରିଫାଇନ, ଚିପୁଡା ଛେନାକୁ ମିଶାଇ ଭଲଭାବରେ ମିଶାଇ ଦିଅନ୍ତୁ । ସେଥିରେ ମଇଦା ଓ କ୍ଷୀର ମିଶାଇ ଦଳି ଦିଅନ୍ତୁ । ଏହାକୁ ମନ ମୁତାବକ ଆକାରରେ ବିସ୍କୁଟ କାଟି ଓଭାନରେ ରଖି ବେକ କରି ଦିଅନ୍ତୁ ।

## ବତକ ରେସ୍



ଆମେରିକାର ସିକାଗୋ ନଦୀରେ 'ସିକାଗୋ ଡକୀ ଡର୍ବୀ' ନାମକ ବାର୍ଷିକ ଇଭେଣ୍ଟ ଅଧୀନରେ ୯୦ ହଜାରରୁ ଅଧିକ ହଳଦିଆ ରବର ବତକଙ୍କ ମଧ୍ୟରେ ଏକ ଅନୋଖା ରେସ୍ ଆୟୋଜିତ ହୋଇଯାଇଛି । ଯାହାକୁ ଦେଖିବା ପାଇଁ ନଦୀ କୂଳରେ ହଜାର ହଜାର ଲୋକ ଜମା ହୋଇ ନିଜ ନିଜ ବତକ ପାଇଁ ଉତ୍ସାହ ବଢ଼ାଉଥିବାର ନଜର ଆସିଥିଲେ । ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଲୋକମାନେ ୧୦ ଡଲାର ଦେଇ ଗୋଟିଏ ଲେଖାଏଁ ରବର ଡକ୍‌କୁ ପୋଷ୍ୟ ଭାବେ ଗ୍ରହଣ କରନ୍ତି । ସମସ୍ତ ବତକଙ୍କୁ ଏକାସାଙ୍ଗରେ ନଦୀକୁ ଛଡ଼ାଯିବା ପରେ ଯେଉଁ ବତକ ସବୁଠୁ ଆଗେ ଫିନିସ୍ ଲାଇନ୍ ପାର୍ କରେ, ତା'ର ସ୍ପୋନ୍ସରଙ୍କୁ ପୁରସ୍କାର ମିଳିଥାଏ । ଚଳିତ ବର୍ଷ ଏହି ଇଭେଣ୍ଟରୁ ପ୍ରାୟ ୭ ଲକ୍ଷ ଡଲାର (ପ୍ରାୟ ୬ କୋଟି ଟଙ୍କା) ପାଣ୍ଠି ସଂଗୃହିତ ହୋଇଛି, ଯାହା 'ସ୍ପେଶାଲ ଅଲିମ୍ପିକ୍ସ ଇଲିନୋୟ'କୁ ପ୍ରଦାନ କରାଯିବ । ଏହାଦ୍ୱାରା ବୌଦ୍ଧିକ ଭିନ୍ନକ୍ଷମ ଖେଳାଳିଙ୍କ ଖେଳ, ତାଲିମ ଓ ଆବଶ୍ୟକୀୟ ଉପକରଣର ଖର୍ଚ୍ଚ ବହନ କରାଯିବ; ଏଥିସହ ରେସ୍ ଶେଷ ହେବା ପରେ ନଦୀରୁ ସମସ୍ତ ରବର ବତକଙ୍କୁ ସୁରକ୍ଷିତ ଭାବେ ବାହାର କରିଦିଆଯାଏ ।

## ସଂରକ୍ଷିତ କରୁଛନ୍ତି ଋତୁସ୍ରାବ ରକ୍ତ




ଆମେରିକାର କୋଟିପତି ବାୟୋହ୍ୟାକର ବ୍ରାୟନ୍ ଜନସନ ନିଜ ଗର୍ଲଫ୍ରେଣ୍ଡଙ୍କ ଋତୁସ୍ରାବ ରକ୍ତ ସାମ୍ପୁଲକୁ -୮୦ ଡିଗ୍ରୀ ସେଲସିଅସ ତାପମାତ୍ରାରେ ଫ୍ରିଜ୍ ବା ସଂରକ୍ଷିତ କରିବା ଖବରକୁ ନେଇ ଏବେ ସବୁଠି ଚର୍ଚ୍ଚା ଚାଲିଛି । ବ୍ରାୟନଙ୍କ କହିବା ଅନୁଯାୟୀ, ଏହା କେବଳ ଏକ ସାଧାରଣ ରକ୍ତ ନମୁନା ନୁହେଁ, ବରଂ ନାରୀ ସ୍ୱାସ୍ଥ୍ୟ ସହ ଜଡ଼ିତ ଅନେକ ଗୁପ୍ତ ତଥ୍ୟ ପଦାକୁ ଆଣିପାରିବ । ଗର୍ଲଫ୍ରେଣ୍ଡଙ୍କ ନିକଟରୁ ସଂଗୃହିତ ୧୦ଏମଏଲ ରକ୍ତ ନମୁନାରୁ ଜରାୟୁ ଜନିତ ରୋଗର ସଙ୍କେତ, ମାଇକ୍ରୋପ୍ଲାଷ୍ଟିକ୍ ଏବଂ କ୍ଷତିକାରକ କେମିକାଲର ଯାଞ୍ଚ କରାଯିବ । ପ୍ରତିମାସରେ ଏହିଭଳି ନମୁନା ପରୀକ୍ଷା କରି ଶରୀରର ପରିବର୍ତ୍ତନ ଉପରେ ନଜର ରଖାଯାଇପାରିବ ଏବଂ ମହିଳାଙ୍କ ବିଭିନ୍ନ ରୋଗର ଶୀଘ୍ର ଚିହ୍ନଟ ସମ୍ଭବ ହୋଇପାରିବ ବୋଲି ସେ ଦାବି କରିଛନ୍ତି । ଏଣ୍ଡୋମେଟ୍ରିଓସିସ୍ ଓ ପିସିଓଏସ୍ ଭଳି ସମସ୍ୟା ଦେଇ ଗତି କରୁଥିବା ତାଙ୍କ ଗର୍ଲଫ୍ରେଣ୍ଡ ଗତ ୧୦୦ ଦିନ ହେବ ଏକ ହେଲଥ୍ ଏକ୍ସପେରିମେଣ୍ଟର ଅଂଶବିଶେଷ ସାଜିଛନ୍ତି । ଯେଉଁଥିରୁ ପ୍ରାୟ ୧.୪ କୋଟି ଡାଟା ପଏଣ୍ଟସ ସଂଗ୍ରହ କରାଯାଉଛି । ମହିଳାଙ୍କ ସ୍ୱାସ୍ଥ୍ୟକୁ ଅଧିକ ଭଲ ଭାବେ ବୁଝିବା ଏବଂ ଭବିଷ୍ୟତରେ ଚିକିତ୍ସାର ନୂଆ ଉପାୟ ଖୋଜିବା ହିଁ ଏହି ନିଆରା ପରୀକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବ୍ରାୟନ୍ ପ୍ରକାଶ କରିଛନ୍ତି ।

## ଡେଟିଂକୁ ନେଇ ଚର୍ଚ୍ଚା



ସୋସିଆଲ ମିଡିଆରେ ସଞ୍ଜିଦା ଶେଖଙ୍କର ଏକ ପୋଷ୍ଟ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ପୋଷ୍ଟକୁ ଫ୍ୟାନମାନେ ଅଭିନେତା ହର୍ଷବର୍ଦ୍ଧନ ରାଣେଙ୍କ ପୋଷ୍ଟ ସହିତ ତୁଳନା କରି ଉଭୟ ରିଲେସନ ସିପରେ ଥିବା କଥା ଆକଳନ କରୁଛନ୍ତି । ପୋଷ୍ଟ ଅନୁସାରେ ଉଭୟ ଷ୍ଟାର ଏକାଠି ଏକ ରିସର୍ଟରେ ସମୟ ବିତାଉଛନ୍ତି । ତେଣୁ ଉଭୟ ରିଲେସନ ସିପରେ ଥିବା ଏକପ୍ରକାର ସ୍ୱଷ୍ଟ ହୋଇଛି ବୋଲି ଫ୍ୟାନମାନେ ମତ ଦେଉଛନ୍ତି । ଯଦିଓ ଦୁହିଁଙ୍କ ମଧ୍ୟରୁ କୌଣସି ଫଟୋରେ ସେମାନେ ଏକାଠି ନଜର ଆସିନାହାନ୍ତି, ତଥାପି ଏକା ସମାନ ଲୋକେସନ ଓ ବ୍ୟାକଗ୍ରାଉଣ୍ଡ ଥିବା ଏହି ପୋଷ୍ଟ ଦେଖି ଫ୍ୟାନ୍ସଙ୍କ ମଧ୍ୟରେ ସେମାନଙ୍କ ଆଫେୟାରକୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଛି । ପ୍ରକାଶଯୋଗ୍ୟ ଯେ, ୨୦୨୦ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ତୈଶ'ରେ ଏକାଠି କାମ କରିଥିବା ସଞ୍ଜୀଦା ଓ ହର୍ଷବର୍ଦ୍ଧନ ପୂର୍ବରୁ ମଧ୍ୟ ଜଙ୍ଗଲ ସଫାରୀ ସମୟର ସମାନ ବ୍ୟାକଗ୍ରାଉଣ୍ଡ ଫଟୋକୁ ନେଇ ଡେଟିଂ ଖବର ପାଇଁ ଚର୍ଚ୍ଚାକୁ ଆସିଥିଲେ ।

## ସୋସିଆଲ କୋଟ୍ସ



ମୁଁ ହ୍ରିତିକ୍‌ର କ୍ୟାରିୟରକୁ ନେଇ ବହୁତ ଚିନ୍ତିତ ଥିଲି । ମୋତେ ଲାଗିଥିଲା କୋଇ ମିଲ୍ ଗୟା ଦେଖିବାକୁ କେହି ବି ହଲକୁ ଆସିବେ ନାହିଁ । ହେଲେ ମୁଁ ଯେତେବେଳେ ଏହାର ପ୍ରଥମ ସଟ୍ ସୁଟ କଲି ଏହାପରେ ଆତ୍ମବିଶ୍ୱାସ ବଢିଥିଲା ।
**ରାକେଶ ରୋଶନ, ଫିଲ୍ମ ମେକର**



ଫିଲ୍ମ ଇଣ୍ଡଷ୍ଟ୍ରି ଗୋଟିଏ ଖୁବ ସୁନ୍ଦର ସ୍ଥାନ । ଯେତେବେଳେ ମୁଁ ଏଠାକୁ ପ୍ରଥମଥର ପାଇଁ ଆସିଥିଲି ମୋତେ ଲାଗିଥିଲା ମୋତେ କାମ ଖୁବ ଜଲଦି ମିଳିଯିବ । ହେଲେ ମୋତେ ସଂଘର୍ଷ କରିବାକୁ ପଡିଥିଲା ।
**ସୁନିଲ ଗ୍ରୋବର, ହାସ୍ୟ ଅଭିନେତା**



ମୁଁ ଶାହରୁଖଙ୍କର ବଡ ଫ୍ୟାନ୍ । ନବେ ଦଶକ କେବଳ ତାଙ୍କ ପାଇଁ ହିଁ ଖାସ ଥିଲା । ତାଙ୍କ ଫିଲ୍ମ ଦେଖି ଆମେ ଅନେକ କିଛି ଶିଖିଛୁ ।
**ରାଜ କୁମାର ରାଓ, ଅଭିନେତା**



**ମେଷ:** ମାନସମ୍ମାନ ହାନି, ପରିବାରରେ ବିରୋଧ, ମୂଲ୍ୟବାନ ପଦାର୍ଥ ନଷ୍ଟ, ମନ ଅସ୍ଥିର, ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମକ୍ଷେତ୍ରରେ ମିତ୍ରତା, ଦୂର ସ୍ଥାନକୁ ଯାତ୍ରା, ମାନସିକ ଅସ୍ଥିରତା । ଦ୍ୱିଜା ମେଷ- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ, ସଂଖ୍ୟା-୩, ଆରାଧନା- ମା' ବଗଳାମୁଖୀ ।

**ବୃଷ:** ବାଦବିବାଦ, ସ୍ୱାସ୍ଥ୍ୟ ପ୍ରତି ସତର୍କ, ଅଧିକ ଖର୍ଚ୍ଚ, ମନ ଅସ୍ଥିର, ଶତ୍ରୁ ରହିବେ, କର୍ମକ୍ଷେତ୍ରରେ ଖୁସି, ବନ୍ଧୁ ବିଚ୍ଛେଦ, ପାରିବାରିକ ସହଯୋଗ । କୃତ୍ତିକା ବୃଷ- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ମନରେ ପ୍ରସନ୍ନତା, ବନ୍ଧୁ ଦର୍ଶନ, ଦୂରସ୍ଥାନକୁ ଯାତ୍ରା, ବ୍ୟବସାୟରେ ଉନ୍ନତି, ଅତିଥିଙ୍କ ଆଗମନ, ଉଚ୍ଚ ସମ୍ମାନ ପ୍ରାପ୍ତି, ଗୃହରେ ଉତ୍ସବ, ବିଦ୍ୟାଲାଭ, ଶତ୍ରୁ ପରାଜିତ । ମୃଗଶିରା ମିଥୁନ- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୩, ଆରାଧନା- ପ୍ରଭୁ ଜଗନ୍ନାଥ ।

**କର୍କଟ:** ପରପୋକାର, ବନ୍ଧୁ ଲାଭ, କର୍ମକ୍ଷେତ୍ରରେ ଆନନ୍ଦ, ବନ୍ଧୁଙ୍କ ସାକ୍ଷାତ, ରାଜ ସମ୍ମାନ ପ୍ରାପ୍ତି, ବ୍ୟବସାୟରେ ବିରୋଧ, ନ୍ୟାୟିକ ବ୍ୟବସ୍ଥାରେ ଲାଭ, ନୂତନ କାର୍ଯ୍ୟରେ ଖୁସି । ପୁଷ୍ୟା କର୍କଟ- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମେରୁନ, ସଂଖ୍ୟା-୨, ଆରାଧନା- ମା' ତ୍ରିପୁରା ସୁନ୍ଦରୀ ।

**ସିଂହ:** କର୍ମେ ଅଶାନ୍ତି, ମନ ଅସ୍ଥିର, କର୍ମକ୍ଷେତ୍ରରେ ବିରୋଧ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପୁରାତନ ରୋଗପୀଡ଼ା, ଅର୍ଥ ସମସ୍ୟା, ଗାଡ଼ିଚାଳନରେ ସାବଧାନ, ଶତ୍ରୁ କଷ୍ଟ । ପୂର୍ବାଫାଲଗୁନି ସିଂହ- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା-ଗ୍ରାମଦେବତୀ ।

**କନ୍ୟା:** ବିବାଦ ସମାଧାନ, ପରିବାରରେ ସହଯୋଗ, ବନ୍ଧୁଙ୍କ ସହ ମିତ୍ରତା, ମନରେ ସନ୍ଦେହ, ବ୍ୟବସାୟିକ ଖୁସି, ବାହାରକୁ ଯାତ୍ରା, ଗୃହରେ ଉତ୍ସବ, ଦ୍ରବ୍ୟ ଚୋରି, ଆର୍ଥିକ ଲାଭ, ଅଯଥା ଅଶାନ୍ତି । ଚିତ୍ରା କନ୍ୟା- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୫, ଆରାଧନା- ଭଗବାନ ବିଷ୍ଣୁ ।

**ତୁଳା:** ମନରେ ଉତ୍ସାହ, ଦ୍ରବ୍ୟ ପ୍ରାପ୍ତି, ପିଲାଙ୍କ ଖୁସି, ବିଦେଶ ଭ୍ରମଣ, ବ୍ୟବସାୟରେ ଲାଭ, ଆର୍ଥିକ ଉନ୍ନତି, ବନ୍ଧୁ ସହଯୋଗ, ଶାରୀରିକ ସୁସ୍ଥ, ମକଦ୍ଦମାରେ ବିଜୟ, ସମ୍ମାନ ଲାଭ, ଶୁଭ ଆଲୋଚନା । ସ୍ୱାତୀ ତୁଳା- ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୩, ଆରାଧନା- ଭଗବାନ ଶଙ୍କର ।

**ବିଛା:** ମାନସିକ ଅସ୍ଥିରତା, କର୍ମକ୍ଷେତ୍ରରେ ବିରୋଧ, ଅର୍ଥ ସମସ୍ୟା, ଗୃହଶତ୍ରୁ, ଉତ୍ସବ ପ୍ରତି ବିମୁଖ, ବ୍ୟବସାୟରେ ଶତ୍ରୁତା, ଯାନ୍ତ୍ରିକ ସମସ୍ୟା, ବିଦ୍ୟାରେ ଅଳ୍ପ ଲାଭ, ରାଜଦଣ୍ଡ, ଯାତ୍ରାରେ ଖୁସି । ଜ୍ୟେଷ୍ଠା ବିଛା- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୫, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ମନରେ ପ୍ରସନ୍ନତା, ସୁସମ୍ବାଦ, ମାନସମ୍ମାନ, ଉଚ୍ଚ ଆଶା ପୂର୍ଣ୍ଣ, ବନ୍ଧୁମିଳନ, ଶାରୀରିକ ସୁସ୍ଥ, ଶତ୍ରୁ ପରାଜିତ, ବ୍ୟବସାୟରେ ଉନ୍ନତି, ବିବାଦ ସମାଧାନ, ପଦବୀ ଲାଭ, ଭୂସମ୍ପତ୍ତି ଲାଭ, ବିଦ୍ୟାରେ ଉନ୍ନତି, ଯଶ ମିଳିବ । ଉତ୍ତରାଷାଢ଼ା ଧନୁ- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ଶ୍ୟାମାକାଳୀ ।

**ମକର:** ଶାରୀରିକ ଅସୁସ୍ଥ, ବନ୍ଧୁ ଦର୍ଶନ, ଭ୍ରମଣ ଯୋଗ, ଉଚ୍ଚ ଆଶାରେ ବାଧା, ଶତ୍ରୁ ଶଙ୍କଟ, ଋଣ କରିବେ, ଉତ୍ସବ ପ୍ରତି ବିମୁଖ, ଅର୍ଥ ସମସ୍ୟା, ଭଲ କାର୍ଯ୍ୟରେ ବିବାଦ, ଅପବାଦ, ଚୋରି ଭୟ । ଧନିଷ୍ଠା ମକର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୪, ଆରାଧନା- ମା' ବଗଳାମୁଖୀ ।

**କୁମ୍ଭ:** ନୂତନ କର୍ମାରମ୍ଭ, ଆର୍ଥିକ ଉନ୍ନତି, ପାରିବାରିକ ଖୁସି, ବ୍ୟବସାୟରେ ଲାଭ, ସମ୍ପର୍କରେ ସୁଧାର, ଅର୍ଥ ଖର୍ଚ୍ଚ, ମକଦ୍ଦମାରେ ବିଜୟ, ସୁସମାଚାର, ଅଯଥା ଅଶାନ୍ତି, ବଡ଼ ଡିଲ୍ କରିବେ, ଆଶାଠୁ ଅଧିକ ସଫଳତା । ପୂର୍ବାଭାଦ୍ର କୁମ୍ଭ- ସତର୍କ ରୁହନ୍ତୁ, ଶୁଭରଙ୍ଗ- ମାଟିଆ, ସଂଖ୍ୟା-୧, ଆରାଧନା- ପ୍ରଭୁ ହନୁମାନ ।

**ମୀନ:** କର୍ମରେ ସଫଳତା, ସମ୍ମାନ ପ୍ରାପ୍ତି, ପାରିବାରିକ ସହଯୋଗ, ଆର୍ଥିକ ଲାଭ, ପଦବୀ ଲାଭ, ଶତ୍ରୁ ପରାଭବ, ବିଦେଶ ଭ୍ରମଣ, ନୂତନ ନିଯୁକ୍ତି, ଶୁଭକାର୍ଯ୍ୟରେ ଆଗ୍ରହ, ପିଲାଙ୍କ ଚିନ୍ତା, ଦ୍ରବ୍ୟ ଲାଭ । ଉତ୍ତରଭାଦ୍ର ମୀନ- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନାଲି, ସଂଖ୍ୟା-୯, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ଶ୍ରାବଣ କୃଷ୍ଣପକ୍ଷ ଦ୍ୱାଦଶୀ**
**୧୦.୮.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ସରଳା ଦେବୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପିତ

# ନାରୀ ସଶକ୍ତିକରଣର ପ୍ରତୀକ ହେଉଛନ୍ତି ସରଳା ଦେବୀ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ବିଧାନସଭା ପାର୍ଶ୍ୱରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପ୍ରଥମ ମହିଳା ବିଧାୟିକା ସରଳା ଦେବୀଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରଳା ଦେବୀଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ କରିବା ସହ ନିଜର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, "ନାରୀ ସଶକ୍ତିକରଣ ଏବଂ ଓଡ଼ିଶାର ସାମାଜିକ ଓ ରାଜନୈତିକ ଜାଗରଣର ପ୍ରତୀକ ସରଳା ଦେବୀଙ୍କର ଆଜି ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପିତ କରାଯାଇଛି। ସରଳା ଦେବୀ ଓଡ଼ିଶାର କେବଳ ପ୍ରଥମ ମହିଳା ବିଧାୟିକା ନଥିଲେ, ବରଂ ସ୍ୱାଧୀନତା ସଂଗ୍ରାମ ଓ ମହିଳା ମାନଙ୍କୁ ଅଧିକାର ପ୍ରଦାନ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ଥିଲା। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେଇଥିଲେ। ବିଧାୟିକା ଭାବେ ସରଳା ଦେବୀ ନାରୀ ଶିକ୍ଷା ଓ ମହିଳା ମାନଙ୍କର ସାମାଜିକ ସୁରକ୍ଷା ପାଇଁ କାର୍ଯ୍ୟ କରିଥିଲେ। ସରଳା ଦେବୀଙ୍କ ପରି ମହାନ ବିପ୍ଳବୀଙ୍କ ତ୍ୟାଗ ଓ ସେବା ମନୋଭାବ ଆମକୁ ସଦାସର୍ବଦା ନିଷ୍ଠାର ସହ ଜନସେବା କରିବାକୁ ପ୍ରେରଣା ଦେଇ ଆସୁଛି" ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଏକାମ୍ର ବିଧାୟକ ବାବୁ ସିଂ, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗର ଶାସନ ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ଉପ ନିର୍ଦ୍ଦେଶକ ଶ୍ରୀମତୀ ଦେବଯାନୀ ଭୂୟାଁ, ଉପ ନିର୍ଦ୍ଦେଶକ ଶ୍ରୀମତୀ ଶୁଚିସ୍ମିତା ମନ୍ତ୍ରୀ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ରହି ସରଳା ଦେବୀଙ୍କ ସ୍ମୃତିଚାରଣ କରିଛନ୍ତି।

## ଚୋରି ହୋଇଥିବା ୧୨ ଗ୍ୟାସ୍ ସିଲିଣ୍ଡର ଜବତ, ଜଣେ ଗିରଫ

ଚୌଦ୍ୱାର,(ସବ୍ୟୁ): ଗତ କିଛିଦିନ ହେବ ଚୌଦ୍ୱାର ଅ ଳରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଚୋରି ହେଉଥିବା ଚର୍ଚ୍ଚା ଚାଲିଥିବାବେଳେ ଚୌଦ୍ୱାର ପୋଲିସ୍ ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୧୨ଟି ରୋଷେଇ ଗ୍ୟାସ୍ ସିଲିଣ୍ଡରକୁ ଜବତ କରିବା ସହିତ ସିଲିଣ୍ଡର ଚୋରି କରିଥିବା ଜଣେ ଯୁବକକୁ ଗିରଫ କରିବା ଫଳରେ ଅଭିଯୋଗର ସତ୍ୟତା ପଦାକୁ ଆସିଛି । ଗ୍ୟାସ୍ ସିଲିଣ୍ଡର ଚୋରି ଅଭିଯୋଗରେ ଗିରଫ ହୋଇଥିବା ଯୁବକ ଜଣକ ହେଲେ ଚୌଦ୍ୱାର ଗୁପ୍ତେଶ୍ୱର ସାହିର ସନ୍ତୋଷ ବାରିକ ଓରଫ ଟୁଙ୍ଗା(୨୪) । ଜବତ ହୋଇଥିବା ଗ୍ୟାସ୍ ସିଲିଣ୍ଡର ଗୁଡ଼ିକ ମଧ୍ୟରୁ ୫ଟି ଭାରତ ଗ୍ୟାସ୍, ୫ଟି ଇଣ୍ଡେନ୍ ଗ୍ୟାସ୍ ଓ ୨ଟି ଏଚ୍‌ପି ଗ୍ୟାସ୍ କମ୍ପାନୀର ବୋଲି ପୋଲିସ୍ ସୂଚନା ଦେଇଛି । ଏଥି ସହିତ ପୋଲିସ୍ ତା ନିକଟରୁ ଏକ ବାଜାଜ ପଲସର ବାଇକ୍ ମଧ୍ୟ ଜବତ କରିଛି ।ପୋଲିସ୍ ସୂଚନା ଅନୁଯାୟୀ ଗାନ୍ଧୀଛକସ୍ଥିତ ଏକ ଗ୍ୟାସ୍ ଏଜେନ୍ସିରେ ଡ୍ରାଇଭର ଭାବେ କାର୍ଯ୍ୟକରୁଥିବା କପାଳେଶ୍ୱର ନୂଆସାହିର ଉ ମ କୁମାର ସାହୁ ଶନିବାର ଦିନ ଥାନାରେ ଅଭିଯୋଗ କରିଥିଲେଯେ ଗ୍ରାହକ ମାନଙ୍କୁ ଡେଲିଭରି ଦେବାପାଇଁ ସେ ତାଙ୍କ ଫୁଟେଜ ଯା କରିବା ସହିତ ବିଶ୍ୱସ୍ତ ସୁତ୍ରରୁ ଖବର ସଂଗ୍ରହକରି ଅଭିଯୁକ୍ତ ସନ୍ତୋଷକୁ ଗିରଫ କରିଥିଲେ । ସନ୍ତୋଷ ଚୌଦ୍ୱାର ଥାନା ଓ ଜଗତପୁର ଥାନା ଅ



ଗାଡ଼ିରେ ୨୩ଟି ସିଲିଣ୍ଡର ଲୋଡ଼କରି ଶନିବାର ମଧ୍ୟାହ୍ନରେ ସ୍ଥାନୀୟ ଏକ ହୋଟେଲ ସମ୍ମୁଖରେ ଗାଡ଼ିଟିକୁ ରଖି ଖାଇବା ପାଇଁ ହୋଟେଲ ଭିତରକୁ ଯାଇଥିବା ବେଳେ କେହି ଗାଡ଼ିରୁ ଗୋଟିଏ ସିଲିଣ୍ଡର ଚୋରେଇ ନେଇଥିବା ସେ ହୋଟେଲରୁ ବାହାରି ଜାଣିବାକୁ ପାଇଥିଲେ । ଅଭିଯୋଗପାଇ ପୋଲିସ ବିଭିନ୍ନ ସିସିଟିଭି ଳରେ ବିଭିନ୍ନ ସମୟରେ ଗାଡ଼ିରୁ ସିଲିଣ୍ଡର ଚୋରି କରିଥିବା ପଚରା ଉଚରା ବେଳେ ପୋଲିସ ଆଗରେ ସ୍ୱିକାର କରିବା ସହିତ ଚୋରି ସିଲିଣ୍ଡର ଗୁଡ଼ିକୁ ଓଟିଏମ୍ ବଜାରସ୍ଥିତ ମା ତାରିଣୀ ଗ୍ୟାସ୍ ଏବଂ ପାର୍ଟସ୍ ଦୋକାନର ମାଲିକ ବିକ୍ରମ ରାଉତକୁ ବିକିଥିବା ସୂଚନା ଦେଇଥିଲା । ଘଟଣାର ଅଧିକ ତଦନ୍ତ ଜାରୀ ରହିଛି ।

### କାର୍ଯ୍ୟସ୍ଥଳୀରେ ହେଉଥିବା ବାରମ୍ବାର ହିଂସା ଏବଂ ଦୁର୍ବ୍ୟବହାରର ପ୍ରତିବାଦ

## ଓଡ଼ିଶା ସ୍ତ୍ରୀରୋଗ ଓ ପ୍ରସୂତୀ ସଂଘ (ଏଓଜିଓ) ଆନୁକୂଲ୍ୟରେ ପ୍ରତୀକ ପ୍ରତିବାଦ ପଦଯାତ୍ରା

ଭୁବନେଶ୍ୱର (ସବ୍ୟୁ): ସାମ୍ପ୍ରତିକ ପରିସ୍ଥିତିରେ ଉଭୟ ସରକାରୀ ଏବଂ ବେସରକାରୀ ସ୍ୱାସ୍ଥ୍ୟସେବା ଅନୁଷ୍ଠାନମାନଙ୍କର ଡାକ୍ତର ତଥା ମହିଳା ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ପ୍ରତି କାର୍ଯ୍ୟସ୍ଥଳୀରେ ହେଉଥିବା ବାରମ୍ବାର ହିଂସା ଏବଂ ଦୁର୍ବ୍ୟବହାରର ପ୍ରତିବାଦରେ ସର୍ବଭାରତୀୟ ସ୍ତ୍ରୀରୋଗ ଓ ପ୍ରସୂତୀ ସଙ୍ଗଠନ ଆହ୍ୱାନରେ ରବିବାର କଟକସ୍ଥିତ ଓଡ଼ିଶା ସ୍ତ୍ରୀରୋଗ ଓ ପ୍ରସୂତୀ ସଂଘ (ଏଓଜିଓ) ଆନୁକୂଲ୍ୟରେ ଏକ ପ୍ରତିକ ପ୍ରତିବାଦ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି ।୨୦୨୪ ମସିହା ଅଗଷ୍ଟ ୯ ତାରିଖରେ କୋଲକାତାର ଆର୍.ଜି.କର ମେଡିକାଲ କଲେଜ ତଥା ହସ୍‌ପିଟାଲରେ ଜଣେ କର୍ତ୍ତବ୍ୟରତା ଉପାଧ୍ୟୁତର ଶିକ୍ଷାନବୀଶଙ୍କୁ କାର୍ଯ୍ୟକ୍ଷେତ୍ରରେ ଅମାନୁଷିକ ପାଶବିକ ଆକ୍ରମଣ କରାଯାଇ ପ୍ରତିବର୍ଷ ଅଗଷ୍ଟ ୯ ତାରିଖକୁ ଅଭୟା ଦିବସରୂପେ ଦେଶସାରା (ଏଫ୍‌ଓଜିଏସ୍‌ଆଇ) ପକ୍ଷରୁ ପାଳନ କରାଯିବା ଅବସରରେ ଡାକ୍ତର, ଆଇ.ଏମ୍.ଏ., ଓମ୍‌ଟା, ଓମ୍‌ସା, ନର୍ସିଂସଂଘ, ଜୁନିଅର ଡାକ୍ତର ସଂଘଙ୍କ ତରଫରୁ ଏକ ବିଶାଳ ରାଲି କଟକ ଆଇ.ଏମ୍.ଏ ମୁଖ୍ୟକାର୍ଯ୍ୟାଳରୁ ବାହାରି ବିଭିନ୍ନ ପ୍ରତିବାଦ ବ୍ୟାନର ଓ ପ୍ଲାକାର୍ଡ ସହ ନାରାଦେଇ ସହର ପରିକ୍ରମା କରି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ତଥା ହସପିଟାଲ ପରିସରରେ ପହଞ୍ଚିଥିଲା । ସେଠାରେ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପଦଯାତ୍ରାର ଅବସାନ ଘଟିଥିଲା । ସେଠାରେ ଉପସ୍ଥିତ ଥିବା ସଂଘର ସଭାପତି ଡ. ଜନ୍ମେଜୟ ମହାପାତ୍ର, ସମ୍ପାଦକ ଡ. ଅଶୋକ କୁମାର ପାଢୀ ଉଦ୍‌ବୋଧନ ଦେଇ ଡାକ୍ତର ତଥା ସ୍ୱାସ୍ଥ୍ୟକର୍ମୀମାନଙ୍କୁ କାର୍ଯ୍ୟସ୍ଥଳରେ ସୁରକ୍ଷା, ସମ୍ମାନ ଓ ନ୍ୟାୟ ପ୍ରଦାନ କରିବାପାଇଁ ସଚେତନ କରିଥିଲେ । ସମସ୍ତ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସମାଜର ମିତ୍ର ତଥା ଶୁଭାକାଂକ୍ଷୀ । ସେମାନେ ନିଜେ ସୁରକ୍ଷିତ ତଥା ଚାପ ମୁକ୍ତ ରହିଲେ ରୋଗୀମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପ୍ରଦାନ କରିପାରିବେ । କାର୍ଯ୍ୟସ୍ଥଳରେ ଅସୁରକ୍ଷିତ, ଅପମାନିତ ଓ ଅନ୍ୟାୟର ଶୀକାର ହୋଇ କୌଣସି କର୍ମଚାରୀ କେବେ ଏପରି ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତି ବା ତାହାଙ୍କ ପରିବାରବର୍ଗଙ୍କୁ ଉପଯୁକ୍ତ ସେବା ପ୍ରଦାନ କରି ପାରିବେ ନାହିଁ । ଏହି କାର୍ଯ୍ୟକ୍ରମକୁ ସଂଘର ସଭାପତି ଡ. ଜନ୍ମେଜୟ ମହାପାତ୍ର, ଉପସଭାପତି ଡ. ସଞ୍ଜୟ ସ୍ୱାଇଁ, ସମ୍ପାଦକ ଡ. ଅଶୋକ କୁମାର ପାଢ଼ୀ, ଡ. ତୁଷାର କର, ଡ. ଭାଗ୍ୟଲକ୍ଷ୍ମୀ ନାୟକ, ଡ. ମୃତ୍ୟୁଞ୍ଜୟ ମହାପାତ୍ର, ଡ. ଜ୍ୟୋର୍ତିମୟ ନାୟକ, ଡ. ରଞ୍ଜନା ଭଣ୍ଡାରୀ, ଡ. ମମତା ନାୟକ, ଡ. ହରପ୍ରସାଦ ପଟ୍ଟନାୟକ, ଜ୍ଞାନରଂଜନ ସାହୁ, ଆଇଏମ୍ଏ ର ସଦସ୍ୟ, ଜୁନିୟର ଡକ୍ଟର ସଂଘ, ଓମ୍‌ସାର ସଦସ୍ୟ, ଓମ୍‌ଟାର ସଦସ୍ୟ, ନର୍ସିଂ ଅଧିକାରୀ ସକ୍ରୀୟ ଅଂଶଗ୍ରହଣ କରିଥିଲେ ।




## ଗାଁ ମୁହାଁ ଜଙ୍ଗଲୀ ହାତୀ

ବାରଙ୍ଗ ,(ସବ୍ୟୁ): ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଦୁଇ ଗୋଟି ଜଙ୍ଗଲୀ ହାତୀ ପଶିଆସି ଉତ୍ପାତ କରିଛନ୍ତି । ଗୋଟିଏ ଦନ୍ତା ଓ ଗୋଟେ ମାଇ ହାତୀ ଚନ୍ଦକା ଜଙ୍ଗଲରୁ ବାହାରି ଭୂଆସୁଣୀ ଦେଇ ଦାରୁଠେଙ୍ଗ ଉଚ୍ଚ ବିଦ୍ୟାଳୟ ପାଚେରୀ ଭାଙ୍ଗି ସ୍କୁଲ ହତା ଭିତରକୁ ପଶିଥିଲେ ।ସ୍କୁଲରେ ଲାଗିଥିବା ନଡ଼ିଆ ଗଛ, କଦଳୀ ଗଛ ଓ ଆମ୍ବ ଗଛକୁ ଭାଙ୍ଗି ଦଳି ଚକଟି ନଷ୍ଟ କରିଥିଲେ ।ଏହାଦେଖି ସ୍କୁଲ ରାତ୍ର ଜଗୁଆଳି ଜଙ୍ଗଲ ବିଭାଗକୁ ଖବର ଦେଲା ପରେ ବନ କର୍ମଚାରୀ ମାନେ ଆସି ହାତୀକୁ ଘଉଡ଼ାଇ ଥିଲେ ।ଏହାପରେ ହାତୀ ଅନ୍ୟ ଏକ ଜାଗାରେ ପାଚେରୀ ଭାଙ୍ଗି ସ୍କୁଲ ଭିତରୁ ବାହାରି ଗାଁ ଭିତରକୁ ପ୍ରବେଶ କରିଥିଲେ ।ପରେ ସାହି ରାସ୍ତା ଦେଇ ଶ୍ୟାମସୁନ୍ଦର ମୌଜା ଆଡେ ହାତୀ ପଳେଇଥିଲେ ।

### ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ

## ଗଙ୍ଗାଧରଙ୍କ କାଳଜୟୀ ସୃଷ୍ଟିରାଜି ଆମ ଓଡ଼ିଆ ଅସ୍ମିତା ଓ ଜାତୀୟ ଚେତନାର ପ୍ରତୀକ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ରବିବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସ୍ୱଭାବ କବିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, "ଓଡ଼ିଆ ସାହିତ୍ୟ ଜଗତର ଅମର ସାଧକ ସ୍ୱଭାବ କବି ଗଙ୍ଗାଧର ମେହରଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ସ୍ୱଭାବ କବି ଗଙ୍ଗାଧର ମେହରଙ୍କ ଦ୍ୱାରା ରଚିତ 'ତପସ୍ୱିନୀ', 'ଇନ୍ଦୁମତୀ' ଆଦି କବିତା ଓଡ଼ିଆ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛନ୍ତି। ଗଙ୍ଗାଧରଙ୍କ କାଳଜୟୀ ସୃଷ୍ଟିରାଜି ଆମ ଓଡ଼ିଆ ଅସ୍ମିତା ଓ ଜାତୀୟ ଚେତନାର ପ୍ରତୀକ। ତାଙ୍କର ପ୍ରକୃତିପ୍ରେମୀ ଓ ମାନବବାଦୀ ସାହିତ୍ୟ ଆଜି ବି ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟକୁ ସ୍ପର୍ଶ କରେ। ସ୍ୱଭାବ କବିଙ୍କ ସାହିତ୍ୟ କୃତି ଭବିଷ୍ୟତ ପିଢ଼ି ଓ ଯୁବ ବର୍ଗଙ୍କ ପାଇଁ ମାର୍ଗଦର୍ଶକ", ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସ୍ୱଭାବ କବିଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଏକାମ୍ର ବିଧାୟକ ବାବୁ ସିଂ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗର ଶାସନ ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ, ଉପ ନିର୍ଦ୍ଦେଶକ ଶ୍ରୀମତୀ ଦେବଯାନୀ ଭୂୟାଁ, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ରହି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତିଚାରଣ କରିଛନ୍ତି।

# କୃଷିରେ ମହିଳା - ଓଡିଶାରେ ୭୦ ପ୍ରତିଶତ

ଭୁବନେଶ୍ୱର,(ତଥ୍ୟ) ସମଗ୍ର ଦେଶରେ କୃଷି କ୍ଷେତ୍ରରେ ହାରାହାରି ୭୦ ପ୍ରତିଶତ ମହିଳା କାର୍ଯ୍ୟ କରୁଥିବାବେଳେ ଓଡ଼ିଶାରେ ଏହା ପାଖାପାଖି ୭୦ ପ୍ରତିଶତ ରହିଛି। ତେବେ ରାଜସ୍ଥାନରେ ସର୍ବାଧିକ ମହିଳା କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜଣାଯାଇଛି। କୃଷି କ୍ଷେତରେ ମହିଳାଙ୍କ ଯୋଗଦାନ ସଂକ୍ରାନ୍ତରେ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ ରାମନାଥ ଠାକୁର ରାଜ୍ୟସଭାରେ ରଖିଥିବା ଉତ୍ତରରୁ ଏହା ଜଣା।ଯାଇଛି। କେନ୍ଦ୍ରମନ୍ତ୍ରୀ ଦର୍ଶାଇଛନ୍ତି ଯେ ସମଗ୍ର ଦେଶରେ କୃଷି କ୍ଷେତରେ ମହିଳାଙ୍କ ଯୋଗଦାନ ୫୯.୮୧ ପ୍ରତିଶତ ରହିଥିବାବେଳେ ଓଡିଶାରେ ଏହା ୬୯.୧୦ ପ୍ରତିଶତ ରହିଛି। ରାଜସ୍ଥାନରେ ଏହା ସର୍ବାଧିକ ୭୮.୧୨ ପ୍ରତିଶତ ଥିବାବେଳେ ହିମାଚଳପ୍ରଦେଶରେ ୭୭.୩୪, ଝାଡଖଣ୍ଡରେ ୭୫.୫୭, ବିହାରରେ ୭୪.୫୮ ମଧ୍ୟପ୍ରଦେଶରେ ୭୨.୬୨, ନାଗାଲାଣ୍ଡରେ ୭୧.୬୮ ପ୍ରତିଶତ ରହିଛି। ସବୁଠାରୁ କମ୍ ୦.୪୮ ପ୍ରତିଶତ ଚଣ୍ଡିଗଡରେ ରହିଛି। ଏହି ରାଜ୍ୟରେ କୃଷି କ୍ଷେତ୍ରରେ ପ୍ରାୟତଃ ମହିଳାଙ୍କୁ ଦେଖିବାକୁ ମିଳିନଥାଏ।

କୃଷି କ୍ଷେତ୍ରରେ କାର୍ଯ୍ୟରତ ମହିଳାଙ୍କ ସମେତ ସମସ୍ତ କୃଷକମାନଙ୍କ ପାଇଁ ସରକାର ଅନେକଗୁଡିଏ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିଷାନ କ୍ରେଡିର୍ଟ କାର୍ଡରେ ଚାଷୀମାନଙ୍କୁ ୭ ପ୍ରତିଶତ ସୁଧରେ ଋଣ ଯୋଗାଣ ହେଉଥିବାବେଳେ ଯେଉଁମାନେ ନିୟମିତ ଋଣ ପରିଶୋଧ କରୁଛନ୍ତି ସେମାନଙ୍କୁ ୩ ପ୍ରତିଶତ ସୁଧ ଛାଡ କରାଯାଉଛି। ଫଳରେ ଏହି ଯୋଜନାରେ ଚାଷୀମାନେ ୪ ପ୍ରତିଶତ ସୁଧ ହାରରେ ଋଣ ପାଉଛନ୍ତି। ୨୦୨୪-୨୫ ବର୍ଷରେ ସାରା ଦେଶରେ ଏଥିରେ ପ୍ରାୟ ୫.୪ କୋଟି ଚାଷୀ ଲାଭବାନ୍ ହୋଇଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରାଜ୍ୟ ସରକାରଙ୍କ ସହଯୋଗରେ କାର୍ଯ୍ୟକାରୀ ହେଉଛି। ୨୦୨୪-୨୫ ବର୍ଷରେ ଏଥିରେ ୨୧ ପ୍ରତିଶତ ମହିଳା ଚାଷୀ ସାମିଲ ହୋଇଛନ୍ତି। କୃଷି ଜ୍ଞାନକୌଶଳ ପରିଚାଳନା ସଂସ୍ଥା (ଆତ୍ମା) ଯୋଜନାରେ ରାଜ୍ୟ ସରକାରଙ୍କୁ ସହାୟତ ପ୍ରଦାନ କରାଯାଉଛି। ଏଥିରେ ମହିଳା ଚାଷୀମାନଙ୍କୁ ଅଗ୍ରାଧିକାର ଦିଆଯାଉଥିବାବେଳେ ସେମାନଙ୍କୁ ତାଲିମ, ପ୍ରଦର୍ଶନୀ ଆଦିରେ ସାମିଲ କରାଯାଉଛି। ଏହି ଯୋଜନାରେ ଅତି କମ୍‌ରେ ୩୦ ପ୍ରତିଶତ ମହିଳାଙ୍କର ଆବଶ୍ୟକ ହେଉଛି। କୃଷି କ୍ଷେତରେ ନୂତନ ଜ୍ଞାନକୌଶଳର ଉପଯୋଗ ପାଇଁ ପ୍ରତିଷ୍ଠା ହୋଇଥିବା କୃଷି ବିଜ୍ଞାନ କେନ୍ଦ୍ରରେ ମଧ୍ୟ ମହିଳା କୃଷକମାନଙ୍କୁ ଅଗ୍ରାଧିକାର ପ୍ରଦାନ କରାଯାଉଛି। ପିଏମ-କିଷାନ ଯୋଜନାରେ କୃଷକମାନଙ୍କୁ ବାର୍ଷିକ ୬୦୦୦ ଟଙ୍କା ଯୋଗାଇ ଦିଆଯାଉଥିବାବେଳେ ୨୩ତମ କିସ୍ତି ପ୍ରଦାନରେ ସମଗ୍ର ଦେଶରେ ୨କୋଟି ୧୮ ଲକ୍ଷରୁ ଅଧିକ ମହିଳା ଚାଷୀ ଏହି ସହାୟତା ପାଇପାରିଛନ୍ତି। କେବଳ କୃଷି କ୍ଷେତ ନୁହେଁ, କୃଷି ଓ ଏହାର ସହାୟକ କ୍ଷେତ୍ରରେ ମଧ୍ୟ ମହିଳମାନଙ୍କର ବିଶେଷ ଯୋଗଦାନ ରହୁଛି। ସର୍ବଭାରତୀୟ ସ୍ତରରେ ଏଥିରେ ମହିଳାଙ୍କ ଯୋଗଦାନ ପ୍ରାୟ ୧୪ ପ୍ରତିଶତ ରହୁଥିବାବେଳେ ଓଡିଶାରେ ମହିଳାଙ୍କ ଯୋଗଦାନ ୪ ପ୍ରତିଶତରୁ ସାମାନ୍ୟ ଅଧିକ ରହିଛି। ଏ କ୍ଷେତ୍ରରେ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷାଦୀପର ମହିଳାଙ୍କ ଯୋଗଦାନ ୪୧ ପ୍ରତିଶତରୁ ଅଧିକ ରହିଥିବାବେଳେ ଆନ୍ଧ୍ରପ୍ରଦେଶ ମହିଳାଙ୍କ ଯୋଗଦାନ ୩୦ପ୍ରତିଶତରୁ ଅଧିକ ରହିଛି।

## ଆମ ବସ ଧକ୍କାରେ ଅଟୋ ଚାଳକଙ୍କ ମୃତ୍ୟୁ, ୧ ଗୁରୁତର

ରଘୁନାଥପୁର,(ସବ୍ୟୁ) :କଟକ- ପାରାଦୀପ ରାସ୍ତାର ବିଦ୍ୟାଧରପୁର ଫାର୍ମ ନିକଟରେ ଆମ ବସ ଧକ୍କାରେ ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ସେଥିରେ ବସିଥିବା ଜଣେ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି ।ମୃତ ଯୁବକ ଜଣଙ୍କ ହେଲେ ରଘୁନାଥପୁର ଥାନା ତାରପୁର ଗ୍ରାମର ଅଭୟ ରାଉତଙ୍କ ପୁଅ ତନ୍ମୟ କୁମାର ରାଉତ (୨୬) ।ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଯୁବକ ହେଲେ ଏହି ଥାନା ଅନ୍ତର୍ଗତ ତାରାପୁର ପଞ୍ଚାୟତର ଓ୍ୱାର୍ଡ ସଭ୍ୟ ଖଣ୍ଡତରୀ ଗ୍ରାମର ସୌଭାଗ୍ୟ ରଞ୍ଜନ ବିଶ୍ୱାଳ ।ତନ୍ମୟ କଟକରୁ ଅଟୋ ନେଇ ତାରପୁର ଅଭିମୁଖେ ଆସୁଥିବାବେଳେ କନ୍ଦରପୁରରୁ ଆସୁଥିବା ଆମବସ ଓଡ଼ି୦୫ବିଆର ୬୯୫୩ ସମ୍ମୁଖରୁ ଆଟୋକୁ ଧକ୍କା ଦେଇଥିଲା ।ଘଟଣା ସ୍ଥଳରେ ଅଟୋ ଚାଳକ ତନ୍ମୟଙ୍କ ମୁଣ୍ଡ,ମୁହଁ ଓ ଛାତିରେ ଗଭୀର ଆଘାତ ଲାଗିଥିଲା ।ସେହିପରି ପଛରେ ବସିଥିବା ସୌଭାଗ୍ୟ ମଧ୍ୟ ଆହତ ହୋଇଥିଲେ ।ସେମାନଙ୍କୁ ତୁରନ୍ତ ବଡ଼ମେଡ଼ିକାଲ ନିଆଯାଇଥିଲା ।ସେଠାରେ ଡାକ୍ତର ତନ୍ମୟଙ୍କୁ ମୃତ ଘୋଷଣା କରିଥିଲେ ।ବିଦ୍ୟାଧରପୁର ଥାନା ପୋଲିସ ଦୁର୍ଘଟଣା ଗ୍ରସ୍ତ ବସ ଓ ଅଟୋକୁ ଜବତ କରିଥିବା ଜଣାପଡିଛି ।

## ନିବେଶ ବାହାନାରେ ୨୯ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ : ସ୍ୱାମୀ ଗିରଫ, ସ୍ତ୍ରୀ ଫେରାର

ଭୁବନେଶ୍ୱର, (ସବ୍ୟୁ) : ନିବେଶ ବାହାନାରେ ୨୯ଲକ୍ଷ ୨୦ ହଜାର ଟଙ୍କା ଠକିନେଇଥିବା ଦମ୍ପତିଙ୍କ ମଧ୍ୟରୁ ସ୍ୱାମୀ ଗିରଫ ହୋଇଥିବା ବେଳେ ସ୍ତ୍ରୀ ଫେରାର ଅଛି । ସହିଦନଗର ଥାନା ଅଞ୍ଚଳରେ ରହୁଥିବା ନିରଞ୍ଜନ ଆଚାର୍ଯ୍ୟ ଓରଫ ନାୟକ ଓ ତାଙ୍କ ସ୍ତ୍ରୀ ପ୍ରିୟଙ୍କା ମହାପାତ୍ର ଓରଫ ଲିନା ବିଭିନ୍ନ ଯୋଜନାରେ ଟଙ୍କା ନିବେଶ କରି ଅଧିକ ଲାଭ ପାଇବାର ପ୍ରଲୋଭନ ଦେଖାଇ ଅନେକ ଲୋକଙ୍କ ଠାରୁ ବହୁ ଟଙ୍କା ଠକି ନେଇଥିବା ଅଭିଯୋଗ କରିଥିଲେ ବୀଣାପାଣି ସାହୁ । ଅଭିଯୋଗ ଅନୁଯାୟୀ ଅଭିଯୁକ୍ତ ଦମ୍ପତି ଚିଟ୍‌ଫଣ୍ଡରେ ନିବେଶ, ଜମି କାରବାର ଏବଂ ବିଭିନ୍ନ ଆର୍ଥିକ ଲାଭର ପ୍ରତିଶ୍ରୁତି ଦେଇ ଅଭିଯୋଗକାରିଣୀଙ୍କ ସମେତ ଅନେକ ବ୍ୟକ୍ତିଙ୍କ ଠାରୁ ଟଙ୍କା ସଂଗ୍ରହ କରିଥିଲେ । ପରେ ଟଙ୍କା ଫେରସ୍ତ ନକରି ଦୁହେଁ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗକାରିଣୀଙ୍କ କହିବାନୁଯାୟୀ ଉଭୟ ଅଭିଯୁକ୍ତ ନିଜ ମୋବାଇଲ ଫୋନ୍ ବନ୍ଦ କରିଦେଇଥିଲେ ଏବଂ କାହାରି ଫୋନ୍ କିମ୍ବା ମ୍ୟାସେଜର ଉତ୍ତର ଦେଉନଥିଲେ ।

ସେମାନଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇ ପୀଡିତ-ପୀଡିତାମାନେ ସହିଦନଗରସ୍ଥିତ ତାଙ୍କ ବାସଭବନ ଓ ବ୍ୟବସାୟିକ ପ୍ରତିଷ୍ଠାନ ଯଥା ବିୟୁଟି ପାର୍ଲର ଶାଢି/ଆପ୍ଲିକ୍ କାମର ଦୋକାନରେ ଖୋଜାଖୋଜି କରିଥିଲେ । କିନ୍ତୁ ସେମାନଙ୍କୁ ସେଠାରେ ପାଇନଥିଲେ । ଅଭିଯୋଗରୁ ଜଣାପଡିଛି ଯେ, ନିରଞ୍ଜନ ନାୟକ ପୂର୍ବରୁ ଫର୍ଚୁନ ଟାଓ୍ୱାରରେ କିରାଣି ଭାବେ କାମ କରୁଥିଲା । ତା'ପୁଅ ସାଇ ଇଣ୍ଟରନ୍ୟାସନାଲ ସ୍କୁଲରେ ପଢୁଥିବା ଜଣାପଡିଛି । ଅଭିଯୁକ୍ତ ଦମ୍ପତି ସହିଦନଗର ଅଞ୍ଚଳରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଚଳାଉଥିଲେ ।

## ଘାଇ ମୁହଁରେ ଭାସିଗଲେ କଳାକାର, ମିଳୁନି ପତ୍ତା

ମଙ୍ଗଳପୁର, (ସବ୍ୟୁ) : ବନ୍ୟାରେ ଭାସି ଯାଇ ବୃଦ୍ଧ ନିଖୋଜ । ନିଖୋଜ ବୃଦ୍ଧା ହେଲେ ଦଶରଥପୁର ବ୍ଲକ ତରପଦା ପଞ୍ଚାୟତ ପାଟଣା ଗ୍ରାମର ୫୫ ବର୍ଷିୟ ମହେଶ୍ୱର ସୁତାର । ସେ ଆଜି ସକାଳ ୬. ୩୦ମିନିଟ ସମୟରେ କାଣୀ ନଦୀ କୂଳକୁ ଶୌଚ ହେବାକୁ ଯାଇଥିବା ବେଳେ କୌଣସି କାରଣରୁ ଗୋଡ଼ ଖସିଯିବାରୁ ଭାସି ଯାଇଥିବା ସୂଚନା ମିଳିଛି । ଦଶରଥପୁର ଅଗ୍ନିଶମ ବାହିନୀ ଦ୍ୱାରା ଖୋଜାଖୋଜି ଆରମ୍ଭ ହୋଇଥିଲେ ସୁଦ୍ଧା ବର୍ତମାନ ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ(ସମ୍ବାଦ ଲେଖା ହେବାଯାଏଁ) । ଗତକାଲି ଠାରୁ ବୈତରଣୀ ନଦୀ ଶାଖା କାଣୀ ନଦୀରେ ପୁଣି ଜଳସ୍ତର ବଢ଼ିବା ଯୋଗୁ ପୁଣି ଦଶରଥପୁରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଘାଇ ହୋଇଥିବା ସ୍ଥାନ ତରପଦା ପଞ୍ଚାୟତ ଡୋଭିଲ - ପାଟଣା ଠାରେ ନିର୍ମାଣ ।ଧିନ ମରାମତି ହେଉଥିବା ଘାଇ ସ୍ଥାନରେ ୪ ଫୁଟ ଉଚ୍ଚତାରେ ବନ୍ୟା ଜଳ ପ୍ରବେଶ କରିବା ସହ ପ୍ରାୟ ମରାମତି ସ୍ଥାନ ୫୦ ଫୁଟ ଭାଙ୍ଗିଦେଲାଣି । ବଡ଼ ଭାଇ ଦୈତାରୀ ସୁତାର ତାଙ୍କ ଭାଇଙ୍କୁ ତୁରନ୍ତ ଖୋଜିବାରେ ପ୍ରଶାସନ ସହାୟତା ପ୍ରଦାନ କରନ୍ତୁ ବୋଲି କହିଛନ୍ତି । ଖବର ପାଇ ଯାଜପୁର ବିଧାୟୀକା ସୁଜାତା ସାହୁ, ବିଜେଡି ଜିଲ୍ଲା ସଭାପତି ସରୋଜ ମହାପାତ୍ର, ବରିଷ୍ଠ ନେତା କର୍ଣ୍ଣାଟ କେଶରୀ ଦାସ ପ୍ରମୁଖ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଥିଲେ ।

### ଉତ୍କଳମଣିଙ୍କ ୯୮ତମ ଶ୍ରାଦ୍ଧୋତ୍ସବରେ 'ସମାଜ' ପକ୍ଷରୁ ମେଗା ରକ୍ତଦାନ ଶିବିର

## ରକ୍ତଦାନ ମହାନ ଦାନ: ବାଚସ୍ପତି



ଭୁବନେଶ୍ୱର, (ସବ୍ୟୁ): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଅବସରରେ 'ସେବା ଓ ସେବକ' ଅଭିଯାନକ୍ରମରେ ଭୁବନେଶ୍ୱରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି ୪୫ ନମ୍ବର ୱାର୍ଡ କାର୍ଯ୍ୟାଳୟ ପରିସରରେ ଲୋକ ସେବକ ମଣ୍ଡଳ ଓ ଦୈନିକ 'ସମାଜ' ପକ୍ଷରୁ 'ୱି ଫର୍ ଭୁବନେଶ୍ୱର'ର ମିଳିତ ସହଯୋଗରେ ଆୟୋଜିତ ଏହି ଶିବିରରେ ମୋଟ୍ ୨୨୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ରୋଟାରୀ କ୍ଲବ୍ ନୀଳାଦ୍ରି, ମିଶନ ରକ୍ତଦାନ ଏବଂ ଓଡ଼ିଶା ଅଭିଭାବକ ମହାସଂଘ ଭଳି ବିଭିନ୍ନ ଅନୁଷ୍ଠାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଉଦ୍‌ଘାଟନୀ ଉତ୍ସବରେ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ଶିବିରକୁ ଉଦ୍‌ଘାଟନ କରି ଏଭଳି ଉଦ୍ୟମ ଉତ୍କଳମଣିଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ। ବାଚସ୍ପତି କହିଥିଲେ, ରକ୍ତଦାନ ମହାନ ଦାନ। ଏହାକୁ ପ୍ରମାଣିତ କରିବା ସହ ରକ୍ତ ଅଭାବ ଦୂର କରିବା ପାଇଁ 'ସମାଜ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରଶଂସନୀୟ। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେୟର ସୁଲୋଚନା ଦାସ କହିଥିଲେ, ରକ୍ତଦାନଠାରୁ ଆଉକିଛି ମହତ୍ ଦାନ ନାହିଁ। ରକ୍ତର ଆବଶ୍ୟକତା କେତେ ରହିଛି, ତାହା ସମସ୍ତେ ଜାଣନ୍ତି। ଏହି ସୁନ୍ଦର କାର୍ଯ୍ୟକ୍ରମ ପାଇଁ 'ସମାଜ' ଏବଂ 'ୱି ଫର୍ ଭୁବନେଶ୍ୱର'ର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ ।



ଭୁବନେଶ୍ୱର ଠାରେ ଆୟୋଜିତ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମରେ ତ୍ରିରଙ୍ଗା ଯାତ୍ରା ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟର ବରିଷ୍ଠ ନେତୃବୃନ୍ଦ।

# ରାଜ୍ୟ ଅଭିଲେଖାଗାରରେ ଅଗଷ୍ଟ କ୍ରାନ୍ତି ଦିବସ

ଭୁବନେଶ୍ୱର, (ସବ୍ୟୁ) ରାଜ୍ୟ ଅଭିଲେଖାଗାରରେ ରବିବାର ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଅଗଷ୍ଟ କ୍ରାନ୍ତି ଦିବସ ପାଳନ ଅବସରରେ ଅବସର ପ୍ରାପ୍ତ ପ୍ରାଧ୍ୟାପକ, ନ୍ୟାସନାଲ ଡିଫେନ୍ସ ଏକାଡେମୀ ଡ଼. ହରିହର ପଣ୍ଡା ଓ ପ୍ରାକ୍ତନ ମୁଖ୍ୟ ଆୟକର କମିଶନର, ଓଡ଼ିଶା, ବିହାର ଓ ଝାଡ଼ଖଣ୍ଡ ମନୋରଞ୍ଜନ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀ ପାଣିଗ୍ରାହୀ ନିଜର ଅଭିଭାଷଣରେ କହିଥିଲେ, ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ଦେଶର ସ୍ୱାଧୀନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଭାରତକୁ ସ୍ୱାଧୀନତା ଆଣି ଦେବା ଲାଗି ଅନେକ ସ୍ୱାଧୀନତା ସଂଗ୍ରାମୀମାନେ ଆଗେଇ ଆସି ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ସେହି ମହାନ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ମାସ ୯ ତାରିଖକୁ ଆମେ ଅଗଷ୍ଟ କ୍ରାନ୍ତି ଦିବସ ଭାବେ ପାଳନ କରିଥାଉ। ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନ ଆଦର୍ଶ ଦେଶସେବା ପାଇଁ ସଦା ସର୍ବଦା ଆମକୁ ପ୍ରେରଣା ପ୍ରଦାନ କରିଛି।




ଡ଼. ହରିହର ପଣ୍ଡା କହିଥିଲେ ଯେ, ଦେଶର ସ୍ୱାଧୀନତା ପାଇଁ ଅନେକ ସ୍ୱାଧୀନତା ସଂଗ୍ରାମୀ ନିଜର ପ୍ରାଣତ୍ୟାଗ କରିଛନ୍ତି। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶାର ଅନେକ ସ୍ୱାଧୀନତା ସଂଗ୍ରାମୀ ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇଥିଲେ। ଅନେକ ଯୁବକ ବିଶେଷ ଭାବରେ କଟକ ରେଭେନ୍ସା ମହାବିଦ୍ୟାଳୟର ଅନେକ ଛାତ୍ର ମଧ୍ୟ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସେହି ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ଆଜି ଆମେ ସ୍ୱାଧୀନତା ଲାଭ କରିଛେ। ସ୍ୱାଧୀନତା ସଂଗ୍ରାମୀ ମାନେ ହେଉଛନ୍ତି ଆମର ଆଦର୍ଶ। ସେମାନଙ୍କ ଜୀବନ ଦର୍ଶନ ନିଶ୍ଚିତ ଭାବେ ଯୁବପିଢ଼ିଙ୍କୁ ମାର୍ଗଦର୍ଶନ ପ୍ରଦାନ କରିବ ବୋଲି ଡ଼. ହରିହର ପଣ୍ଡା କହିଥିଲେ। ଆଜି ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ 'ଅଶାନ୍ତ ଓଡ଼ିଶା' ଶୀର୍ଷକକୁ ନେଇ ଏକ ଅଭିଲେଖ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ପ୍ରଦର୍ଶନୀରେ 'ସମ୍ବଲପୁରରେ ଆଇନ ଅମାନ୍ୟ ଆନ୍ଦୋଳନ', 'ନୟାଗଡ଼ ପ୍ରଜା ଆନ୍ଦୋଳନ', 'ଅଶାନ୍ତ ନୀଳଗିରି ରାଜ୍ୟ', 'ବେଜେଲଗେଟ ହତ୍ୟାକାଣ୍ଡ', 'ପଟିଆ କଳାରାହାଙ୍ଗରେ କୃଷକ ସଭା', 'ରେଭେନ୍ସାରେ ଛାତ୍ର ଆନ୍ଦୋଳନ' ଆଦି ବିଷୟ ବସ୍ତୁର ଅଭିଲେଖ ପ୍ରଦର୍ଶିତ ହୋଇଥିଲା। ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ଼. ସୋଲେମାନ୍ ଅଲ୍ଲୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ସିପିଆଇର ଶାସନ ପରିବର୍ତ୍ତନ ଜରୁରୀ ଜନସମ୍ପର୍କ ପଦଯାତ୍ରା

କଟକ,(ସବ୍ୟୁ)ଆଜି ଅଗଷ୍ଟ କ୍ରାନ୍ତି ଦିବସରେ ଦେଶ ଓ ଜନବିରୋଧୀ ବିଜେପି ସରକାରକୁ ବଦଳାଇବା ଜରୁରୀର ବାର୍ତ୍ତା ନେଇ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସିପିଆଇର ଦେଶବ୍ୟାପୀ ପଦଯାତ୍ରା କାର୍ଯ୍ୟକ୍ରମର ଅଂଶ ରୂପେ କଟକ ବାଦାମ ବାଡ଼ି ପାଲା ମଣ୍ଡପ ଠାରୁ ଏକ ପଦଯାତ୍ରାରେ ବାଦାମବାଡ଼ି ଅଞ୍ଚଳ ଓ ଶଙ୍କର ପୁର ଗ୍ରାମ ପରିକ୍ରମା କରିଥିଲା।ଉକ୍ତଟ ବେକାରୀ, ଆକାଶଛୁଆଁ ଦରବୃଦ୍ଧି, ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟସେବା, ଶ୍ରମିକ ସୁରକ୍ଷା ସ୍ଥାନ, କୃଷକଙ୍କୁ ପ୍ରତି ହେଉଥିବା ଅନ୍ୟାୟ, ଦଳିତ, ଆଦିବାସୀ ଓ ପ୍ରାନ୍ତିକ ବର୍ଗପ୍ରତି ହେଉଥିବା କଅବିଚାର, ସମ୍ବିଧାନ ଓ ଗଣତାନ୍ତ୍ରିକ ପ୍ରତିଷ୍ଠାନ ଉପରେ ଆକ୍ରମଣର ଅବସାନ ପାଇଁ କେନ୍ଦ୍ରର ବିଜେପି ସରକାରର ଅବସାନ ପାଇଁ ଏହି'ବଦଳାଓ ଜରୁରୀ ହାୟ'ସ୍ଲୋଗାନ ଦେଇ ହୋଇଥିବା ପଦଯାତ୍ରା କାର୍ଯ୍ୟକ୍ରମକୁ ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ତ୍ରିପାଠୀ ଉଦଘାଟନ କରିଥିଲେ। ପଦଯାତ୍ରାରେ ସିପିଆଇ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମରେନ୍ଦୁ ମହାନ୍ତି, ଜିଲ୍ଲା ସମ୍ପାଦକ ବିନୋଦ ବେହେରା,କଟକ ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର,ବରିଷ୍ଠ ଶ୍ରମିକ ନେତା କିଶୋର ଜେନା, ଶିକ୍ଷକ ନେତା କ୍ଷୀରୋଦ ବିଶ୍ୱାଳ, ମିହିର ବିଶ୍ୱାଳ, ଜୟସିଂହ, ଅଶୋକ ତା,ତପନ ମିଶ୍ର, ନେନା ଦେହୁରୀ, ଭାବଗ୍ରାହୀ ଦାସ,ଛବି ଖୁଣ୍ଟିଆ, ଭ୍ରମର ବର ସାହୁ, ବିପିନ ପାଢ଼ୀ,ସୁକାନ୍ତ ବାରିକ ଓ କୁଳମଣି ପଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ।ଏହି ପଦଯାତ୍ରା ଅଗଷ୍ଟ ୧୫ ପର୍ଯ୍ୟନ୍ତ ଚାଲିବ ଏବଂ ସେପ୍ଟେମ୍ବର ୧ ରେ ନୂଆଦିଲ୍ଲୀଠାରେ ଏକ ବିଶାଳ ଜନ ସମାବେଶ ହେବ।

# କୋଟିଏ ଟଙ୍କାର ଟ୍ରେଲର ଚୋରି, ୪ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୧୮ଚକିଆ ଟ୍ରେଲର ଚୋରି ଗ୍ୟାଙ୍ଗର ୪ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରିଛି ଇନ୍ଫୋସିଟି ଥାନା ପୋଲିସ। ଚୋରି ଟ୍ରେଲରର ଦାମ୍ କୋଟିଏରୁ ଊର୍ଦ୍ଧ୍ୱର୍ ଟଙ୍କା ହେବ ବୋଲି ମାଲିକ କହିଛନ୍ତି। ଗିରଫ ୪ଜଣଙ୍କ ନିକଟରୁ ଦୁଇଟି ଗାଡି ଜବତ ହୋଇଛି। କାରଣ ଟ୍ରେଲର ଚକା ଖୋଲି ଅନ୍ୟ ଏକ ହାଇଓ୍ୱାରେ ଲଗାଯାଇଥିବାରୁ ସେହି ହାଇଓ୍ୱାକୁ ମଧ୍ୟ ଜବତ କରାଯାଇଛି। ଗିରଫ ୪ଜଣଙ୍କ ମଧ୍ୟରେ ୩ଜଣ ଲୁଟେରା, ଜଣେ ଗ୍ୟାରେଜ୍ ମେକାନିକ୍ ବୋଲି ପୋଲିସ କହିଛି।

ଗିରଫ ୪ଜଣ ହେଲେ ମନୋଜ କୁମାର ପଟ୍ଟନାୟକ (୩୪), କବିନ୍ଦ୍ର ପ୍ରଧାନ (୩୭), ସତ୍ୟବାନ ସୁବୁଦ୍ଧି (୨୬) ଓ ବିଶ୍ୱଜିତ ରାଉତରାୟ (୩୭)। ମନୋଜ ଓ କବିନ୍ଦ୍ର ଘର ଇନ୍ଫୋସିଟି ଥାନା ଅନ୍ତର୍ଗତ ଓଗାଳପଡାରେ ହୋଇଥିବା ବେଳେ ସତ୍ୟବାନ ଘର ଜାଆଁଳାରେ। ବିଶ୍ୱଜିତ ଘର ଝାରପଡା ଜେଲ୍ ରୋଡ୍‌ରେ ବୋଲି ପୋଲିସ ସୂଚନା ଦେଇଛି। ଏମାନେ ଟ୍ରେଲର ଚୋରି କରିବା ପାଇଁ ନକଲି ଚାବି ପ୍ରସ୍ତୁତ କରିବାକୁ ଜଣେ ଇଲେକଟ୍ରିକ ମିସ୍ତ୍ରୀ ପାଖକୁ ଯାଇଥିଲେ। ତା'ପାଖରୁ ସେନ୍‌ସର ୧୫୦୦ ଟଙ୍କାରେ କିଣି ଫୋନ୍ ପେ'ମାଧ୍ୟମରେ ଟଙ୍କା ଦେଇଥିଲେ। ଏ ସମ୍ପର୍କରେ ପୋଲିସ ସୂଚନା ପାଇବା ପରେ ସେହି ଦୋକାନୀ ନିକଟରୁ ସେମାନଙ୍କ ଫୋନ୍ ନମ୍ବର ପାଇଥିଲା। ଫୋନ୍ ନମ୍ବର ଓ ସିସି କ୍ୟାମେରା ଫୁଟେଜ ଆଧାରରେ ୪ଜଣଙ୍କୁ ପୋଲିସ ଗିରଫ କରିବାରେ ସମର୍ଥ ହେଲା। ସେମାନେ ଚୋରି ଟ୍ରେଲରକୁ ଯେଉଁଠାରେ ଲୁଚାଇ ରଖିଥିଲେ ପୋଲିସକୁ ଦେଖାଇବା ପରେ ତାହା ଜବତ କରାଯାଇଥିଲା। ଯେଉଁ ହାଇଓ୍ୱାରେ ଟ୍ରେଲର ଚକା ଲଗାଇଥିଲେ ସେହି ହାଇଓ୍ୱା ମଧ୍ୟ ଜବତ ହୋଇଛି।




ଗଙ୍ଗପଡା ନିକଟରୁ ଚୋରି କରିଥିବା ଟ୍ରେଲରକୁ କବାଡିଆକୁ ବିକିବା ପାଇଁ ଯୋଜନା କରିଥିଲେ। ବାସ୍ତବରେ ଏହି ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ ଟ୍ରେଲର ଚୋରି କରିବା ପରେ ବାହାର ରାଜ୍ୟରେ ବିକ୍ରି କରନ୍ତି। କେତେକ କ୍ଷେତ୍ରରେ ଟ୍ରେଲର ପାର୍ଟ୍ସଗୁଡିକୁ ଖୋଲି ବିକ୍ରି କରିଥାନ୍ତି। ଏହି ଟ୍ରେଲର ଲୁଟେରା ଗ୍ୟାଙ୍ଗ ପଛରେ ଆଉ କେଉଁମାନେ ଅଛନ୍ତି, ତାହା ଜାଣିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି। ଗିରଫ ୪ଜଣଙ୍କୁ ରବିବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

## ଚଳନ୍ତା ଟ୍ରେନରୁ ଖସି ଶ୍ରମିକ ମୃତ

ବାଲୁଗାଁ ,(ସବ୍ୟୁ): ରବିବାର ଭୋରୁ ବାଲୁଗାଁ ରେଳ ଷ୍ଟେସନର ଅନତି ଦୂରରେ ଏକ ଦ୍ରୁତଗାମୀ ଏକ୍ସପ୍ରେସ ଟ୍ରେନରୁ ଖସିପଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉତ୍ପଳ ଦାସ (୨୮), ଘର ଆସାମର ବାଙ୍ଗାଥାଇ ଗ୍ରାମରେ ବୋଲି ଜଣାପଡିଛି। ଉତ୍ପଳ ଅନ୍ୟ ୭ ଜଣ ସାଥି ଶ୍ରମିକଙ୍କ ସହ ଏକ କମ୍ପାନୀରେ କାର୍ଯ୍ୟ କରିବା ପାଇଁ ଗୌହାଟି - ତାମବ୍ରମ ଏକ୍ସପ୍ରେସ ଟ୍ରେନରେ ବସି ଚେନ୍ନାଇ ଯାଉଥିଲେ। ଭୋର ପ୍ରାୟ ୫ ଟାରେ ଟ୍ରେନଟି ବାଲୁଗାଁ ଷ୍ଟେସନ ଅତିକ୍ରମ କରିବା ପରେ ଦକ୍ଷିଣ କ୍ୟାବିନର ଅନତି ଦୂରରେ କୌଣସି କାରଣରୁ ଅସାବଧାନତା ବଶତଃ ଉତ୍ପଳ ଚଳନ୍ତା ଟ୍ରେନରୁ ଖସି ପଡିଥିଲେ। ସାଥି ଶ୍ରମିକ ଏହା ଜାଣିପାରି ରେଳ କର୍ତ୍ତୃପକ୍ଷଙ୍କୁ ଘଟଣା ସମ୍ପର୍କରେ ଅବଗତ କରିବା ପରେ ଟ୍ରେନଟି ପରବର୍ତ୍ତୀ ଚିଲିକା ଷ୍ଟେସନରେ ଅଟକିଥିଲା। ତେବେ ଘଟଣା ସ୍ଥଳରେ ହିଁ ଉତ୍ପଳଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ନିରାକାରପୁର ଜିଆରପି ଅଧିକାରୀ ଦିଲ୍ଲୀପ କୁମାର ସାହୁ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ତାଙ୍କ ପରିବାରକୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏ ନେଇ ଜି ଆର ପି ପକ୍ଷରୁ ୪୫/୨୬ ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ପ୍ରଦେଶ ଯୁବ କଂଗ୍ରେସର ବିଶାଳ ଶୋଭାଯାତ୍ରା

ଭୁବନେଶ୍ୱର,(ସବ୍ୟୁ): ପ୍ରଶ୍ନପତ୍ର ପ୍ରଘଟ ଓ ସରକାରୀ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରତିବାଦରେ ରବିବାର ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ କଂଗ୍ରେସ ଭବନ ଠାରୁ ଶିଶୁ ଭବନ ଛକ ପର୍ଯ୍ୟନ୍ତ ଏକ ବିଶାଳ ମଶାଲ ଶୋଭାଯାତ୍ରା ଯାଇଥିଲା। ହଜାର ହଜାର ଯୁବ କଂଗ୍ରେସ କର୍ମୀମାନେ ମଶାଲ ଧରି ଜନପଥରେ ସରକାରଙ୍କ ବିପର୍ଯ୍ୟସ୍ତ ଶିକ୍ଷାନୀତି ବିରୁଦ୍ଧରେ ସ୍ଲୋଗାନ ଦେଇ ରାଲି କରିଥିଲେ।



ଶୋଭାଯାତ୍ରାରେ ଯୋଗଦେଇ ଅଖିଳ ଭାରତ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ କହିଥିଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଛାତ୍ର ସ୍ୱାର୍ଥ ବିରୋଧି ନୀତି ବିରୁଦ୍ଧରେ ଆଜିର ଶୋଭାଯାତ୍ରା ଅଭିପ୍ରେତ। ଜନନାୟକ ରାହୁଲ ଗାନ୍ଧୀ ଦେଶର ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କର ସମସ୍ୟା ଏବଂ ସେମାନଙ୍କୁ ସରକାର କିପରି ଶୋଷଣ କରୁଛନ୍ତି ସେ ବାବଦରେ ପ୍ରାଞ୍ଜଳ ଭାବରେ ପ୍ରକାଶ କରିଛନ୍ତି। ଦିଲ୍ଲୀରେ ଯୁବକ ଓ ଛାତ୍ରମାନଙ୍କର ଆନ୍ଦୋଳନ ନିଆଁ ସାରା ଦେଶକୁ ବ୍ୟାପିଛି। ମୋଦୀ ସରକାର ଏହାକୁ ଲାଠି, ଟିୟର ଗ୍ୟାସ, ରବର ବୁଲେଟ ଓ ଗୁଳିମାରି ଚପାଇ ଦେଇପାରିବେ ନାହିଁ। ଛାତ୍ର ଓ ଯୁବକମାନଙ୍କର ଶାଣିତ ପ୍ରତିବାଦକୁ ରାହୁଲ ଗାନ୍ଧୀଙ୍କର ପୂର୍ଣ୍ଣ ସମର୍ଥନ ରହିଛି। ମୋଦୀ ସରକାର ଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀମାନଙ୍କ ଉପରେ ଯେଉଁ ଆଚରଣ ପ୍ରଦର୍ଶନ କଲେ, ଯେଉଁ ଅମାନବୀୟ ଅତ୍ୟାଚର କଲେ ଏବଂ ଯେଉଁଭଳି ଭାବରେ ସେମାନଙ୍କ ଚରିତ୍ର ସଂହାର କଲେ ଏବଂ ବିଶେଷ କରି ବିଜେପି ଦଳ ଛାତ୍ରଛାତ୍ରୀମାନଙ୍କ ଉପରେ ଯେଉଁ ଅପଶବ୍ଦ ପ୍ରୟୋଗ କଲେ ତାହା ଏ ଦେଶର ଛାତ୍ର ସମାଜକୁ ଗଭୀର ଆଘାତ ଦେଇଛି।

କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଲେ ଯେ, ଓ ଶିକ୍ଷା ବ୍ୟବସ୍ଥା ରସାତଳଗାମୀ ହୋଇପଡିଛି। ଉଚ୍ଚଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପାଠ୍ୟ ପୁସ୍ତକରେ ୨୦୦୦ ସାଙ୍ଘାତିକ ତ୍ରୁଟି ପାଇଁ ସରକାର ଦୋଷ ଦେଉନାହାନ୍ତି। ଅଖିଳ ଭାରତ କଂଗ୍ରେସ କମିଟିର ଓ ପ୍ରଭାରୀ ଶ୍ରୀ ଲାଲଜୀ ଭାଇ ଦେଶାଇ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜନନାୟକ ରାହୁଲ ଗାନ୍ଧୀଙ୍କର ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କ ପ୍ରତି ରହିଥିବା ଆବେଗ ଉପରେ ଆଲୋକପାତ କରିଥିଲେ ଏବଂ ବିଶେଷକରି ଓ ମୋହନ ସରକାରରେ ଶିକ୍ଷା ବ୍ୟବସ୍ଥା କିପରି ଅଗ୍ରହଣୀୟ ହୋଇପ ସେ ସଂପର୍କରେ କହିଥିଲେ।

କାର୍ଯ୍ୟକ୍ରମରେ ଅଖିଳ ଭାରତର ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ମାନସ ଚୌଧୁରୀ, ମନୋଜ ରାଉତ, ଅଜୟ ସାହୁ, କୃଷ୍ଣ ମହାନ୍ତି, ମନୋଜ ବିଶ୍ୱାଳ, ଅଜୟ ମହାପାତ୍ର, ସଓ୍ୱାଗତ କର, ଅଭିଜିତ ଜେନା, ଗୋପନ ମାର୍ଥା, ସୁଦୀପ ସାମଲ, ଲକ୍ଷ୍ମୀପ୍ରିୟା ନାୟକ, ଆଲୋକ ଦାସ, ମହମ୍ମଦ ଗୁଲଫାମ, ଲିପିକା ପାତ୍ର, କାର୍ତ୍ତିକ କାଣ୍ଡି, ଅମରେଶ ପରିଡା, ଅମିତ ଆଚାର୍ଯ୍ୟ, ଜ୍ଞାନ ରାଉତ, ଅମିତ କଅଁର, ଜାଭେଦ ଅକ୍ତାର, ପ୍ରିତମ ପରିଜା, ବଟକୃଷ୍ଣ ରାଉତରାୟ, ସଙ୍ଗୁନା କଅଁର, ମୋହନ ନାୟକ, ସୁଶ୍ରୀ ବେହେରା, ବଳରାମ ରାଉତ, ବଳରାମ ନନ୍ଦ, ବିରାଞ୍ଚ ବାରିକ, ସାଜ ସିଦ୍ଦିକ ଓ ମୈଫୁଜ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ୩୦କାର୍ ଚୋରି କରିଥିବା ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୩୦ରୁ ଉର୍ଦ୍ଧ୍ୱ କାର୍ ଚୋରି କରିଥିବା ଜଣେ ଅଭିଯୁକ୍ତକୁ ପାହାଳ ଥାନା ପୋଲିସ ଗିରଫ କରିଛି। ସେ ସେଲ ଡ୍ରାଇଭ୍ ବାହାନାରେ ଓ କାର୍ ଭଡା ନେଇ ଚୋରି କରିଥାଏ ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତ ପ୍ରିୟବ୍ରତ ମହାନ୍ତିକୁ ପୋଲିସ ଗିରଫ କରିବା ପରେ ଅଭିଯୋଗ ଅନୁଯାୟୀ ପଚରାଉଚରା କରି ବହୁ ତଥ୍ୟ ସଂଗ୍ରହ କରିଛି। କାର୍‌ଗୁଡିକୁ ସେ ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍‌କୁ ଅଳ୍ପ ଟଙ୍କାରେ ହସ୍ତାନ୍ତର କରିଥାଏ। କ୍ରମାଗତ ଭାବେ ୩୦ରୁ ଉର୍ଦ୍ଧ୍ୱର୍ କାର୍ ଚୋରି କରିବା ପରେ ସେ ଅଭିଯୋଗ ଅନୁଯାୟୀ ପୋଲିସ ହାତରେ ଧରାପଡିଥିଲା। ପ୍ରିୟବ୍ରତକୁ ରବିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଥିଲେ ମଧ୍ୟ ପୋଲିସ ରିମାଣ୍ଡରେ ଆଣିବା ପାଇଁ ଯୋଜନା କରୁଛି। କାରଣ ରିମାଣ୍ଡରେ ଆଣିଲେ ଚୋରି କାର୍ ସମ୍ପର୍କରେ ବହୁତଥ୍ୟ ମିଳିବା ସହ ବାସ୍ତବରେ ସେ କେତେ କାର୍ କେଉଁ କେଉଁଠାରୁ ଚୋରି କରିଛି ତାହା ଜଣାପଡିବ। ସେଥିମଧ୍ୟରୁ କେତୋଟି ସେଲ୍ଫ ଡ୍ରାଇଭ୍ ନୂଆ କାର୍ ଓ କେତୋଟି ଭଡାରେ ନେଇ ବିକ୍ରି କରିଥିବା ପୁରୁଣା କାର୍ ତାହା ଜଣାପଡିବ ବୋଲି ପୋଲିସ କହିଛି।

## ବାଙ୍କୋଇରୁ ୧୪୬୦ ଲିଟରରୁ ଉର୍ଦ୍ଧ୍ୱ ବିଦେଶୀ ଓ ଦେଶୀ ମଦ ଜବତ : ୨ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲାର ବାଙ୍କୋଇ ଅଞ୍ଚଳରେ ଅବକାରୀ ବିଭାଗର ଏକ ବଡ଼ଧରଣର ଚଢ଼ଉ ଅବୈଧ ମଦ କାରବାରକୁ ନେଇ ନୂଆ ପ୍ରଶ୍ନ ଉଠାଇଛି। ବାଙ୍କୋଇ ଦୁର୍ଗାବଜାରସ୍ଥିତ ଦୁର୍ଗାମଣ୍ଡପ ପଛପଟେ ଏକ ଗୋପନ ସ୍ଥାନରୁ ୧୪୬୦.୪୮୫ ଲିଟର ବିଭିନ୍ନ ପ୍ରକାରର ମଦ ଜବତ କରାଯାଇଥିବାବେଳେ ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଏତେ ବିପୁଳ ପରିମାଣର ମଦ ଏହି ସ୍ଥାନରେ କାହିଁକି ଗଚ୍ଛିତ ରଖାଯାଇଥିଲା, ଏହାର ପଛରେ କେବଳ ୨ ଜଣ ଥିଲେ ନା ଆଉ କୌଣସି ବଡ଼ ରାକେଟ କାମ କରୁଥିଲା ତାହା ଏବେ ତଦନ୍ତର ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଖୋର୍ଦ୍ଧା ଜିଲ୍ଲା ମୋବାଇଲ୍ ୟୁନିଟ୍ ପକ୍ଷରୁ ହୋଇଥିବା ଏହି ଚଢ଼ଉକୁ ନେଇ ପି.ଆ.ର ମାମଲା ନମ୍ବର ୧୭୯/୨୦୨୬-୨୭ ରୁଜୁ ହୋଇଛି। ଅବକାରୀ ବିଭାଗର ସୂଚନା ଅନୁଯାୟୀ ଜବତ ମଦ ମଧ୍ୟରେ ୧୬୫.୮୮୫ ଲିଟର ବିଦେଶୀ ମଦ, ୫୪.୬ ଲିଟର ବିୟର ଏବଂ ୧୨୪୦ ଲିଟର ଦେଶୀ ମଦ ରହିଛି। ଅର୍ଥାତ୍ ଗୋଟିଏ ସ୍ଥାନରୁ ଏକାଥରକେ ପ୍ରାୟ ଦେଢ଼ ହଜାର ଲିଟର ମଦ ମିଳିବା ଘଟଣାର ଗମ୍ଭୀରତାକୁ ସୂଚାଉଛି। ଏହି ମାମଲାରେ ଗିରଫ ଦୁଇ ଜଣ ହେଲେ ବୋଲଗଡ଼ ଥାନା ଅନ୍ତର୍ଗତ ରାଜସୁନାଖଳାର ହାଇବତ ହୁସେନ ଖାଁ (୪୦) ଏବଂ ବାଙ୍କୋଇର ସୁଶାନ୍ତ କୁମାର ପ୍ରଧାନ (୨୨)। ଦୁହେଁ ବୋଲଗଡ଼ ଥାନା ଅଞ୍ଚଳର ବାସିନ୍ଦା ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏତେ ପରିମାଣର ମଦ କେବଳ ଏହି ଦୁଇଜଣଙ୍କ ଦ୍ୱାରା ସଂଗ୍ରହ ଓ ଗଚ୍ଛିତ କରାଯାଇଥିଲା କି, ନା ଏହା ପଛରେ ଆଉ କେତେକ ବ୍ୟକ୍ତିଙ୍କ ଭୂମିକା ରହିଛି, ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ଆଗକୁ ବଢ଼ିବା ସହ ଏହାର ଉତ୍ତର ମିଳିବ ବୋଲି ଆଶା କରାଯାଉଛି। ଚଢ଼ଉ ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସାଧାରଣ ଲୋକଙ୍କ ଯାତାୟାତ ଥିବା ଦୁର୍ଗାବଜାର ଅଞ୍ଚଳରେ ଥିବା ଦୁର୍ଗାମଣ୍ଡପ ପଛପଟେ ଏତେ ବିପୁଳ ପରିମାଣର ମଦ କିପରି ଗଚ୍ଛିତ ହେଲା। ଏହା କେତେ ଦିନ ଧରି ସେଠାରେ ରହିଥିଲା? ଏହା ନିୟମିତ ଭାବେ ଆସୁଥିଲା କି? ନା ଏହା କୌଣସି ବଡ଼ ଚାଲାଣର ଅଂଶ ଥିଲା? ଏହି ସମସ୍ତ ପ୍ରଶ୍ନର ଉତ୍ତର ତଦନ୍ତରୁ ମିଳିବା ଅପେକ୍ଷାରେ ରହିଛି।



ଜବତ ହୋଇଥିବା ମଦର ପରିମାଣ ଦୃଷ୍ଟିରୁ ଏହା କେବଳ ବ୍ୟକ୍ତିଗତ ଭାବେ ରଖାଯାଇଥିବା ମହଜୁଦ ଥିଲା କି ଏକ ସମ୍ଭାବ୍ୟ ବଣ୍ଟନ କେନ୍ଦ୍ର ଭାବେ ସ୍ଥାନଟି ବ୍ୟବହୃତ ହେଉଥିଲା, ତାହା ମଧ୍ୟ ଅବକାରୀ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉଛି। ଏହି ଘଟଣାରେ ସବୁଠାରୁ ବଡ଼ ତଦନ୍ତର ଦିଗ ହେଉଛି ଜବତ ମଦର ଉତ୍ସ। ଏତେ ପରିମାଣର ମଦ କେଉଁଠାରୁ ଆସିଲା, କିଏ ଯୋଗାଇଥିଲା, କେଉଁ ମାଧ୍ୟମରେ ବାଙ୍କୋଇକୁ ପହଞ୍ଚିଥିଲା ଏବଂ ପରବର୍ତ୍ତୀ ସମୟରେ କେଉଁ ଅଞ୍ଚଳକୁ ଯିବାର ଯୋଜନା ଥିଲା ଏସବୁ ଦିଗ ଏବେ ତଦନ୍ତ ଅଧୀନରେ ରହିଛି।

# କିମସରେ ତୃତୀୟ ବାର୍ଷିକ ନେଫ୍ରୋଲୋଜି ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): କିଡ୍‌ନୀ ଚିକିତ୍ସା କ୍ଷେତ୍ରରେ ନୂଆ ଉପଲବ୍ଧି, ଗବେଷଣା ଓ ଆଧୁନିକ ଚିକିତ୍ସା ପଦ୍ଧତି ନେଇ ଆଲୋଚନା ପାଇଁ ଭୁବନେଶ୍ୱର କିମସ ନେଫ୍ରୋଲୋଜି ବିଭାଗ ପକ୍ଷରୁ ତୃତୀୟ ବାର୍ଷିକ ନେଫ୍ରୋଲୋଜି ସମ୍ମିଳନୀ କେଏନସି ୩.୦ ଆୟୋଜିତ ହୋଇଛି। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ପ୍ରମୁଖ ଅନୁଷ୍ଠାନରୁ ବିଶିଷ୍ଟ ବିଶେଷଜ୍ଞ, ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀ ଯୋଗଦେଇ କିଡ୍‌ନୀ ଚିକିତ୍ସା କ୍ଷେତ୍ରର ସାମ୍ପ୍ରତିକ ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଆଡଭାନସେସ ଇନ ନେଫ୍ରୋଲୋଜି ଆଣ୍ଡ କିଡ୍‌ନୀ କେୟାର' ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏହି ସମ୍ମିଳନୀରେ ନେଫ୍ରୋଲୋଜି କ୍ଷେତ୍ରରେ ଉଦୀୟମାନ ନୂତନ ପ୍ରଯୁକ୍ତି, ଚିକିତ୍ସା ପଦ୍ଧତି ଓ ଆଧୁନିକ ଉଦ୍ଭାବନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉଦ୍‌ଘାଟନୀ ଅଭିଭାଷଣ ଦେଇ ଡା. ନିକୁଞ୍ଜ କିଶୋର ରାଉତ କହିଲେ, ନେଫ୍ରୋଲୋଜି ବର୍ତ୍ତମାନ ଏକ ପରିବର୍ତ୍ତନଶୀଳ ପର୍ଯ୍ୟାୟ ଦେଇ ଗତି କରୁଛି। ପାରମ୍ପରିକ ଡାଏଲିସିସ୍ ଓ କିଡ୍‌ନୀ ପ୍ରତିରୋପଣ ଚିକିତ୍ସାର ସୀମା ଟପି ଏହି କ୍ଷେତ୍ର ଏବେ ପ୍ରିସିଜନ୍ ମେଡିସିନ୍ ଏବଂ ପ୍ରଯୁକ୍ତିନିର୍ଭର ଚିକିତ୍ସା ଆଡ଼କୁ ଅଗ୍ରସର ହେଉଛି। ସେ ଜିନୋମିକ୍ସ, କୃତ୍ରିମ ବୁଦ୍ଧିମତ୍ତା, ନୂତନ ଇମ୍ୟୁନୋଥେରାପି, ନେକ୍ସଟ୍-ଜେନେରେସନ୍ ଡାଏଲିସିସ୍ ପ୍ରଯୁକ୍ତି ସହିତ ଏସଜିଏଲଟି୨ ଇନହିବିଟର୍ସ, ନନ୍-ଷ୍ଟେରଏଡାଲ୍ ଏମଆରଏ ଓ ଏଚଆଇଏଫ ଇନହିବିଟର୍ସ ଭଳି ନୂତନ ଔଷଧ ବର୍ଗର ଅଗ୍ରଗତି ଚିକିତ୍ସା ପଦ୍ଧତିକୁ କିପରି ନୂଆ ଦିଗ ଦେଉଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ।




କେଏନସି ୩.୦ର ସାଇଣ୍ଟିଫିକ କାର୍ଯ୍ୟକ୍ରମରେ ନେଫ୍ରୋପାଥି ଓ ଲୁପସ୍ ନେଫ୍ରାଇଟିସ୍ ଭଳି ଗ୍ଲୋମେରୁଲାର ରୋଗ, ନେଫ୍ରୋଜେନେଟିକ୍ସ, କ୍ରୋନିକ୍ କିଡ୍‌ନୀ ଡିଜିଜ୍ ପରିଚାଳନାରେ ନୂତନ ପଦକ୍ଷେପ, ଟ୍ରାନ୍ସପ୍ଲାଣ୍ଟ ଇମ୍ୟୁନୋଲୋଜି ଏବଂ ନୂତନ ଚିକିତ୍ସା ପଦ୍ଧତି ଭଳି ବିଭିନ୍ନ ବିଷୟରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବିଶେଷଜ୍ଞଙ୍କ ଅଭିଭାଷଣ, କେସ୍ ଆଧାରିତ ଆଲୋଚନା, ଇଣ୍ଟରଆକ୍ଟିଭ୍ ଏକାଡେମିକ୍ ସେସନ୍ ଏବଂ ହ୍ୟାଣ୍ଡସ୍-ଅନ୍ କର୍ମଶାଳା ମାଧ୍ୟମରେ ଜ୍ଞାନ ଓ ଅନୁଭୂତି ବିନିମୟ ପାଇଁ ଏକ ବ୍ୟାପକ ମଞ୍ଚ ସୃଷ୍ଟି ହୋଇଥିଲା। ଦେଶର ବିଭିନ୍ନ ପ୍ରମୁଖ ଚିକିତ୍ସା ଓ ଗବେଷଣା ପ୍ରତିଷ୍ଠାନରୁ ଖ୍ୟାତନାମା ବିଶେଷଜ୍ଞମାନେ ବକ୍ତା ଓ ଅଧ୍ୟକ୍ଷ ଭାବେ ଯୋଗଦେଇ ଅତ୍ୟାଧୁନିକ ଗବେଷଣା ଓ କ୍ଲିନିକାଲ୍ ଚିକିତ୍ସା ପଦ୍ଧତି ସମ୍ପର୍କରେ ନିଜର ଅଭିଜ୍ଞତା ଓ ମତାମତ ରଖିଥିଲେ। ଉଦ୍‌ଘାଟନୀ ଅଧିବେଶନରେ କିମ୍ସ ପ୍ରତିଷ୍ଠାତାଙ୍କ ପରାମର୍ଶଦାତା ଡା. ଆର୍. ଏନ୍. ସାମନ୍ତ, ଉପକୁଳପତି ଡା. ସି.ବି.କେ. ମହାନ୍ତି, ଡିନ୍ ଓ କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ଡା. ଆର୍.ସି. ଦାସଙ୍କ ସମେତ ବିଶିଷ୍ଟ ବକ୍ତା, ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। କିମ୍ସ ନେଫ୍ରୋଲୋଜି ବିଭାଗ ବରିଷ୍ଠ ପ୍ରଫେସର ଡା. ଅଶ୍ୱିନୀ ପ୍ରସାଦ ପଟ୍ଟନାୟକ ଏବଂ ଡା. ସାଇନ୍ଥିଆ ସଞ୍ଜୀବନୀ ମଧ୍ୟ ସମ୍ମିଳନୀରେ ସକ୍ରିୟ ଭାବେ ଯୋଗଦେଇ ବିଭିନ୍ନ ଏକାଡେମିକ୍ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନନ୍ଦନକାନନକୁ ଆସିବ ହିମାଳୟର ଲାଲ ପାଣ୍ଡା

ବାରଙ୍ଗ,(ସବ୍ୟୁ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଆଉ ଏକ ନୂଆ ଆକର୍ଷଣ ଯୋଡି ହେବାକୁ ଯାଉଛି। ଖୁବ ଶୀଘ୍ର ନନ୍ଦନକାନନକୁ ଆସିବ ବିରଳ ଓ ଅତି ସୁନ୍ଦର ପ୍ରାଣୀ ଲାଲ ପାଣ୍ଡା। ଏହା ନନ୍ଦନକାନନ ପାଇଁ ଏକ ନୂଆ ପ୍ରଜାତି ହେବ ବୋଲି ସୂଚନା ମିଳିଛି। ଏହାକୁ ଆଣିବା ପାଇଁ କର୍ତ୍ତୃପକ୍ଷ ଏବେଠୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିସାରିଛନ୍ତି। ପୂର୍ବ ହିମାଳୟର ଘଞ୍ଚ ଜଙ୍ଗଲର ସବୁଠୁ ଆକର୍ଷଣୀୟ ସ୍ତନ୍ୟପାୟୀ ପ୍ରାଣୀ ହେଉଛି ଲାଲ ପାଣ୍ଡା। ଏହି ବିରଳ ପ୍ରାଣୀକୁ ଦେଖିବା ପାଇଁ ଲୋକେ ସିକିମ, ଦାର୍ଜିଲିଂ ଯିବାକୁ ପଡୁଥିଲା। ହେଲେ ଏଣିକି ଆଉ ଦୂରକୁ ଯିବାକୁ ପଡିବନି। ନନ୍ଦନକାନନରେ ହିଁ ଦେଖିବାକୁ ମିଳିବ ଏହି କ୍ୟୁଟ ଲାଲ ପାଣ୍ଡା। ଏଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ନୂଆଦିଲ୍ଲୀ ସ୍ଥିତ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ (ଇଙ୍କଅ)ଙ୍କୁ ଏକ ପ୍ରସ୍ତାବ ଦେଇଛନ୍ତି। ଇଙ୍କଅର ଅନୁମୋଦନ ମିଳିବା ପରେ ହିମାଳୟ ରାଜ୍ୟ ଯେପରିକି ସିକିମ, ପଶ୍ଚିମବଙ୍ଗର ଦାର୍ଜିଲିଂ ଚିଡ଼ିଆଖାନାରୁ ହଳେ ରେଡ ପାଣ୍ଡାକୁ ଅଣାଯିବା ନେଇ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ନନ୍ଦନକାନନରେ ଏହା ନୂଆ ପ୍ରଜାତି ହେବାକୁ ଥିବାବେଳେ ପର୍ଯ୍ୟଟକଙ୍କ ପାଇଁ ଏହା ମନୋରଞ୍ଜନର ବଡ଼ ଖୋରାକ ହେବ।

# ଢେପାଗୁଡ଼ା ଗ୍ରାମରେ ଭୂସ୍ଖଳନ : ଦାଣ୍ଡରେ ୧୦ଫୁଟରୁ ଗଭୀର ଗର୍ତ୍ତ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ-କନ୍ଧମାଳ ଜିଲା ସୀମାରେ ଥିବା କନ୍ଧମାଳ ଜିଲାର ରାଇକିଆ ବ୍ଲକ ଅନ୍ତର୍ଗତ ଢେପାଗୁଡ଼ା ଗ୍ରାମରେ ଭୂସ୍ଖଳନ ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଛି। ଗ୍ରାମରେ ହଠାତ ମାଟି ଦବିଯାଇ ୧୦ ଫୁଟରୁ ଊର୍ଦ୍ଧ୍ୱ ଗଭୀର ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବା ଜଣାପଡ଼ିଛି । ଘଟଣା ପରେ ଶନିବାର ପ୍ରଶାସନିକ ଅଧିକାରୀମାନେ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ସୂଚନା ଅନୁସାରେ, ଶୁକ୍ରବାର ଗ୍ରାମର କିଛି ଶିଶୁ ଦାଣ୍ଡରେ ଖେଳୁଥିଲେ । ହଠାତି ସେମାନଙ୍କ ଆଖି ଆଗରେ ଏକ ସ୍ଥାନର ମାଟି ଧିରେ ଧିରେ ତଳକୁ ଦବିବାକୁ ଲାଗିଥିଲା । କିଛି ସମୟ ମଧ୍ୟରେ ସେଠାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଯାଇଥିଲା । ଏଭଳି ଅପ୍ରତ୍ୟାଶିତ ଘଟଣା ଦେଖି ଶିଶୁମାନେ ଭୟଭୀତ ହୋଇ ସେଠାରୁ ଦୌଡ଼ି ପଳାଇଥିଲେ ।



ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଘଟଣାସ୍ଥଳରେ କିଛି ଦିନ ପୂର୍ବରୁ ଏକ ଛୋଟ ଗର୍ତ୍ତ ହୋଇଥିଲା । ତାହା ଧିରେ ଧିରେ ବଡ଼ ହେଉଥିବା ବେଳେ ଶୁକ୍ରବାର ହଠାତ ମାଟି ଦବିଯାଇ ଗର୍ତ୍ତର ଆକାର ବଢ଼ିଯାଇଥିଲା । ଗ୍ରାମବାସୀଙ୍କ ସୂଚନା ଅନୁସାରେ, ପୂର୍ବରୁ ଏହି ସ୍ଥାନରେ ଏକ ନାଳ ଥିଲା । ପରବର୍ତ୍ତୀ ସମୟରେ ନାଳଟି ପୋତି ହୋଇଯାଇଥିଲା । ବର୍ତ୍ତମାନ ଲଗାଣ ବର୍ଷା ଯୋଗୁ ମାଟି ତଳେ ପାଣିର ପ୍ରବାହ କିମ୍ବା ମାଟି ଦୁର୍ବଳ ହୋଇଥିବା କାରଣରୁ ଏଭଳି ଘଟଣା ଘଟିଥାଇପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା କରୁଛନ୍ତି । ତେବେ ଏହା ପ୍ରଥମ ଘଟଣା ନୁହେଁ ।

କିଛି ବର୍ଷ ପୂର୍ବେ ମଧ୍ୟ ଢେପାଗୁଡ଼ା ଗ୍ରାମରେ ଏଭଳି ମାଟି ଦବିବା ଘଟଣା ଘଟିଥିଲା। ସେତେବେଳେ ବୈଜ୍ଞାନିକମାନେ ଗ୍ରାମକୁ ଆସି ମାଟିର ନମୁନା ପରୀକ୍ଷା କରି ଫେରିଥିଲେ। ମାତ୍ର ସେହି ପରୀକ୍ଷାର ରିପୋର୍ଟ କ'ଣ ଆସିଥିଲା ଏବଂ ଏହାର କାରଣ କ'ଣ ଥିଲା, ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ପୁଣିଥରେ ଏଭଳି ଘଟଣା ଘଟିବା ପରେ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଛି । ବିଶେଷକରି ଗ୍ରାମରେ ଶିଶୁମାନଙ୍କ ଯାତାୟାତ ଓ ସୁରକ୍ଷାକୁ ନେଇ ଅଭିଭାବକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଭୂସ୍ଖଳନର ପ୍ରକୃତ କାରଣ ଜାଣିବା ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ମାଟିର ବୈଜ୍ଞାନିକ ପରୀକ୍ଷା କରାଯିବା ସହ ଆବଶ୍ୟକ ସୁରକ୍ଷା ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# କାଉଡ଼ିଆଙ୍କ ପାଦ ସେବା କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ

ଅସୁରାଳି, (ସବ୍ୟୁ): ଶ୍ରାବଣ ମାସର ଶେଷ ସୋମବାର ପାଇଁ ରାଜ୍ୟର ପ୍ରସିଦ୍ଧ ଶୈବପୀଠ ଆଖଣ୍ଡଳମଣି ଧାମରେ ଜଳାଭିଷେକ ନିମନ୍ତେ ରବିବାର ଦିନ ହଜାର ହଜାର ବୋଲବମ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଛି। ଏହି ଅବସରରେ କୋଠାର ଛକରେ ବୋଲବମ ଯାତ୍ରାରେ ଆସୁଥିବା କାଉଡ଼ିଆଙ୍କର ପାଦ ସେବା କରିଛନ୍ତି ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ ।

ରବିବାର ଅପରାହ୍ଣରେ ମନ୍ତ୍ରୀ ଶ୍ରୀସୂରଜ ଭଦ୍ରକ ଆଖଣ୍ଡଳମଣି ରାଜ୍ୟ ରାଜପଥର କୋଠାର ଛକରେ ସହଯୋଗୀଙ୍କ ସହ ମିଶି ବହୁସଂଖ୍ୟକ କାଉଡ଼ିଆଙ୍କର ସେବା କରିଥିଲେ । ପଥ କଷ୍ଟ ଲାଘବ



ପାଇଁ ଉଷୁମ ପାଣିରେ ବିଶେଷ କରି କୁନି କାଉଡ଼ିଆମାନଙ୍କ ପାଦ ଧୋଇ ଦେବା ସହ ଉପଶମକାରୀ ମଲମ ଆଦି ଲଗାଇ ସେମାନଙ୍କ ସେବା କରିଥିଲେ । ଏଥିସହିତ ଅନେକ ବୋଲବମ ଯାତ୍ରୀଙ୍କୁ ଆନୁଷଙ୍ଗିକ ସୁବିଧା ଯୋଗାଇ ଦିଆଯାଇଥିଲା। ବରିଷ୍ଠ ବିଜେପି ନେତା ଅଶୋକ ପୁହାଣ, ଚତୃଭୂଜ ନାୟକ, ବିଦ୍ୟାଧର ରାଉତ, ବୁଦ୍ଧଦେବ ଜେନା, ମନୋଜ ଦାସ, ରାମଚନ୍ଦ୍ର ମିଶ୍ର, ଶ୍ରୀକାନ୍ତ ନାୟକ, ରାଜେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ଜେନା, ଅନ୍ତର୍ଯ୍ୟାମୀ ପତି, ଗୟାଧର ନାୟକ, ରଂଜନ ମହାନ୍ତି, ହିମାଦ୍ରୀ ନନ୍ଦନ ଦାସ,ପିଣ୍ଟୁ ମହାଳିକ, ରାଜୀବ ନାୟକ ପ୍ରମୁଖ ସେବା କାର୍ଯ୍ୟରେ ସାମିଲ ହୋଇଥିଲେ ।

# ଭାରତମୁଣ୍ଡା ସମାଜର ବିଶ୍ୱ ଆଦିବାସୀ ଦିବସ ପାଳିତ

ବାରିପଦା, (ସବ୍ୟୁ) : ଶାମାଖୁଂଟା ବ୍ଲକ ଅନ୍ତର୍ଗତ ବାଲିଡିହା ପଂଚାୟତର ବଡକୁଚିଆମାରା ଗ୍ରାମରେ ଆଜି ଭାରତ ମୁଣ୍ଡା ସମାଜ ଓ ଆଦିବାସୀ ମହାସଂଘ ଓଡିଶା ତରଫରୁ ବିଶ୍ୱଆଦିବାସୀ ଦିବସ ପାଳିତ ହୋଇଯାଇଛି । ଏହି ସଭାରେ ଭାରତ ମୁଣ୍ଡା ସମାଜ ଓଡିଶା ରାଜ୍ୟ ସଭାପତି ରବିନ୍ଦ୍ରନାଥ ସିଂହ ସଭାପତିତ୍ୱ କରି ତାଙ୍କର ପ୍ରାରମ୍ଭିକ ବକ୍ତବ୍ୟରେ ବିଶ୍ୱଆଦିବାସୀ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ କହିବା ସାଙ୍ଗକୁ ଆଦିବାସୀ ମାନଙ୍କର ଜମି, ଜଙ୍ଗଲ ଅଧିକାର ଉପରେ ଆସିଥିବା ଆକ୍ରମଣ, ବିସ୍ଥାପନ ନୀତି ତଥା ସଂରକ୍ଷଣ ବିରୋଧୀ ଷଡଯନ୍ତ୍ରକୁ ଘୋର ବିରୋଧ କରିଥିଲେ । ସଂଘର ରାଷ୍ଟ୍ରିୟ ସାଧାରଣ ସମ୍ପାଦକ ନାଥ ସିଂହ ଉଲ୍ଲେଖ କରିଥିଲେ ଯେ, ବିର୍ସାମୁଣ୍ଡାଙ୍କ ନେତୃତ୍ୱରେ ତତ୍କାଳୀନ ବ୍ରିଟିଶ ସରକାରଙ୍କ ଅକଥନୀୟ ଅତ୍ୟାଚାର ଓ ଆଦିବାସୀ ମାରଣା ନୀତି ବିରୋଧରେ ଆଦିବାସୀ ମାନେ ସ୍ୱର ଉତ୍ତୋଳନ କରିଥିଲେ ଓ ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ଝାସ ଦେଇଥିଲେ । କିନ୍ତୁ ସ୍ୱାଧୀନତାର ୭୯ବର୍ଷ ପରେ ମଧ୍ୟ ମୁଣ୍ଡା ଆଦିବାସୀଙ୍କର ସର୍ବପୁରାତନ ମୁଣ୍ଡାରୀ ଭାଷା ଓ ଆଦିବାସୀ ଧର୍ମକୁ ସରକାରୀ ସ୍ୱିକୃତିଦେଇନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଶିକ୍ଷା ସ୍ୱାସ୍ଥ୍ୟ ଆର୍ଥିକ ଓ ସାମ୍ବିଧାନିକ କ୍ଷେତ୍ରରେ ମଧ୍ୟ ଆଦିବାସୀମାନଙ୍କର ଆଶାନୁରୁପ ପ୍ରଗତି ହୋଇନାହିଁ କି ଓଡିଶାରେ ପେସା ଆଇନ୍ ମଧ୍ୟ କାର୍ଯ୍ୟକାରୀ ହୋଇନାହିଁ ବୋଲି ସଂଘର ଓଡିଶା ରାଜ୍ୟ ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂ, କୋଷାଧ୍ୟକ୍ଷ ବାଇଧର ସିଂ, ଯୁବକମିଟିର ଅଧ୍ୟକ୍ଷ ସବରନ ସିଂ ଓ ଓଡିଶା ମୁଣ୍ଡା ଛାତ୍ର ସଂଘର ସଭାପତି ମଙ୍ଗଲ ସିଂ ସରକାରଙ୍କ ଠାରେ ଦାବୀ କରିଥିଲେ । ସର୍ବଶେଷରେ ସଭାର ସଫଳତା ପାଇଁ ଶୁକଲାଲ ସିଂ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡିଆ ଭାଷା ସାହିତ୍ୟ କୁଇଜ୍ ପ୍ରତିଯୋଗିତା

ବାରିପଦା, (ସବ୍ୟୁ): : ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନଙ୍କ ମାର୍ଗଦର୍ଶନରେ ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୁଲ୍ୟରେ ହାଇସ୍କୁଲ ସ୍ତରୀୟ ଓଡିଆ ଭାଷା ସାହିତ୍ୟ କୁଇଜ୍ ପ୍ରତିଯୋଗିତା ବାରିପଦା ଏମ୍‌ପିକେ ବାଳିକା ଉଚ୍ଚବିଦ୍ୟାଳୟ ସଭାଗୃହରେ ଆୟୋଜିତ ହୋଇଯାଇଛି । ସହର ତଥା ଆଖପାଖ ବିଦ୍ୟାଳୟର ଅନୁନ୍ୟ ୩୩ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଓଡିଆ ଭାଷା ସାହିତ୍ୟର ଏହି କୁଇଜ୍ ପ୍ରତିଯୋଗିତାରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀଚଉରାର ୧୦ମ ଶ୍ରେଣୀ ଛାତ୍ର ଆନନ୍ଦ ରାଜ ପାଣିଗ୍ରାହୀ ଓ ଆୟୁଷ ସାମଲ । ତୃତୀୟ ସ୍ଥାନ ଲାଭ କରିଛନ୍ତି ଦୁଇଜଣ ଛାତ୍ରଛାତ୍ରୀ ସାଇ ଆଦର୍ଶ ଉଚ୍ଚ ବିଦ୍ୟାଳୟ ୧୦ମ ଶ୍ରେଣୀର ସୌମ୍ୟଶ୍ରୀ ବାରିକ ଏବଂ ପିଏମଶ୍ରୀ ଏମ୍‌କେସି ହାଇସ୍କୁଲର ୯ମ ଶ୍ରେଣୀ ଶିକ୍ଷାର୍ଥୀ ସାଇକ୍ରିଷ୍ଣା ଗୋଛାୟତ । ଏହି କାର୍ଯ୍ୟକ୍ରମକୁ ପରିଷଦର କର୍ମକର୍ତ୍ତା ଓ ସଭ୍ୟ/ସଭ୍ୟା 1 ପଦ୍ମନାଭ ସାହୁ, ଇଂ ମନୋଜ କୁମାର ଦଳବେହେରା, ଅଜିତ କୁମାର କବାଟ, ସୁଶ୍ରୀ କାବେରୀ ମିଶ୍ର, ଜୟନ୍ତ କୁମାର ଦ୍ୱାରୀ, ପଣ୍ଡିତ ଭାଗବତ ପ୍ରସାଦ ପଣ୍ଡା, ସମରେନ୍ଦ୍ର କୁମାର ବଶା, ସୁମିତା ବେହେରା ଓ ଭାସ୍ୱତୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ । ପରୀକ୍ଷାର ମୂଲ୍ୟାୟନ ପାଇଁ ବିଚାରକ ମଣ୍ଡଳୀ ଭାବରେ କୃତୀଶିକ୍ଷକ ନରସିଂହ ବାରିକ, କୈବଲ୍ୟ ପ୍ରସାଦ ମହାପାତ୍ର ଓ ଡଃ ଭକ୍ତହରି ମହାନ୍ତ ଏବଂ ଶଙ୍କର ଜେନା ପ୍ରମୁଖ ଯୋଗ ଦେଇଥିଲେ ।

# ୪ ବର୍ଷ ପରେ ଫେରାର ଦୁଇ ଅଭିଯୁକ୍ତ ଗିରଫ

କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା କେସ ନଂ-୪୩/୧୫.୦୩.୨୦୨୨ରେ ରୁଜୁ ହୋଇଥିବା ୪ ବର୍ଷ ପୁରୁଣା ଏକ ଚର୍ଚ୍ଚିତ ମାମଲାରେ ଘସିପୁରା ପୋଲିସ ଦୁଇଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି । ଏ ସମ୍ପର୍କରେ ଆନନ୍ଦପୁର ଏସଡ଼ିପିଓ କମଳଲୋଚନ ପଣ୍ଡା ସୂଚନା ଦେଇଛନ୍ତି । ଅଭିଯୋଗ ଅନୁଯାୟୀ, ଜଳସୁଆଁ ଗ୍ରାମର ହିରଣ୍ୟ ଜେନାଙ୍କ ଭଉଣୀ ନନ୍ଦିନୀ ଜେନାଙ୍କ ବିବାହ ରେକୁଟିଆ ଗ୍ରାମର ତ୍ରିଲୋଚନ ଜେନା ଓରଫ ଚିଲ୍ଲାଙ୍କ ସହ ହୋଇଥିଲା । ବିବାହ ପରେ ନନ୍ଦିନୀଙ୍କୁ ତାଙ୍କ ସ୍ୱାମୀ ତ୍ରିଲୋଚନ ନିର୍ଯାତନା ତନା ଦେଉଥିବା ଅଭିଯୋଗ ହୋଇଥିଲା । ପରବର୍ତ୍ତୀ ସମୟରେ ତ୍ରିଲୋଚନ ଅଭିଯୋଗକାରୀଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଦାସଙ୍କୁ ମଧ୍ୟ ବିବାହ କରିଥିଲେ । ଏହାପରେ ଉଭୟେ ମିଶି ନନ୍ଦିନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବାରୁ ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ଏନେଇ ଘସିପୁରା ଥାନାରେ ମାମଲା ରୁଜୁ କରାଯାଇଥିଲା ।

ଘଟଣା ପରଠାରୁ ଅଭିଯୁକ୍ତ ତ୍ରିଲୋଚନ ଜେନା ଓ ଲକ୍ଷ୍ମୀପ୍ରିୟା ଦାସ ଫେରାର ହୋଇ ଚେନ୍ନାଇରେ ରହୁଥିଲେ । ସମ୍ପ୍ରତି ସେମାନେ ନିଜ ଗାଁକୁ ଫେରିଥିବା ନେଇ ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା । ସୂଚନା ଆଧାରରେ ଘସିପୁରା ପୋଲିସ ଚଢ଼ାଉ କରି ଉଭୟଙ୍କୁ ଗିରଫ କରିଥିଲା । ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଦୀର୍ଘ ୪ ବର୍ଷ ଧରି ଫେରାର ଥିବା ଦୁଇ ଅଭିଯୁକ୍ତଙ୍କ ଗିରଫ ସହ ଏହି ମାମଲାର ତଦନ୍ତରେ ପୋଲିସକୁ ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି ବୋଲି ଆନନ୍ଦପୁର ଏସିପିଓ କମଳଲୋଚନ ପଣ୍ଡା ସୂଚନା ଦେଇଛନ୍ତି ।

# ଧରାପଡ଼ିଲା ମନ୍ଦିର ଚୋର

ସୋର, (ସବ୍ୟୁ): ଚୋରି କରୁଥିବା ବେଳେ ଜଣେ ଯୁବକଙ୍କୁ ଗ୍ରାମବାସୀ ମାନେ କାବୁ କରିଥିବା ଜଣାପଡିଛି । ରବିବାର ଭୋର ୪ଟାରେ ବାଳଙ୍ଗ ପଞ୍ଚାୟତ ମା ଖେରେଣେଇ ମନ୍ଦିରରେ ତିନିଜଣ ଯୁବକ ମନ୍ଦିରର ତାଲା ଭାଙ୍ଗି ମନ୍ଦିର ଭିତରକୁ ପଶିବା ସହିତ ମାଙ୍କ ବେକରେ ଥିବା ୬ଟି ସୁନା ଚିତା ଚୋରି କରିଥିଲେ । ସକାଳେ ଫୁଲ ତୋଳିବାକୁ ଉଠିଥିବା କିଛି ଗ୍ରାମବାସୀ ମନ୍ଦର ବିତରେ ସେମାନଙ୍କୁ ଦେଖି ଅନ୍ୟମାନଙ୍କୁ ଖବର ଦେବା ସହିତ ଘେରିଯାଇଥିଲେ । କୌଶଳ ବଶତଃ ୨ଜଣ ଚୋର ଖସି ଯାଇଥିବା ବେଳେ ଖେରଣା ଗ୍ରାମର ଗୌରହରି ମଳିକକୁ କାବୁ କରିଥିଲେ । ପରେ ସେ ଚୋରି କରିଥିବା ସ୍ୱୀକାର କରିବା ପରେ ତାଙ୍କ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ଚୋରି ହୋଇଥିବା ସାମଗ୍ରୀ ଫେରାଇବାକୁ ପ୍ରତିଶୃତି ଦେବା ପରେ ତାଙ୍କୁ ଛଡାଯାଇଥିଲା ।

# ଇନର୍ ହ୍ୱିଲ କ୍ଲବର ଅଙ୍ଗଦାନ ଓ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ




ବାରିପଦା, (ସବ୍ୟୁ) : ବାରିପଦା ଇନର୍ ହ୍ୱିଲ କ୍ଲବ୍ ଆନୁକୁଲ୍ୟରେ ଅଙ୍ଗଦାନ ଓ ବିଶ୍ୱ ସ୍ତନ୍ୟପାନ ଦିବସ ସ୍ଥାନୀୟ ବେଲଗଡିଆସ୍ଥିତ ଆଧାର ସ୍ୱେଚ୍ଛାସେବୀ ଆନୁଷ୍ଠାନର ସମ୍ମିଳନୀ କକ୍ଷରେ ଷାଠିଏ ଜଣ ସ୍ୱୟଂସହାୟିକା ମାଆ ମାନଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି । ଇନର୍ ହ୍ୱିଲ କ୍ଲବର ସଭାପତି ସୁପ୍ରୀତି ଦଳବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ସମାଜସେବୀ ଡାକ୍ତର କୈଳାଶ ଚନ୍ଦ୍ର ମହାନ୍ତି ଯୋଗଦେଇ ଅଙ୍ଗଦାନର ମହତ୍ତ୍ୱ ସଂପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲାର ଦୁଇ ପ୍ରାକ୍ତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରୀତିସୁଧା ତ୍ରିପାଠୀ ଏବଂ ମିନତି ଦାସ ଯୋଗ ଦେଇ ଉଭୟ ଗର୍ଭାବସ୍ଥା ଓ ଜନ୍ମ ପରେ ପ୍ରସୂତୀ ମାଆ ଓ ନବଜାତ ଶିଶୁର ଯତ୍ନ ଓ ଲାଳନ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ । ଆରମ୍ଭରେ ସଦସ୍ୟା ପ୍ରଣତି ଦାସ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇନର୍ ହ୍ୱିଲ କ୍ଲବର ସମ୍ପାଦିକା ସଂଯୁକ୍ତା ଚାନ୍ଦଙ୍କ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହିଅବସରରେଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ତଥା ରୋଟାରିଆନ୍ ଡଃ ପୁଷ୍ପା ପାତ୍ର ଅଙ୍ଗଦାନ ଓ ସ୍ତନ୍ୟପାନର ମହ‰ ସଂପର୍କରେ ମଧ୍ୟ ଆଲୋଚନା କରିଥିଲେ ଏବଂ ବାରିପଦା ଇନରହ୍ୱିଲ କ୍ଲବର ଆଇଏସ୍‌ଓ ଦୁର୍ଗାବତୀ ମହାପାତ୍ର, ଯୁଗ୍ମ ସଂପାଦିକା ସୁସ୍ମିତା ଘୋଷାଲ, କୋଷାଧ୍ୟକ୍ଷା ଶ୍ରାବଣୀ ଦାସ, କାର୍ଯ୍ୟକାରୀ ସମିତିର ସଦସ୍ୟା ସ୍ୱପ୍ନା ଦାସ, ଆରତୀ ପଟ୍ଟନାୟକ, ମିନତୀ ସେଠୀ ଓ ସୁଜାତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ ।

# ବିଶ୍ୱବିଦ୍ୟାଳୟରେ ଏଏଇଏସଏଫ ପକ୍ଷରୁ ହେଲ୍ପ ଡେସ୍କ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପିଜି ନାମଲେଖା ନିମନ୍ତେ ନିର୍ଦ୍ଦେଶ ଆସିଥିବା ବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏଏଇଏସଏଫ) ପକ୍ଷରୁ ପିଜି ନାମଲେଖା ନବାଗତ ବିଦ୍ୟାର୍ଥୀମାନଙ୍କୁ ସଠିକ ସୂଚନା ଓ ସହଯୋଗ କରିବା ଉଦ୍ଦେଶ୍ୟରେ ଏକ ହେଲ୍ପ ଡେସ୍କ ଗଠନ ହୋଇଛି। ଉକ୍ତ ସମସ୍ତ ଛାତ୍ର ଛାତ୍ରୀଙ୍କୁ ସୂଚନା ଓ ସହଯୋଗ ପ୍ରଦାନ କରାଯାଇଛି । ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସୁଥିବା ଅନେକ ଛାତ୍ର, ଛାତ୍ରୀଙ୍କୁ ଏହି ହେଲ୍ପ ଡେସ୍କ ସହଯୋଗ ପ୍ରଦାନ କରିଛି । ଏହି ହେଲ୍ପ ଡେସ୍କକୁ ଗଞ୍ଜାମ ଜିଲ୍ଲାର ଜିଲ୍ଲା ସଂଗଠନ ସଂପାଦକ ଉଜ୍ଜ୍ୱଳ ପ୍ରଦୀପ ସାମଲ,ଗଞ୍ଜାମ ଜିଲ୍ଲା ସଂଯୋଜକ ଆୟୁଷ ରଥ, ବରିଷ୍ଠ କାର୍ଯ୍ୟକର୍ତ୍ତା ସ୍ୱସ୍ତି ସୁନ୍ଦର ସିଅ, ସ୍ୱୟାଂଶୁ ସିଂ, ସାଇରାମ ସାହୁ ଚନ୍ଦ୍ର ଶେଖର ରେଡୀ, ବି.ସୋନୁ ରେଡି, ଆଦି ପ୍ରମୁଖ କାର୍ଯ୍ୟକର୍ତ୍ତା ରହି ସହଯୋଗ କରିଥିଲେ ।

# ଆସିକା ଉପ-କାରାଗାରରେ ନିଶାମୁକ୍ତି ପ୍ରତିଜ୍ଞା ଅଭିଯାନ

ଆସିକା,(ସବ୍ୟୁ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଆସିକା ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନ ପକ୍ଷରୁ ନିଶାମୁକ୍ତ ସମାଜ ଗଠନର ମହତ୍ତ୍ୱପୂର୍ଣ୍ଣ ସଂକଳ୍ପକୁ ନେଇ ସ୍ଥାନୀୟ ଉପ-କାରାଗାର ରେ ଏକ ପ୍ରେରଣାଦାୟକ "ଦଶ କୋଟି ନିଶାମୁକ୍ତି ପ୍ରତିଜ୍ଞା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଉପ-କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଖଗେଶର ସିଂଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବ୍ରହ୍ମାକୁମାର ସତ୍ୟ ପ୍ରିୟ ପରିଚାଳନା କରିଥିଲେ । ଆସିକା ସେବା କେନ୍ଦ୍ର ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ ଅନ୍ତେବାସୀମାନଙ୍କୁ ଜୀବନ ପରିବର୍ତ୍ତନର ଏକ ନୂତନ ଦିଗ ଉପରେ ଆଲୋକପାତ କରି ନିଶାରୁ ମୁକ୍ତି କେବଳ ଏକ ଅଭ୍ୟାସକୁ ଛାଡ଼ିବା ନୁହେଁ ଏହା ନିଜ ଚିନ୍ତା, ଚେତନା ଓ ଜୀବନଶୈଳୀର ଏକ ସକାରାତ୍ମକ ପରିବର୍ତ୍ତନ । ସହଜ ରାଜଯୋଗ ଅଭ୍ୟାସ ମାଧ୍ୟମରେ ମନକୁ ଶାନ୍ତ, ସ୍ଥିର ଓ ଶକ୍ତିଶାଳୀ କରି ଶାରୀରିକ ଓ ମାନସିକ ସୁସ୍ଥତା ଲାଭ କରାଯାଇପାରିବ ବୋଲି କହିଥିଲେ । ଅନ୍ତେବାସୀଙ୍କୁ ନିଜ ଜୀବନରେ ନୂତନ ଆଶା ଓ ଆତ୍ମବିଶ୍ୱାସ ସୃଷ୍ଟି କରି ପରିବାର ଓ ସମାଜର ଉତ୍ତରୋତ୍ତର ଉନ୍ନତିରେ ଯୋଗଦାନ କରିବାକୁ ଆହ୍ୱାନ ଦେଇଥିଲେ । ଅଭିଯାନର ଏକ ପ୍ରମୁଖ ଅଂଶ ଭାବେ ସମସ୍ତ ଅନ୍ତେବାସୀଙ୍କୁ ବ୍ୟସନମୁକ୍ତ ଜୀବନ ଆପଣେଇବା ପାଇଁ ଶପଥପାଠ କରାଯାଇଥିଲା । ଉପ-କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଖଗେଶର ସିଂ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରି କାରାଗାରରେ ଅନ୍ତେବାସୀମାନଙ୍କ ଜୀବନଶୈଳୀରେ ସୁଧାର ଆଣିବା ସହିତ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ଶୃଙ୍ଖଳା ଓ ସକାରାତ୍ମକ ଚିନ୍ତନର ବିକାଶରେ ଏହି କାର୍ଯ୍ୟକ୍ରମଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ । ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ଦୁର୍ଗା ପ୍ରସାଦ ପଣ୍ଡା ଅନ୍ତେବାସୀଙ୍କୁ ରାଜଯୋଗ ଅଭ୍ୟାସ ଦାରା ଆତ୍ମିକ ଚେତନାକୁ ଜାଗ୍ରତ କଲେ ମନରେ ଆତ୍ମବଳ ଓ ସକାରାତ୍ମକ ଚିନ୍ତନ ବୃଦ୍ଧି ପାଇବା ସହ ବ୍ୟସନରୁ ମୁକ୍ତ ହୋଇ ଏକ ସୁସ୍ଥ ଓ ସୁନ୍ଦର ଜୀବନ ଆପଣେଇବା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ବ୍ରହ୍ମାକୁମାରୀ ସୁଜ୍ଞାନୀ ଅନ୍ତେବାସୀମାନଙ୍କୁ ସହଜ ରାଜଯୋଗର ପ୍ରାୟୋଗିକ ଅଭ୍ୟାସ କରାଇଥିଲେ । କାର୍ଯ୍ୟକ୍ରମରେ ଉପ କାରାଗାରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# ୨୬ ଟିକିଆ ହାତୀପଲ ଜଗିରହିଛନ୍ତି ନୂଆ ଶାବକ

କେନ୍ଦୁଝର, (ଜିପ୍ର) : କେନ୍ଦୁଝର ପାଟଣା ଅଞ୍ଚଳରେ ୨୬ ଟିକିଆ ହାତୀପଲ ନୂଆ ଶାବକକୁ ଜଗି ରହିଛନ୍ତି । କେନ୍ଦୁଝର ଜିଲ୍ଲା ପାଟଣା ବନ ରେଞ୍ଜ ଅନ୍ତର୍ଗତ ମଙ୍ଗଳପୁର ପାଟନାଳୀ ସାହିରେ ହାତୀପଲ ଡେରା ପକେଇଛନ୍ତି । ଦୁଇ ସପ୍ତାହ ଧରି ୧୯ ଟିକିଆ ହାତୀପଲ ପାଟଣା ଅଂଚଳରେ ବିଭିନ୍ନ ଗ୍ରାମରେ ଉପଦ୍ରବ ଜାରି ରଖିଛନ୍ତି । ଶନିବାର ଦିନ ଏହି ହାତୀପଲ ମଧ୍ୟରେ ଏକ ହାତୀ ଶାବକ ଜନ୍ମ ହେବା ପରେ ରବିବାର ଦିନ ତମାମ ଏହି ହାତୀପଲ ମଙ୍ଗଳପୁର ପାଟନାଳୀ ଗାଁରେ ରହିଥିଲେ । ହାତୀ ଶାବକକୁ ଅନ୍ୟ ହାତୀପଲ ଘନି ନେଉଥିବା ଦୃଶ୍ୟ ଦେଖିବାକୁ ମିଳିଛି ।

ହାତୀ ଶାବକ ଥିବାରୁ ବାଘ ଆକ୍ରମଣ ଭୟରେ ଏହି ହାତୀପଲ ବଡ଼ ଜଙ୍ଗଲକୁ ଯିବାର ସମ୍ଭାବନା ନାହିଁ । ତେଣୁ ଶାବକକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏହି ଆଖପାଖ



ଅଞ୍ଚଳରେ ହିଁ ଏହି ହାତୀ ପଲ ଅବସ୍ଥାନ କରି ପାରନ୍ତି ବୋଲି ପାଟଣା ରେଞ୍ଜର ମତ ପ୍ରକାଶ କରିଛନ୍ତି ।

ତେଣୁ ଏହି ହାତୀ ପଲଙ୍କ ଗତିବିଧି ପ୍ରତି ନଜର ରଖାଯାଇଥିବା ସେ କହିଛନ୍ତି । ଆଉ ୭ ଟିକିଆ ହାତୀପଲ ଏହି ହାତୀପଲରେ ମିଶି ୨୬ ଟିକିଆ ହାତୀପଲ ହୋଇ ଆଜି ଦିନ ତମାମ ଏଠାରେ ଡେରା ପକେଇ ଥିଲେ । ହାତୀପଲଙ୍କର ଏପରି ରହିବାକୁ ନେଇ ଏହି ଅଞ୍ଚଳରେ ଲୋକେ ଆଶଙ୍କିତ ଅବସ୍ଥାରେ ଅଛନ୍ତି ।

# ଦଶମ ଶ୍ରେଣୀ ଛାତ୍ରଙ୍କ ମାଡ଼ରେ ଅଷ୍ଟମ ଶ୍ରେଣୀ ଛାତ୍ର ଲହୁଲୁହାଣ

ନୟାଗଡ଼, (ସବ୍ୟୁ) : ନୟାଗଡ଼ ଟାଉନ ଥାନା ସାଇ ସାହାରା ଆବାସିକ ସ୍କୁଲରେ ଏକ ଅଭାବନୀୟ ଘଟଣା ଘଟିଛି । ବିସ୍କୁଟ ଓ ମିକ୍ସଚର ନଦେବାରୁ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ସିନିୟର ଛାତ୍ରମାନେ ଲୁହାରଡ଼ରେ ମାଡ଼ ମାରି ଲହୁଲୁହାଣ କରିଦେଇଥିବା ଅଭିଯୋଗ ହୋଇଛି ।

ଏନେଇ ନୟାଗଡ଼ ଟାଉନ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଗତ ୪ ତାରିଖ ରାତିରେ ସ୍କୁଲ ହଷ୍ଟେଲ ଭିତରେ ଏହି ଘଟଣା ଘଟିଥିଲା । ଅଭିଯୋଗ ଅନୁଯାୟୀ, ଦଶମ ଶ୍ରେଣୀର ୩ ଜଣ ଓ ଅଷ୍ଟମ ଶ୍ରେଣୀର ଜଣେ ଛାତ୍ର ଏପରି ମୋଟ ୪ ଜଣ ଛାତ୍ର ମିଳିତ ଭାବେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ଆକ୍ରମଣ କରିଥିଲେ ।

ବିସ୍କୁଟ ଓ ମିକ୍ସଚର ନ ଦେବାରୁ ରାଗିଯାଇ ଛାତ୍ରମାନେ ଲୁହାରଡ଼ରେ ତାଙ୍କୁ ପିଟିଥିବା କୁହାଯାଉଛି । ଘଟଣା ପରେ ସ୍କୁଲ କର୍ତ୍ତୃପକ୍ଷ ଏହାକୁ ଚପାଇବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଛାତ୍ରଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି ।

# ଶ୍ରୀମଦ୍ ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା




ବାରିପଦା, (ସବ୍ୟୁ): ମୟୂରଭଞ୍ଜର ଏକ ଅଗ୍ରଣୀ ଆଧ୍ୟାତ୍ମିକ ଅନୁଷ୍ଠାନ ଗୀତାବାଣୀ ପ୍ରଚାର ସଂଘ ଆନୁକୂଲ୍ୟରେ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏକ ଶ୍ରୀମଦ୍ ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା ସ୍ଥାନୀୟ ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସଂଘର ପ୍ରତିଷ୍ଠାତା ସଭାପତି ଡାକ୍ତର ପାର୍ଥ ସାରଥୀ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାଯ୍ୟକ୍ରମର ପ୍ରାରମ୍ଭରେ ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବାଚକ ଭାଗବତ ପଣ୍ଡା ଭଗବଦ୍ ଗୀତା ପାଠର ଉପାଦେୟତା ସମ୍ପର୍କରେ ଉଲ୍ଲେଖ କରି ଗୀତା ହିଁ ମାନବ ଜୀବନର ଏକ ମାତ୍ର ଆଧାର ଯାହାକୁ ପାଥେୟ କରି ଜଣେ ମଣିଷ କିପରି ଜଣେ ଭଲ ମଣିଷ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହିତ ପ୍ରତିଯୋଗିତା ସମ୍ପର୍କରେ ନିୟମାବଳୀ ପ୍ରକାଶ କରିଥିଲେ ।

ଉକ୍ତ ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମର ଏକଦଶ ଶ୍ରେଣୀ ଛାତ୍ରୀ ଅଞ୍ଜଳିକା ଦାଶ-ପ୍ରଥମ, ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ରୀ ହରିପ୍ରିୟା ମାହାର୍ଣ୍ଣା - ଦ୍ୱିତୀୟ, ବିସିସି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ଏକାଦଶ ଶ୍ରେଣୀ ଛାତ୍ରୀ - ଗୀତାଞ୍ଜଳୀ ଧର ମହାପାତ୍ର -ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କନିଷ୍ଠ ବିଭାଗରେ ସାଇ ଆଦର୍ଶ ବିଦ୍ୟାମନ୍ଦିରର ନବମ ଶ୍ରେଣୀ ଛାତ୍ରୀ ତେଜସ୍ୱିନୀ ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ନନ୍ଦିନୀ କର୍ମକାର ଦ୍ୱିତୀୟ ଓ ଶୁଭଶ୍ରୀ ଆବାସିକ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସ୍ନେହାଶିନୀ ବେହେରା ତୃତୀୟସ୍ଥାନ ଅଧିକାର କରି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

ଏହି ପ୍ରତିଯୋଗିତାରେ ଡାକ୍ତର ପାର୍ଥ ସାରଥୀ ଜେନା ଓ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ସଂକର୍ଷଣ ତ୍ରିପାଠୀ ବିଚାରକ ଭାବେ ଯୋଗ ଦେଇ ପ୍ରତିଭାମାନଙ୍କର ମୂଲ୍ୟାୟନ କରିଥିଲେ । ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରତିଭା ପ୍ରମାଣ ପତ୍ର ସଂଘ ତରଫରୁ ପ୍ରଦାନ କରାଯାଇଥିଲା । କୃତୀ ପ୍ରତିଯୋଗୀମାନଙ୍କୁ ଆଗାମୀ ଅଗଷ୍ଟ ୧୫ତାରିଖ ସନ୍ଧ୍ୟା ୬ଟାରେ ଶହୀଦ ସ୍ମୃତି ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପୁରସ୍କାର ବିତରଣୀ ଉତ୍ସବରେ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯିବ । ପରିଶେଷରେ ସଂଘର ସମ୍ପାଦକ ଭାଗବତ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ବ୍ରହ୍ମପୁର ଜୋନର ସଫଳତା

ବ୍ରହ୍ମପୁର, (ସବ୍ୟୁ): ମହାତ୍ମା ଗାନ୍ଧି ଷ୍ଟାଡିୟମରେ ସ୍ଥାନୀୟ ଏମଏଭି ସ୍କୁଲ ପକ୍ଷରୁ ରାଜ୍ୟ ସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯଗିତା ଆୟୋଜିତ ହୋଇଥିଲା । ବ୍ରହ୍ମପୁର ଜୋନ ଅଣ୍ଡର ୧୪ ବାଳକ ବିଭାଗରେ ଝାରସୁଗୁଡ଼ାକୁ ପରାଜିତ କରି ଚମ୍ପିୟାନ ହୋଇଥିଲେ । ସେହିପରି ଅଣ୍ଡର ୧୭ ବାଳକ ବିଭାଗ ରେ ବାଲେଶ୍ୱର ଜୋନ କୁ ପରାସ୍ତ କରି ଚମ୍ପିୟାନ ହୋଇଥିଲେ । ଅଣ୍ଡର ୧୯ ବାଳକ ବିଭାଗ ରେ ମଧ୍ୟ ବାଲେଶ୍ୱରକୁ ହରାଇ ବ୍ରହ୍ମପୁର ଜୋନ ଚମ୍ପିୟାନ ହୋଇଥିଲେ ।

ସେହିପରି ବାଳିକା ବିଭାଗରେ ଉଣ୍ଡର ୧୭ରେ ଝାରସୁଗୁଡ଼ାକୁ ହରାଇ ଚମ୍ପିୟାନ ହୋଇଥିବା ବେଳେ ଅଣ୍ଡର ୧୯ରେ ଝାରସୁଗୁଡ଼ାକୁ ହରାଇ ଚମ୍ପିୟାନ ହୋଇଛି । ଅନ୍ୟପଟେ ଅଣ୍ଡର ୧୪ ବାଳିକା ବିଭାଗରେ ଝାରସୁଗୁଡ଼ା ଠୁବ୍ରହ୍ମପୁର ଜୋନ ପରାଜିତ



ହୋଇଛି । ଏହି ପ୍ରତିଯୋଗୀତାକୁ ସ୍ଥାନୀୟ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ସ୍କୁଲ ସମ୍ପାଦକ କୁମୁଦ ରଂଜନ ପାଢି, ଜୋନାଲ ଭାରପ୍ରାପ୍ତ ଅଧିକାରୀ ସିଷ୍ଟର ଦୋରେଟ ଙ୍କ ସହ ସ୍କୁଲ ଅଧ୍ୟକ୍ଷ ଦ୍ୱାରିକାନାଥ ପଣ୍ଡା ଉପସ୍ଥିତ ରହିଥିଲେ । ଅତିଥି ମାନେ ପ୍ରତ୍ୟେକ ବିଜେତା ଦଳର ଖେଳାଳି ମାନଙ୍କୁ ସିଲ ପ୍ରଦାନ କରିଥିଲେ।

ଏହି ପ୍ରତିଯୋଗୀତାକୁ ଅଫିସିଆଲ ରୁପେ ଏନ ଆଇ ଏସ କୋଚ ପ୍ରଶାନ୍ତ କୁମାର ରଥ, ସନ୍ଦୀପ ପାତ୍ର , ରାମାସିଷ ଜେନା, ଦୀପକ ମହାନ୍ତି , ଜ୍ୟୋତି ପାତ୍ର, ହରିଶଙ୍କର ପରିଡାଙ୍କ ସହ କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ପାଢି ପରିଚାଳନା କରିଥିଲେ ।

## ସୋଲଘରା ଗ୍ରାମରେ ଆଡ଼ିବନ୍ଧ ଭାଙ୍ଗି ଚାଷଜମି ନଷ୍ଟ
# କ୍ଷେତ୍ର ପରିଦର୍ଶନ କଲେ ମନ୍ତ୍ରୀ



ଜମନକିରା,(ସବ୍ୟୁ): ଲଗାଣ ଓ ପ୍ରବଳ ବର୍ଷା ଯୋଗୁଁ ଜମନକିରା ବ୍ଲକ ଅନ୍ତର୍ଗତ ସୋଲଘରା ଗ୍ରାମରେ ଏକ ଆଡ଼ିବନ୍ଧ ଭାଙ୍ଗିଯାଇ ବ୍ୟାପକ ଚାଷଜମି ନଷ୍ଟ ହୋଇଛି । ଏହି ଖବର ପାଇବା ପରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ସ୍ଥିତି ପରଖିବା ପାଇଁ ସିଧାସଳଖ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ବନ୍ୟା ଓ ବର୍ଷାଜନିତ ଜଳମଗ୍ନ ପରିସ୍ଥିତି ସତ୍ତ୍ୱେ ମନ୍ତ୍ରୀ ବନ୍ୟା ଜଳରେ ପଶି ପ୍ରଭାବିତ ଅଞ୍ଚଳ ବୁଲି ଦେଖିବା ସହ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ସାକ୍ଷାତ କରିଛନ୍ତି । ଏହି ବିପଦ ସମୟରେ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ଅସୁବିଧା ଓ ଦୁଃଖସୁଖ ବୁଝିଛନ୍ତି । ଏହାସହ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ଆଲୋଚନା କରିଛନ୍ତି।

ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଉପ-ଜିଲ୍ଲାପାଳ ସରଭରାନ. ସି, ବିଡ଼ିଓ ରବୀନ୍ଦ୍ର କୁମାର ସେଠୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ ପୋଲିସ ପ୍ରଶାସନ ଉପସ୍ଥିତ ଥିଲେ। ଏହାପରେ ମନ୍ତ୍ରୀ ଜମନକିରା ବ୍ଲକର ଭୋଜପୁର ଅଞ୍ଚଳରେ ବୁଲି ଲୋକଙ୍କ ସହ ମିଶି ସେମାନଙ୍କ ସୁବିଧା ଅସୁବିଧାର ସମୀକ୍ଷା କରିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେବାକୁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଅସୁରକ୍ଷିତ ହାତୀ : ନଥିପତ୍ରରେ ଜିଲ୍ଲାରେ ୮ରୁ ଗୋଟିଏ ଜୀବିତ

ରାୟଗଡ଼ା,(ସବ୍ୟୁ) : ରାୟଗଡ଼ା ଜିଲ୍ଲାରେ ହାତୀଙ୍କ ସୁରକ୍ଷା ନେଇ ପୁଣି ପ୍ରଶ୍ନ ଉଠିଛି । ଏହି ଅସୁରକ୍ଷିତ ଜିଲ୍ଲାକୁ ଅତିଥି ହାତୀଙ୍କ ଆଗମନ କାହା ପାଇଁ ଖୁସି ଆଣୁଥିବାବେଳେ ଆଉ କାହା ପାଇଁ ଚିନ୍ତାର କାରଣ ପାଲଟିଛି । ପୂର୍ବରୁ ଶିକାରୀଙ୍କ ଦ୍ୱାରା ହାତୀ ହତ୍ୟା ଓ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଭଳି ଘଟଣା ଜିଲ୍ଲାରେ ହାତୀ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଛିଡ଼ା କରିଛି । ଏଭଳି ସ୍ଥିତିରେ ରାୟଗଡ଼ା ଜିଲ୍ଲା ସୀମାନ୍ତ ଗୁଣପୁର ବ୍ଲକରେ ୪ ଟିକିଆ ହାତୀପଲଙ୍କ ଉପସ୍ଥିତି ଚିନ୍ତା ବଢ଼ାଇଛି । ଜଗନ୍ନାଥପୁର ପଞ୍ଚାୟତର ବାରିଡ଼ି ଓ କତାଗୁଡ଼ା ଅଞ୍ଚଳରେ ଗତ ୩ ଦିନ ହେଲା ହାତୀପଲ ଘୁରି ବୁଲୁଛନ୍ତି । ଖାଦ୍ୟ ଅନ୍ୱେଷଣରେ ଏହି ହାତୀପଲ ଆନ୍ଧ୍ରପ୍ରଦେଶର ମାନ୍ୟମ-ପାର୍ବତୀପୁରମ ଜିଲ୍ଲାର ଭାମିନୀମଣ୍ଡଳ ପାଲଓ୍ୱାଲସା ଦେଇ ଓଡ଼ିଶା ସୀମାକୁ ପ୍ରବେଶ କରିଥିବା ଅନୁମାନ କରାଯାଉଛି । ହାତୀଙ୍କ ଗତିବିଧି ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଦେଇଛି । ବିଶେଷକରି ଭୋର ସମୟରେ ଚାଷଜମିକୁ ଯିବାକୁ ଚାଷୀମାନେ ଭୟ କରୁଛନ୍ତି । ହାତୀପଲ ଚାଷଜମି ଆଡ଼କୁ ମୁହାଁଇଲେ ହାତୀ-ମଣିଷ ସଂଘର୍ଷର ଆଶଙ୍କା ରହିଛି । ଏନେଇ ଗୁଣପୁର ବନ ବିଭାଗର ଟିମ ଘଟଣାସ୍ଥଳରେ ପହଞ୍ଚି ହାତୀଙ୍କ ଗତିବିଧି ଉପରେ ନଜର ରଖିଛି । ଗତ ରାତିରେ ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପ, ଏସିଏଫ ସଚ୍ଚିଦାନନ୍ଦ ସେଠୀ ଓ ରେଞ୍ଜର ପ୍ରଦୀପ୍ତ କୁମାର ଆଚାର୍ଯ୍ୟ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ହାତୀଙ୍କ ନିକଟକୁ ନଯିବା, ସେମାନଙ୍କୁ ଉତ୍ତେଜିତ ନକରିବା ଏବଂ ରାତି ଓ ଭୋର ସମୟରେ ଜଙ୍ଗଲ ଓ ଚାଷଜମିକୁ ନଯିବାକୁ ବନ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ କରାଯାଇଛି । ଏହି ଅତିଥି ହାତୀମାନେ ପୂର୍ବରୁ କେତେବେଳେ କଳାହାଣ୍ଡି ଜିଲ୍ଲାରୁ କଲ୍ୟାଣସିଂହପୁର, ମୁନିଗୁଡ଼ା ଓ



ନିୟମଗିରି ଅଞ୍ଚଳକୁ ଆସୁଥିବା ବେଳେ ଆଉ କେତେବେଳେ ଆନ୍ଧ୍ରପ୍ରଦେଶରୁ ଗୁଣପୁର ଅଞ୍ଚଳକୁ ପ୍ରବେଶ କରୁଛନ୍ତି । ତେବେ ରାୟଗଡ଼ା ଜିଲ୍ଲାର ନିଜସ୍ୱ ହାତୀ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇ ଏବେ ମାତ୍ର ଗୋଟିଏରେ ପହଞ୍ଚିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ୨୦୨୧ରେ ଗୁଡ଼ାରୀ ଜଙ୍ଗଲରେ ୮ଟି ହାତୀ ଚଳପ୍ରଚଳ କରୁଥିବା ଦେଖାଯାଇଥିଲା । ତେବେ ୨୦୨୨ ମେ ୨୩ ତାରିଖରେ ଗୁଡ଼ାରୀ ଅଞ୍ଚଳରୁ ବନ ବିଭାଗ ଦୁଇଟି ହାତୀଦାନ୍ତ ଜବତ କରିଥିଲା। ଏହାର ପରଦିନ ସରକାରୀ ହିସାବରେ ଜିଲ୍ଲାର ହାତୀ ସଂଖ୍ୟା ୬କୁ ଖସି ଆସିଥିଲା। ଏହାପରେ ଆଉ ୪ଟି ହାତୀ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ସୀମାନ୍ତ କାତ୍ରାଗାଡ଼ା ଗ୍ରାମରେ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିଲେ । ସାଥୀମାନଙ୍କୁ ହରାଇ ଗୁଣପୁର ଅଞ୍ଚଳକୁ ଫେରିଥିବା ଦୁଇଟି ହାତୀ ମଧ୍ୟ ଅନେକ ଥର ବାଟବଣା ହୋଇ ଅଲଗା ହୋଇଥିଲେ । ପରେ ପୁଣି ଉଭୟ ଏକାଠି ହେଉଥିଲେ। ଏହି ଦୁଇଟି ମଧ୍ୟରୁ ଏକ ମାଈ ହାତୀ ତାରମାଳ ଅଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ପ୍ରାଣ ହରାଇଥିଲା। ଅନ୍ୟ ଏକ ଅଣ୍ଡିରା ହାତୀ ପ୍ରାଣ ବିକଳରେ ସେଠାରୁ ଚାଲିଯାଇଥିଲା । ଫଳରେ ବର୍ତ୍ତମାନ ସରକାରୀ ହିସାବରେ ରାୟଗଡ଼ା ଜିଲ୍ଲାରେ ମାତ୍ର ଗୋଟିଏ ହାତୀ ଜୀବିତ ଥିବା ନଥିପତ୍ରରୁ ଜଣାପଡ଼ିଛି । ଜିଲ୍ଲାରେ ହାତୀ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏହି ଘଟଣାଗୁଡ଼ିକ ଅନେକ ପ୍ରଶ୍ନ ଉଠାଇଛି । ଗତ କିଛି ବର୍ଷରେ ୮ଟି ହାତୀରୁ ଏବେ ମାତ୍ର ଗୋଟିଏ ଜୀବିତ ରହିବା ଚିନ୍ତାର ବିଷୟ। ଆଗାମୀ ଦିନରେ ଯଦି ହାତୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆ ନଯାଏ, ତେବେ ଜଙ୍ଗଲରେ ହାତୀ ନୁହେଁ, କେବଳ ଛବିରେ ହାତୀ ଦେଖିବାକୁ ମିଳିବ ବୋଲି ପରିବେଶ ପ୍ରେମୀମାନେ ଆଶଙ୍କା ପ୍ରକାଶ କରିଛନ୍ତି । ଏପରିସ୍ଥଳେ ଗୁଣପୁର ଅଞ୍ଚଳକୁ ଅତିଥି ଭାବେ ଆସିଥିବା ୪ ଟିକିଆ ହାତୀପଲ ସୁରକ୍ଷିତ ଭାବେ ପୁଣି ଆନ୍ଧ୍ରପ୍ରଦେଶ ଫେରିପାରିବେ ତ? ନା ପୂର୍ବ ଘଟଣାର ପୁନରାବୃତ୍ତି ହେବ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି ।

## ନିଷ୍ଠୁର ଜାତିପ୍ରଥା ହାରମାନିଲା
# ବଲାଙ୍ଗିର ସ୍ୱେଚ୍ଛାସେବୀ ସଙ୍ଗଠନର ମହାନତା

ବଲାଙ୍ଗିର,(ସବ୍ୟୁ): ଜନ୍ମରୁ ସେମାନେ କଥା କହିପାରନ୍ତି ନାହିଁ । ନିଜର ଦୁଃଖ-ସୁଖ, ଭଲପାଇବାକୁ ଅଭିବ୍ୟକ୍ତ କରିବା ପାଇଁ ସେମାନଙ୍କ ପାଖରେ ଶବ୍ଦ ବି ନଥିଲା, ଥିଲା ଦୁଇଟି ମନର ଅନାବିଳ ଭଲପାଇବା । ହେଲେ ସମାଜର ନିଷ୍ଠୁର ଜାତିପ୍ରଥା ଓ ପରିବାରର ସଂକୀର୍ଣ୍ଣତା ଆଗରେ ସେମାନଙ୍କ ଶାନ୍ତ ବିଶ୍ୱ ଆଜି ପୁଣି ଥରେ ହାର୍ ମାନିଛି । ଜୀବିତ ଅବସ୍ଥାରେ ଯେଉଁ ପରିବାର ତେଜ୍ୟ କରିଦେଇଥିଲା, ମୃତ୍ୟୁ ପରେ ବି ସେହି ନିଜ ଲୋକମାନେ ଟିକିଏ ଦୟା ଦେଖାଇଲେ ନାହିଁ। ଶେଷରେ ଅସହାୟ ସ୍ତ୍ରୀ ଓ ଶାଶୂଙ୍କ ଆଖିର ଲୁହ ପୋଛି ମାନବିକତାର ପରିଚୟ ଦେଇଥିଲା ବଲାଙ୍ଗିର ସେଓ୍ୱଚ୍ଛାସେବୀ ସଂଗଠନ ବଲାଙ୍ଗିର ସ୍ଥିତ ସାଲେପାଲିର ୪୧ ବର୍ଷୀୟ ମନୋଜ ବଗର୍ତ୍ତୀ ଜନ୍ମରୁ ମୂକ ଥିଲେ। ଆଜିକୁ ୮ ବର୍ଷ ତଳେ ସେ ବଲାଙ୍ଗିର ସହର ଟିକ୍ରାପଡାର ମଧୁମିତା ସାହୁଙ୍କୁ ପ୍ରେମ ବିବାହ କରିଥିଲେ । ମଧୁମିତା ମଧ୍ୟ ଜନ୍ମରୁ କଥା କହିପାରନ୍ତି ନାହିଁ । ଦୁଇ ଅସହାୟ ହୃଦୟ ଏକାଠି ହୋଇ ସଂସାର ଗଢ଼ିବାକୁ ସ୍ୱପ୍ନ ଦେଖିଥିଲେ ସତ, ହେଲେ ସେମାନଙ୍କର ଆନ୍ତଃଜାତି ବିବାହକୁ ମନୋଜଙ୍କ ପରିବାର ଗ୍ରହଣ କରିନଥିଲେ । ସମ୍ପର୍କର ଏହି କଠୋରତା ଯୋଗୁଁ ବିବାହ ପରଠାରୁ ମନୋଜ ନିଜ ଘର ଛାଡ଼ି ଟିକ୍ରାପଡା ସ୍ଥିତ ଶ୍ୱଶୁର ଘରେ ରହିଆସୁଥିଲେ । ଗତ କିଛିଦିନ ହେବ ଶାରୀରିକ ଅସୁସ୍ଥତା ଯୋଗୁଁ ମନୋଜଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ରବିବାର ଭୋର୍ ୫ଟାରେ ତାଙ୍କର ମୃତ୍ୟୁ ଘଟିଥିଲା । ସ୍ୱାମୀଙ୍କ ଆକସ୍ମିକ ମୃତ୍ୟୁ ପରେ ଦୁଃଖରେ ଭାଙ୍ଗି ପଡ଼ିଥିବା ମଧୁମିତା ତୁରନ୍ତ ମନୋଜଙ୍କ ପରିବାରକୁ ଖବର ଦେଇଥିଲେ । ଆଶା ଥିଲା ମୃତ୍ୟୁ ହୁଏତ ଆପଣା ଲୋକଙ୍କ ହୃଦୟକୁ ତରଳାଇ ଦେବ । କିନ୍ତୁ ସମାଜର ନିଷ୍ଠୁରତା ସୀମା ପାର୍ କରିଥିଲା । ପରିବାର ଲୋକ ସ୍ପଷ୍ଟ ଭାବେ ମନା କରିଦେଇଥିଲେ ଯେ, ସେମାନେ ନା ମରଶରୀର ଦେଖିବେ, ନା ଅନ୍ତିମ ସଂସ୍କାର କରିବେ । ଏହିଭଳି ମାନସିକ ଯନ୍ତ୍ରଣା ଓ ପରିବାରର ଅସହଯୋଗ ଭିତରେ ମଧୁମିତା ଓ ତାଙ୍କ ମାଁ ମନୋଜଙ୍କ ଶବକୁ ଟିକ୍ରାପଡାସ୍ଥିତ ଘରକୁ ଆଣିଥିଲେ । ଘର ଭିତରେ ମୃତଶରୀର ପଡ଼ିରହିଥିବା ବେଳେ ଦୁଇ ଅସହାୟ ମହିଳା ଶବ ପାଖରେ ବସି କାନ୍ଦି କାନ୍ଦି ନିଜର ଦୁଃଖ ନିଜେ ପିଉଥିଲେ । ସେମାନଙ୍କ ପାଖରେ ନା ଥିଲା କୋକେଇ ବୋହିବାକୁ କାନ୍ଧ, ନା ଥିଲା ଅନ୍ତିମ ସଂସ୍କାର ପାଇଁ ଲୋକବଳ । ଏହି ଦୁଃଖଦ ଖବର ପାଇବା କ୍ଷଣି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ତୁରନ୍ତ ଟିକ୍ରାପଡା ବାସଭବନରେ ପହଞ୍ଚିଥିଲେ । ଅସହାୟ ପରିବାରକୁ ସାନ୍ତ୍ୱନା ଦେବା ସହ ସମସ୍ତ ପରିସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ । ଏହାପରେ ସଂଗଠନ ପକ୍ଷରୁ ସ୍ୱର୍ଗ ରଥରେ ମନୋଜଙ୍କ ମରଶରୀରକୁ ବିଭୂତିପଡା ସ୍ଥିତ ଶ୍ମଶାନଘାଟକୁ ନିଆଯାଇଥିଲା । ସେଠାରେ ସମ୍ମାନର ସହ ତାଙ୍କର ଶେଷକୃତ୍ୟ ସମ୍ପାଦନ କରାଯାଇଥିଲା । ଏହି ମାନବୀୟ କାର୍ଯ୍ୟରେ ବଲାଙ୍ଗିର ସେଓ୍ୱଚ୍ଛାସେବୀ ସଂଗଠନର ଗୋବିନ୍ଦ ଚନ୍ଦ୍ର ଶତପଥୀ, ଉତ୍ତମ ନନ୍ଦ, ବବିତା ପୁଟେଲ, ପ୍ରକାଶ ସାହୁ, ସାଗର ଚନ୍ଦନ ଓ ସରୋଜ ଜାଲ ପ୍ରମୁଖ ଉପସ୍ଥିତ ରହି ଶେଷକୃତ୍ୟର ଦାୟିତ୍ୱ ତୁଲାଇଥିଲେ ।

# ପ୍ରଧାନଶିକ୍ଷକଙ୍କ ପରଲୋକ



କୋକସରା,(ସବ୍ୟୁ): କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଆଇଁଲି ଗ୍ରାମର ପ୍ରେମଲାଲ ସାହୁ (୫୫)ଙ୍କ ଅକାଳ ବିୟୋଗ ହୋଇଛି । କୋକସରା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ କୋକସରା ଗୋଷ୍ଠି ଶିକ୍ଷା ବିଭାଗ ଅଧୀନସ୍ଥ ଭାଲୁପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ଚାକିରୀ କରୁଥିଲେ । ଶନିବାର ରାତିରେ ହଠାତ ତାଙ୍କ ସ୍ୱାସ୍ଥ୍ୟ ଗୁରୁତର ହେବାରୁ ପରିବାର ଲୋକେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଦିବଙ୍ଗତ ଶିକ୍ଷକ ଜଣେ ସଚ୍ଚୋଟ, କର୍ମନିଷ୍ଠ, ମେଳାପୀ, ପରୋପକାରୀ, ସମାଜସେବି ଭାବେ ଅଞ୍ଚଳରେ ପରିଚିତ ଥିଲେ । ଶିକ୍ଷକତା ବ୍ୟତୀତ ସେ ଶ୍ରୀ ସତ୍ୟସାଇ ସଂଗଠନର ଜଣେ ସକ୍ରିୟ ସଦସ୍ୟ ଥିଲେ। ରବିବାର ତାଙ୍କ ମୃତଦେହ ଡାକ୍ତରଖାନାରୁ ଗାଁକୁ ଆଣିବା ପରେ ଜ୍ଞାତି କୁଟୁମ୍ବ, ଆତ୍ମୀୟ ସ୍ୱଜନ, ଶିକ୍ଷକ ସଂଘର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ତାଙ୍କ ବିୟୋଗରେ ଗାଁ ତଥା ଚିହ୍ନା ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି ।ଗାଁ ମଶାଣିରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କ ଦୁଇ ପୁଅ ସମୀର ଓ ସତ୍ୟମ ବାପାଙ୍କୁ ମୁଖାଗ୍ନି ଦେଇଥିଲେ। ଦିବଙ୍ଗତ ଶିକ୍ଷକଙ୍କ ଅକାଳ ବିୟୋଗରେ ଶିକ୍ଷକ ସଂଘ, ସତ୍ୟସାଇ ସଂଗଠନ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି ।

# ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ବଙ୍ଗୋମୁଣ୍ଡା,(ସବ୍ୟୁ): ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ସିଦ୍ଧାର୍ଥ ପାଣିଗ୍ରାହୀଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ କପିଲାଭଟା ପଞ୍ଚାୟତ ସମିତି ସଭ୍ୟ କେଦାର ଭୋଇ, ସମ୍ମାନିତ ଅତିଥି ଭାବେ , ବେଲପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗଣେଶ୍ୱର ସ୍ୱାଇଁ ବିଚାରକ, ଭୈର ମେହେର ବଡମୁଲା ଆଶ୍ରମ ସ୍କୁଲ ଶିକ୍ଷକ , ଲୋଚନ ପୁଟେଲ ବିଜ୍ଞାନ ଶିକ୍ଷକ ମୁଡ଼ପଦର , ପରିଚାଳନା କମିଟିର ସଭାପତି ତୁଲାରାମ ମେହେର , ଉପ ସଭାପତି ରାଧେଶ୍ୟାମ ମେହେର , ଭାଲୁମୁଣ୍ଡା ଶିଶୁ ମନ୍ଦିର ଜ୍ଞାନ ବିଭାଗ ଗୁରୁମା ଖୁସବୁ ମହାନନ୍ଦ ଉପସ୍ଥିତ ଥିଲେ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନେ ତାଙ୍କ ପଦର୍ଶନ ଦେଖାଇଥିଲେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଆସନ୍ତା ଅଗଷ୍ଟ୧୫ ଦିନ ପୁରସ୍କୃତ କରାଯିବ ବୋଲି ପ୍ରଧାନ ଆଚାର୍ଯ୍ୟ କହିଛନ୍ତି । ଏଥିରେ ୮୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହନ କରିଥିଲେ । କାର୍ଯ୍ୟକ୍ରମରେ ଭାଲୁମୁଣ୍ଡା ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ ।

# ବିଶ୍ୱ ଆଦିବାସୀ ଦିବସରେ ରାୟଗଡ଼ାରେ ବିଶାଳ ଶୋଭାଯାତ୍ରା

ରାୟଗଡ଼ା,(ସବ୍ୟୁ) : ବିଶ୍ୱ ଆଦିବାସୀ ଦିବସ ଅବସରରେ ରାୟଗଡ଼ା ସହର ଆଦିବାସୀଙ୍କ ପାରମ୍ପରିକ ବାଜା, ନାଚ ଓ ଗୀତରେ ପ୍ରକମ୍ପିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆଦିବାସୀମାନେ ବିଶାଳ ଶୋଭାଯାତ୍ରାରେ ଆସି ତହସିଲ କାର୍ଯ୍ୟାଳୟ ଛକ ନିକଟସ୍ଥ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇଥିଲେ । ପରେ ଶୋଭାଯାତ୍ରା ଜିସିଡି ହାଇସ୍କୁଲ ଖେଳପଡ଼ିଆରେ ପହଞ୍ଚିଥିଲା । ସେଠାରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା । ସଭାରେ ଆଦିବାସୀ ନେତାମାନେ ଆଦିବାସୀଙ୍କ ଭାଷା, ସଂସ୍କୃତି, ପରମ୍ପରା ଓ ପ୍ରକୃତି ଧର୍ମର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ବିକାଶ ନାମରେ ଆଦିବାସୀଙ୍କ ଭାଷା ଓ ଲିପିକୁ ସାମ୍ବିଧାନିକ ଅଧିକାର ଦିଆଯାଉନଥିବା ନେଇ ସେମାନେ ଅଭିଯୋଗ କରିଥିଲେ। ସେହିପରି ବିକାଶ ନାମରେ ପ୍ରାକୃତିକ ସମ୍ପଦର ଲୁଟ ହେଉଥିବା ଏବଂ ମିଥ୍ୟା ଗ୍ରାମସଭା କରି କମ୍ପାନୀମାନଙ୍କୁ ଜମି ହସ୍ତାନ୍ତର ପାଇଁ ଉଦ୍ୟମ କରାଯାଉଥିବା ସେମାନେ କହିଥିଲେ। ଦେଶର ସମ୍ବିଧାନ ଓ ପେସା ଆଇନରେ ଆଦିବାସୀଙ୍କ ଜମି, ଜଳ ଓ ଜଙ୍ଗଲ ଉପରେ ଥିବା ଅଧିକାରକୁ କ୍ଷୁଣ୍ଣ କରିବା ପାଇଁ ଷଡ଼ଯନ୍ତ୍ର ଚାଲିଥିବା ନେଇ ଅଭିଯୋଗ କରିଥିଲେ । ସାମ୍ବିଧାନିକ ଅଧିକାର ସହ ଜଙ୍ଗଲ ଅଧିକାର ଆଇନର ସଠିକ କାର୍ଯ୍ୟକାରିତା ହେଉନଥିବା ନେଇ ମଧ୍ୟ ସେମାନେ ସରକାରଙ୍କୁ ସମାଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲାସ୍ୱାମୀ, ପୂର୍ବତନ ବିଧାୟକ ମକରନ୍ଦ ମୁଦୁଲି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ଅବସରପ୍ରାପ୍ତ ଓଏଏସ ଅଧିକାରୀ ଗୋପୀନାଥ ସାରାକା, ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ରାବଲା ମାଝି, ଚକ୍ରଧର ବିଡ଼ିକା ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ସଂଖ୍ୟାରେ ଆଦିବାସୀ ପ୍ରତିନିଧି ଓ ଭଦ୍ରବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜ ମତ ରଖିଥିଲେ । ଶାନ୍ତିଶୃଙ୍ଖଳାର ସହ ସଭା ଶେଷ ହୋଇଥିବା ବେଳେ ହରପ୍ରସାଦ ହେପୃକା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କୋଲନରା ବ୍ଲକ ଅନ୍ତର୍ଗତ ଜରେଡ଼ି ପଞ୍ଚାୟତର ତଳ ଶିକାବାଡ଼ି, ରେଙ୍ଗଲପାଡୁ ସମେତ ବିଭିନ୍ନ ଗ୍ରାମରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚା (ଏଏସଏମ) ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଥିଲା। ଏଥିରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ନେତା ତ୍ରିପତି ଗମାଙ୍ଗ ନେତୃତ୍ୱ ନେଇଥିଲେ ।

## ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ୮୨୦ ଜଣଙ୍କୁ ଛତା ଓ ଚପଲ ବଣ୍ଟନ

ଗୋଲାମୁଣ୍ଡା,(ସବ୍ୟୁ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଖଳିଆପାଲି ଗ୍ରାମପଞ୍ଚାୟତରେ ଏକ ମହତ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଧାନ ମଣ୍ଡିଠାରେ 'ବିନ୍ଦୁମିନା ସେବା ଫାଉଣ୍ଡେସନ' ପକ୍ଷରୁ ଅସହାୟ ଲୋକଙ୍କୁ ମାଗଣାରେ ସହାୟତା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଅଞ୍ଚଳର ପ୍ରାୟ ୮୨୦ ଜଣ ଅସହାୟ ବୃଦ୍ଧ, ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ମାନଙ୍କୁ ମାଗଣାରେ ଛତା ଏବଂ ଚପଲ ବଣ୍ଟନ କରାଯାଇଛି । ବିନ୍ଦୁମିନା ସେବା ଫାଉଣ୍ଡେସନର ଅଧ୍ୟକ୍ଷ ତଥା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ନିଜେ ଉପସ୍ଥିତ ରହି ଏହି ସାମଗ୍ରୀ ଗୁଡ଼ିକ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ବିଜେପି ନେତା ମନୋଜ ମେହେର ଯୋଗଦାନ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜୟନ୍ତ ସିଂ, ବୈଶାଖୁ କେତକୀ, ଗଣେଶ ସାହୁ, ହରେ ମଲ୍ଲିକ, ଜୟ କୃଷ୍ଣ ସାହୁ, ସ୍ଥାନୀୟ ସରପଞ୍ଚ ଜିମୁତ ବାହାନ ହରପାଲ,ଆଶୁତୋଷ ରାଉତ, ସୁଶାନ୍ତ ଦଳେଇ, ସୌମ୍ୟ ରଞ୍ଜନ ଅଗସ୍ତି, ସୁବାସ ବାଗ,ଦୁଃଶାସନ ବାଗ, ମନୋଜ ଅଗ୍ରୱାଲ, ସୁରେଶ ମଙ୍ଗରାଜ,ମଣ୍ଟୁ ସାହୁ,ଅନନ୍ତ ସାହୁ, ଅଶୋକ ମଙ୍ଗରାଜ, ଜଗୁଜୀବନ ସେଠିଆ, ମୋହନ ଲାଲ ଅଗ୍ରୱାଲ ପ୍ରମୁଖ ଫାଉଣ୍ଡେସନର କାର୍ଯ୍ୟକୁ ପ୍ରଶଂସା କରିଥିଲେ ।

## ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ ସାଂସ୍କୃତିକ ସଂଘ ପକ୍ଷରୁ ବୃକ୍ଷରୋପଣ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ବ୍ୟାଚ ସାମାଜିକ ସାଂସ୍କୃତିକ ସଂଘ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ବେହେରାପାଲି ରେଲୱେ ଓଭର ବ୍ରିଜ ରାସ୍ତା ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସଂଘ ସଭାପତି ମୋହନ ଗୋପାଳ ପଣ୍ଡାଙ୍କ ନେତୃତ୍ୱରେ ଉପସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସଂପାଦକ ଡା. ସୁକାନ୍ତ ପୁରୋହିତ, କୋଷାଧ୍ୟକ୍ଷ ବ୍ରଜବନ୍ଧୁ ସାଏ, ସହ ସଂପାଦକ ପ୍ରଦୀପ ମିଶ୍ର, ସଦସ୍ୟ ରାଜ କିଶୋର ଦାଶ, ସଲିମ ଖାନ, ଶରତ ଶ୍ରୀଚନ୍ଦନ, ଭଗବାନ ବଗର୍ତ୍ତି, ଅଶୋକ ରଣା, ଜୟପ୍ରକାଶ ପଣ୍ଡା(କୁନୁ), ଅମରଦୀପ ପାଣିଗ୍ରାହୀ, ଡା. ସିଦ୍ଧେଶ୍ୱର ମିଶ୍ର ପ୍ରମୁଖ ଯୋଗଦେଇ ନିମ୍ବ, ବଉଳ, କରଞ୍ଜ ଆଦି ବୃକ୍ଷ ଲଗାଇବା ସହ ପରିବେଶ ସୁରକ୍ଷା ପାଇଁ ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ । ପ୍ରକୃତି ପ୍ରେମୀ ପ୍ରଦୋଷ ପତି ସହଯୋଗ କରିଥିଲେ । ବୃକ୍ଷ ଗୁଡିକର ରକ୍ଷଣା ବେକ୍ଷଣ ପାଇଁ ସଂଘ ପକ୍ଷରୁ ଖୁଣ୍ଟ ଓ ସବୁଜ କପଡା ଘେରା ବାଉଣ୍ଡରୀ କରାଯାଇଥିଲା । ଆଗାମୀ ଦିନ ବହୁ ସଂଖ୍ୟାରେ ବୃକ୍ଷରୋପଣ କରିବା ପାଇଁ ସଂଘ ନିଷ୍ପତ୍ତି ନେଇଛି ।

# ବିଦାୟକାଳୀନ ସମ୍ବର୍ଦ୍ଧନା



ଜୟପାଟଣା,(ସବ୍ୟୁ): ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଜୟପାଟଣା ଅଧିନସ୍ଥ ପୋଡାଖୋଲ କ୍ଲଷ୍ଟର ଏବଂ ପ୍ରାଥମିକ ଶିକ୍ଷକ ସଂଘ ମିଳିତ ଉଦ୍ୟମରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ଅଁଳାଭଟା ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅବସରକାଳୀନ ସମ୍ବର୍ଦ୍ଧନା ସଭା, ଜୟପାଟଣା ବ୍ଲକ ପ୍ରାଥମିକ ସଂଘ ସଭାପତି ପ୍ରମୋଦ ଠାକୁରଙ୍କ ସଭା ପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଁଳା ଭଟା ସରପଞ୍ଚ ପ୍ରତିନିଧି ଚୂଡ଼ାମଣି ନାଏକ, ସମ୍ମାନୀୟ ଅତିଥିଭାବେ ଜୟପାଟଣା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଳିତ କୁମାର ନାଏକ, ଅଁଳା ଭଟା ଇଉ. ଜି. ଏଚ. ଏସ ର ପ୍ରଧାନ ଶିକ୍ଷକ ମାନସ ରଂଜନ ପାତ୍ର, ଅବସରପ୍ରାପ୍ତ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ମୋହନ ଯୋଶୀ, ଅବସରପ୍ରାପ୍ତ ସହ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ମଦନ ଖମାରି, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନରସିଂହ ସାହୁ, ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ସୁରମା କୁମାରୀ ପଟ୍ଟନାଏକ, ସାମ୍ବାଦିକ ଅସରଫ ଅଲ୍ଲୀ, ପୋଡ଼ାଖୋଲ କ୍ଲଷ୍ଟର ସି. ଆର. ସି.ସି, ସନ୍ତୋଷ କୁମାର ରଥ, ପ୍ରଧାନ ଶିକ୍ଷକ ସୁଶୀଲ କୁମାର ନାଏକ, ପରିଚାଳନା କମିଟି ସଭାପତି ଧନଞ୍ଜୟ ନେଗୀ ଯୋଗ ଦେଇଥିଲେ । ଚାକିରୀକାଳ ମଧ୍ୟରେ ସମସ୍ତଙ୍କୁ ଆପଣାର କରି ସମସ୍ତ ସରକାରୀ କାର୍ଯ୍ୟକୁ ସୁ ସମ୍ପାଦନ କରିନେଇଥିବା ବି.ଆର ସି. ସି. ସୁରେନ୍ଦ୍ର ଯୋଶୀ, ଏବଂ ଏ. ବି. ଇ. ଓ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା,ପ୍ରଧାନ ଶିକ୍ଷକ ମଦନ ଖମାରି, ନରସିଂହ ସାହୁ ଏବଂ ଶିକ୍ଷୟତ୍ରୀ ସୁରମା କୁମାରୀ ପଟ୍ଟନାୟକଙ୍କୁ ଫୁଲ ତୋଡ଼ା, ଉପଢ଼ୌକନ, ଉପହାର ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ସି. ଆର. ସି. ସି. ଅନନ୍ତ ନାରାୟଣ ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ସି ଆରସି ସି ସନ୍ତୋଷ କୁମାର ରଥ ସ୍ୱାଗତ ଭାଷଣ, ଅତିଥିପରିଚୟ କରିଥିଲେ। ଶିକ୍ଷକ ମାନସିଂ ଦିଶାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସହକାରୀ ଗ୍ରନ୍ଥାଗାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶିବତଲାରେ କାର୍ଯ୍ୟରତ ସହକାରୀ ଗ୍ରନ୍ଥାଗାରିକ (ସହକାରୀ ଲାଇବ୍ରେରୀଏନ) ସେଠ ବେହେରାଙ୍କୁ ଚାକିରୀରୁ ଅବସରଗ୍ରହଣ ହେତୁ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।

ପଂଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଶିବତଲାର ଅଧ୍ୟକ୍ଷ କୃପାସିନ୍ଧୁ ଯୋଷୀ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷତା କରିଥିବାବେଳେ ସହକାରୀ ଗ୍ରନ୍ଥାଗାରିକ ସେଠ ବେହେରାଙ୍କ କାର୍ଯ୍ୟଦକ୍ଷତା, ସମୟାନୁବର୍ତ୍ତିତା ଏବଂ ଅମାୟିକ ବ୍ୟବହାର ଉପରେ ଆଲୋକପାତ କରିଥିଲେ । ସେହିପରି ଅଧ୍ୟାପକ ବୀରେନ୍ଦ୍ର ଗଡୁଆ ଅଧ୍ୟାପକ ସୁବ୍ରତ ତ୍ରିପାଠୀ ଏବଂ ଅଧ୍ୟାପକ ଶତ୍ରୁଘ୍ନ ସାହୁ ପ୍ରମୁଖ ଶ୍ରୀ ବେହେରାଙ୍କ କର୍ମମୟ ଜୀବନ ଉପରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିବା ସହ ତାଙ୍କ ଅବସରଗ୍ରହଣର ପରବର୍ତ୍ତୀ ଜୀବନଚର୍ଯ୍ୟା ସୁଖମୟ ହେଉ ବୋଲି କହିଥିଲେ । ଏହି ପରିପେକ୍ଷୀରେ ଅବସରଗ୍ରହଣ କରିଥିବା ଶ୍ରୀ ବେହେରାଙ୍କୁ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ,ଉପଢୌକନ, ମାନପତ୍ର ସହ ସ୍ମାରକ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଅଧ୍ୟାପିକା ସବିତା ଦାସ ମାନପତ୍ର ପାଠ କରିଥିଲେ । ସଭାକାର୍ଯ୍ୟ ପ୍ରାରମ୍ଭରେ ଛାତ୍ରୀମାନେ ମଂଚାସୀନ ଅତିଥିମାନଙ୍କୁ ଫୁଲ ଓ ଚନ୍ଦନ ଦେଇ ସ୍ୱାଗତ କରିବା ସହ ଛାତ୍ରଛାତ୍ରୀମାନେ ମଧ୍ୟ ସହକାରୀ ଗ୍ରନ୍ଥାଗାରିକ ସେଠ ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରିଥିଲେ । ଅଧ୍ୟାପକ ବିକାଶ ରଂଜନ ଜେନା ସଭାକାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର କର୍ମଚାରୀ ଚକ୍ରଧର ମେହେର, ହରି ମେହେର, ଶୁଶାନ୍ତ ବେହେରା, ଭାଗବତ ହୋତା ଓ ନୀଳମଣୀ ବଗର୍ତ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ପଦ୍ମପୁର-ମହୁଲପାଲି ରାସ୍ତା ଅନ୍ଧାର, ଦୁର୍ଘଟଣା ଆଶଙ୍କା !

ପଦ୍ମପୁର,(ସବ୍ୟୁ) : ଲୋକଙ୍କ ସୁବିଧା ଓ ସୁରକ୍ଷିତ ଯାତାୟାତ ପାଇଁ ବିଜୁ ଏକ୍ସପ୍ରେସ ୱେରେ ଲଗାଯାଇଥିବା ଷ୍ଟ୍ରିଟ ଲାଇଟ ଏବେ ଅଚଳ ହୋଇପଡ଼ିଛି । ପଦ୍ମପୁର ସହରଠାରୁ ମହୁଲପାଲି ପର୍ଯ୍ୟନ୍ତ ରାସ୍ତାରେ ଥିବା ଅନେକ ଷ୍ଟ୍ରିଟ ଲାଇଟ ଜଳୁନଥିବାରୁ ସନ୍ଧ୍ୟା ହେଲେ ରାସ୍ତାର ବିଭିନ୍ନ ସ୍ଥାନ ଅନ୍ଧାରରେ ରହୁଛି । ଏହା ଯୋଗୁଁ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ସମସ୍ୟା ବଢ଼ିବା ସହ ଦୁର୍ଘଟଣା ଆଶଙ୍କା ମଧ୍ୟ ବଢ଼ିଛି । ପଦ୍ମପୁର ସହର ଓ ଏହାର ଆଖପାଖ ଅଞ୍ଚଳର ଲୋକଙ୍କ ପାଇଁ ବିଜୁ ଏକ୍ସପ୍ରେସ ୱେ ଏକ ପ୍ରମୁଖ ଯାତାୟାତ ମାର୍ଗ ଦିନ ସମୟରେ ଏହି ରାସ୍ତାରେ ଯାନବାହନ ଚଳାଚଳ ଅଧିକ ରହୁଥିବା ବେଳେ ସନ୍ଧ୍ୟା ପରେ ମଧ୍ୟ ବହୁ ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି । ଏପରି ସ୍ଥିତିରେ ରାସ୍ତାକଡ଼ର ଷ୍ଟ୍ରିଟ ଲାଇଟ ଅଚଳ ହୋଇପଡ଼ିବା ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ବିଶେଷକରି ସନ୍ଧ୍ୟା ସମୟରେ ଅନେକ ଲୋକ ସାନ୍ଧ୍ୟ ଭ୍ରମଣ ପାଇଁ ଏହି ରାସ୍ତାରେ ଯାଉଛନ୍ତି । ଷ୍ଟ୍ରିଟ ଲାଇଟ ଜଳୁନଥିବାରୁ ଅନ୍ଧାର ରାସ୍ତାରେ ଚାଲିବା ସମୟରେ ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ଦୁଇଚକିଆ, ଚାରିଚକିଆ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ କରୁଥିବାରୁ ପଥଚାରୀଙ୍କ ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ଅନ୍ଧାର ଯୋଗୁଁ ରାସ୍ତାରେ ଥିବା ଗାତ, ଖାଲଖମା କିମ୍ବା ଅନ୍ୟାନ୍ୟ ବାଧା ଦୂରରୁ ଦେଖାଯାଉନାହିଁ । ଫଳରେ ଯାନବାହନ ଚାଳକ ଓ ପଥଚାରୀଙ୍କ ମଧ୍ୟରେ ଦୁର୍ଘଟଣାର ଆଶଙ୍କା ବଢୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବିଭିନ୍ନ ସମୟରେ ଏହି ରାସ୍ତାରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି ।

ରାସ୍ତାକୁ ଆଲୋକିତ କରିବା ପାଇଁ ଷ୍ଟ୍ରିଟ ଲାଇଟ ଲଗାଯାଇଥିଲେ ମଧ୍ୟ ତାହା ଜଳୁନଥିବାରୁ ଏହାର ଉଦ୍ଦେଶ୍ୟ ନେଇ ପ୍ରଶ୍ନ ଉଠିଛି । ଲୋକଙ୍କ ସୁରକ୍ଷା ଓ ରାତ୍ରିକାଳୀନ ଯାତାୟାତକୁ ସୁବିଧାଜନକ କରିବା ପାଇଁ ଲଗାଯାଇଥିବା ଲାଇଟ୍ର ନିୟମିତ ରକ୍ଷଣାବେକ୍ଷଣ କରାନଯିବା ନେଇ ସ୍ଥାନୀୟ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ବିଜୁ ଏକ୍ସପ୍ରେସ ୱେରେ ଷ୍ଟ୍ରିଟ ଲାଇଟ ଗୁଡ଼ିକର ତୁରନ୍ତ ଯାଞ୍ଚ କରି ଅଚଳ ଲାଇଟ ଗୁଡ଼ିକୁ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ବିଶେଷକରି ପଦ୍ମପୁର ସହରଠାରୁ ମହୁଲପାଲି ପର୍ଯ୍ୟନ୍ତ ରାସ୍ତାରେ କେଉଁ କେଉଁ ସ୍ଥାନରେ ଲାଇଟ ଅଚଳ ରହିଛି, ତାହାର ଯାଞ୍ଚ କରି ଶୀଘ୍ର ମରାମତି କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି । ଲୋକଙ୍କ ସୁରକ୍ଷା ସହ ଜଡ଼ିତ ଏହି ସମସ୍ୟା ପ୍ରତି ସମ୍ପୃକ୍ତ ବିଭାଗ ଓ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ । ନଚେତ ଅନ୍ଧାର ରାସ୍ତା ଯୋଗୁଁ ଆଗାମୀ ଦିନରେ କୌଣସି ବଡ଼ ଅଘଟଣ ଘଟିଲେ ଦାୟିତ୍ୱ କାହାର ସେନେଇ ପ୍ରଶ୍ନ ଉଠିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

# ଦେବେଙ୍ଗ ଗ୍ରାମରେ ବିଶ୍ୱ ଆଦିବାସୀ ଦିବସ ପାଳିତ




ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଦେବେଙ୍ଗ ଗ୍ରାମରେ ଉତ୍କଳ କନ୍ଧସମାଜ ବୁଡ଼ଶା ପ୍ରଗଣା ବଙ୍ଗୋମୁଣ୍ଡାର ଶାନ୍ତି କମିଟି ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବିଶ୍ୱ ଆଦିବାସୀ ଦିବସ ପାଳିତ କରାଯାଇଛି । ପ୍ରଥମେ ଗ୍ରାମ ଇଷ୍ଟଦେବୀଙ୍କ ଗାଁର ଖଞ୍ଜାଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ କନ୍ଧ ସମାଜର ପାରମ୍ପରିକ ଢକା ବାଦ୍ୟ ସହ ନଗର ପରିକ୍ରମା କରାଯାଇଥିଲା। ସ୍ଥାନୀୟ ବଜାର ପ୍ରାଙ୍ଗଣରେ ଶାନ୍ତି କମିଟି ଆବାହକ ନକୁଳ ମାଝୀଙ୍କ ଆହ୍ୱାନକ୍ରମେ ତଥା ନେତୃତ୍ୱ ଭୋଇଙ୍କ ସଭା ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ କନ୍ଧ ସମାଜ କେନ୍ଦ୍ର କମିଟି ସଭାପତି ଚିନ୍ତାମଣି ଭୋଇ ମୁଖ୍ୟ ଅତିଥି, ଯୁବରାଜ ମାଝୀ ମୁଖ୍ୟବକ୍ତା ,ସମ୍ପାଦକ ପ୍ରଦୀପ ମାଝୀ, ବିଭିନ୍ନ ପ୍ରଗଣାର ସଭାପତି, କର୍ମକର୍ତ୍ତା, ବଙ୍ଗୋମୁଣ୍ଡା ବୁଡ଼ୁକା ପ୍ରଗଣାର ଶାନ୍ତି କମିଟି ସଭ୍ୟ ଓ ଗ୍ରାମ ସଭାପତି ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଶ୍ୱ ଆଦିବାସୀ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏଥିରେ ପ୍ରଦୀପ ଭୋଇ, ବସନ୍ତ ଭୋଇ,ଦେବକାନ୍ତ ମାଝୀ,ସାମନ୍ତ ଭୋଇ,ସଞ୍ଜୟ ଭୋଇ,ଜ୍ୟୋତିର୍ମୟ ଭୋଇ, ଗୁପ୍ତେଶ୍ୱର ଭୋଇ, ସୁଧାଂଶୁ ଭୋଇ, କନ୍ଦେଇ ଭୋଇ, ରୋମାନ ଭୋଇ, ଧନଞ୍ଜୟ ଭୋଇ ଓ ଅଞ୍ଚଳର ଭୋଇଙ୍କ ସହ ଗ୍ରାମବାସୀ ଓ ସମସ୍ତ କନ୍ଧ ପରିବାର ସହଯୋଗ କରିଥିଲେ। ଈଶ୍ୱର ଭୋଇ ଧନ୍ୟବାଦ ଦେଇଥିଲେ ।

# ମହିଳାଙ୍କୁ ବୀଭତ୍ସ ହତ୍ୟା : ଘର ଭିତରୁ ରକ୍ତାକ୍ତ ମୃତଦେହ ଉଦ୍ଧାର

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଥାନା ଅଧୀନ ଖମାରମୁଣ୍ଡା ଗାଁରେ ଜଣେ ମହିଳାଙ୍କୁ ବିଭତ୍ସ ହତ୍ୟା ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଗାଁରେ ଏକାକୀ ରହୁଥିବା ଗୀତା ଷଡ଼ଙ୍ଗୀଙ୍କ ମୃତଦେହ ତାଙ୍କ ଘର ଭିତରୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି । ମହିଳାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି । ସୂଚନା ଅନୁସାରେ, ଗୀତା ଷଡ଼ଙ୍ଗୀ ଖମାରମୁଣ୍ଡା ଗାଁରେ ଏକାକୀ ରହୁଥିଲେ। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଘର ଭିତରେ ତାଙ୍କ ରକ୍ତଜୁବୁଜୁବୁ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା । ମୁଣ୍ଡରେ ଗଭୀର ଆଘାତର ଚିହ୍ନ ରହିଥିବା ଜଣାପଡ଼ିଛି । ଘଟଣାକୁ ନେଇ ଗାଁରେ ଭୟ ଓ ଆତଙ୍କର ବାତାବରଣ ଦେଖାଦେଇଛି । ଖବର ପାଇ ପୁଇଁନ୍ତଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତଦେହକୁ ଜବତ କରି ପଞ୍ଚନାମା କରାଯିବା ସହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଘଟଣାସ୍ଥଳରୁ କୌଣସି ହତ୍ୟାରେ ବ୍ୟବହୃତ ସାମଗ୍ରୀ ମିଳିଛି କି ନାହିଁ, ସେନେଇ ପୁଲିସ ଯାଞ୍ଚ କରୁଛି ।

ମହିଳାଙ୍କୁ କିଏ ଏବଂ କାହିଁକି ହତ୍ୟା କଲା, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ବ୍ୟକ୍ତିଗତ ଶତ୍ରୁତା, ପୂର୍ବ ବିବାଦ କିମ୍ବା ଅନ୍ୟ କୌଣସି କାରଣରୁ ଏହି ହତ୍ୟାକାଣ୍ଡ ଘଟିଛି କି, ସେନେଇ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଉଛି। ମୃତ ମହିଳାଙ୍କ ପରିଚିତ, ସମ୍ପର୍କୀୟ ଏବଂ ନିକଟସ୍ଥ ଲୋକଙ୍କୁ ପୁଲିସ ପଚରାଉଚରା କରିପାରେ। ଘଟଣାସ୍ଥଳରୁ ମିଳିଥିବା ପ୍ରମାଣ ଏବଂ ଅନ୍ୟାନ୍ୟ ତଥ୍ୟକୁ ଆଧାର କରି ହତ୍ୟାକାରୀ ପର୍ଯ୍ୟନ୍ତ ପହଞ୍ଚିବାକୁ ପୁଲିସ ଉଦ୍ୟମ ଜାରି ରଖିଛି । ଘଟଣା ପୂର୍ବରୁ ଗୀତାଙ୍କ ଘରକୁ କିଏ ଆସିଥିଲେ, ତାଙ୍କ ସହ କାହାର କୌଣସି ବିବାଦ ଥିଲା କି ନାହିଁ ଏବଂ ଘଟଣା ସମୟରେ ଆଖପାଖରେ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖାଯାଇଥିଲା କି ନାହିଁ, ସେସବୁ ଦିଗରେ ମଧ୍ୟ ତଦନ୍ତ କରାଯାଉଛି ।



ଏହି ବିଭତ୍ସ ହତ୍ୟାକାଣ୍ଡକୁ ନେଇ ଖମାରମୁଣ୍ଡା ଗାଁରେ ଚର୍ଚ୍ଚା ଜୋର ଧରିଛି । ଜଣେ ମହିଳା ଏକାକୀ ରହୁଥିବା ସମୟରେ ତାଙ୍କ ଘର ଭିତରେ ଏଭଳି ହତ୍ୟା ଘଟଣା ଘଟିବା ନେଇ ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ତେବେ ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ହତ୍ୟାର କାରଣ କିମ୍ବା ଅଭିଯୁକ୍ତ ସମ୍ପର୍କରେ କୌଣସି ନିଷ୍କର୍ଷରେ ପହଞ୍ଚିବା ସମ୍ଭବ ନୁହେଁ । ପୁଇଁନ୍ତଲା ପୁଲିସ ଘଟଣାର ସମସ୍ତ ଦିଗକୁ ଗୁରୁତ୍ୱର ସହ ଯାଞ୍ଚ କରୁଥିବା ବେଳେ ଖୁବଶୀଘ୍ର ହତ୍ୟାକାଣ୍ଡର ପ୍ରକୃତ କାରଣ ଏବଂ ଅଭିଯୁକ୍ତ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି ।

## ଠକିଦେଲା ନିର୍ମାଣକାରୀ ସଂସ୍ଥା

# ଅସନ୍ତୋଷ ବାଲାଜୀ ଗ୍ରୀନ୍ସ ବାସିନ୍ଦା

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଟାଙ୍ଗରପାଲି ସ୍ଥିତ ବାଲାଜୀ ଗ୍ରୀନ୍ସ ନାମରେ ଏକ କମ୍ପ୍ଲେକ୍ସ ରହିଛି । ଏହା ୧୫୬ଟି ଘର ଓ ୩୨ଟି ଡୁପ୍ଲେକ୍ସ ବିଶିଷ୍ଟ ଅଟେ । ୨୦୧୬-୧୭ ମସିହାରୁ ବାସିନ୍ଦା ମାନେ ରହି ଆସୁଥିବା ବେଳେ ସେମାନଙ୍କ ସମସ୍ୟା ପ୍ରତି ନିର୍ମାଣକାରୀ ସଂସ୍ଥା ସର୍ବଦା ଅଣଦେଖା କରୁଛି । ଏପରିକି ଚୁକ୍ତି ମୁତାବକ ବାଲାଜୀ ବିଲ୍ଡର ଓ ଡେଭଲପର ସେମାନଙ୍କୁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇବାରେ ବିଫଳ ହୋଇଛି । ଦୀର୍ଘଦିନର ସମସ୍ୟା ଗୁଡ଼ିକର ସମାଧାନ ପାଇଁ ବାସିନ୍ଦାମାନେ ବିଲ୍ଡରଙ୍କୁ ପତ୍ର ଲେଖି ଅବଗତ କରିଛନ୍ତି । ମାତ୍ର କୌଣସି ସୁଫଳ ମିଳିନଥିବା ବେଳେ ନିର୍ମାଣକାରୀ ସଂସ୍ଥା ସେମାନଙ୍କୁ ଠକି ଦେଇଥିବା ଅଭିଯୋଗ କରିଛନ୍ତି । ରବିବାର ଆବାସିକ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବାଲାଜୀ ଗ୍ରୀନ୍ସର ବରିଷ୍ଠ ସଭ୍ୟ ପ୍ରଦୀପ କୁମାର ନାଥ କ୍ଷୋଭ ପ୍ରକାଶ କରି ଏହା କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ୨୦୨୨ ମସିହାରେ ବାସିନ୍ଦାମାନଙ୍କୁ ନଜଣାଇ ଏକ ସୋସାଇଟି ଗଠନ କରାଯାଇଛି । ବର୍ତ୍ତମାନ ଯାହାର କୌଣସି ସକ୍ରିୟ ଭୂମିକା ନାହିଁ। ଅନ୍ୟପଟେ ଅଗ୍ନି ନିର୍ବାପକ ଓ ସୁରକ୍ଷା ବ୍ୟବସ୍ଥା ଅଭାବ ରହିଛି । ସେହିପରି ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ଅକାମୀ ଓ ଆବର୍ଜନା ନିଷ୍କାସନର ସଠିକ ବ୍ୟବସ୍ଥା ନଥିବା ଆଦି ମୁଖ୍ୟ ପ୍ରସଙ୍ଗ ଗୁଡ଼ିକୁ ଉପସ୍ଥାପନ କରିଥିଲେ । ଏଥିସହ ପାର୍କିଂ ଜାଗାର ପଞ୍ଜିକରଣ ନହେବା, ଡ୍ରେନେଜ ଓ ଆଲୋକ ବ୍ୟବସ୍ଥାର ଅଭାବ, କ୍ଲବ ହାଉସ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଅକାମୀ ପଡିବା, ସୋସାଇଟିର ସଠିକ୍ ସୀମା ନିର୍ଦ୍ଧାରଣ ଓ ମନ୍ଦିର ନିର୍ମାଣରେ ବିଳମ୍ବ ଭଳି ବହୁ ସମସ୍ୟା ନେଇ ବାସିନ୍ଦାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ସମସ୍ୟା ଗୁଡ଼ିକର ସ୍ଥାୟୀ ପ୍ରତିକାର କରାନଗଲେ ବାସିନ୍ଦା ମାନେ ଆଇନଗତ ସହାୟତା ନେବେ ବୋଲି ଚେତାବନୀ ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଲଲାଟେନ୍ଦୁ ନନ୍ଦ, ସ୍ନେହାସ୍ନିଗ୍ଧା ପ୍ରଧାନ, ଶିବପ୍ରସାଦ ପୁଝାରୀ ଓ କ୍ରିଷ୍ଣା ମହାଜନ୍ ପ୍ରମୁଖ ମଂଚାସୀନ ଥିଲେ ।

# ୧୨.୫ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ, ମାଫିଆ ଫେରାର୍

ସୋନପୁର,(ସବ୍ୟୁ) : ନିଶାମୁକ୍ତ ଓଡ଼ିଶା ଅଭିଯାନରେ ସୋନପୁର ପୁଲିସକୁ ବଡ ସଫଳତା ମିଳିଛି । ସୁବଳୟା ଥାନା ପୁଲିସ ଟିମ ଚଢ଼ାଉ କରି ଏକ ଟ୍ରକରୁ ୧୨.୫ କ୍ୱିଣ୍ଟାଲରୁ ଅଧିକ ପରିମାଣର ଗଞ୍ଜେଇ ଜବତ କରିଛି । ଜବତ ହୋଇଥିବା ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୩ କୋଟି ଟଙ୍କା ହେବ। ସୁବଳୟା ଥାନା ଅଞ୍ଚଳରେ ଏକ ଟ୍ରକ ଯୋଗେ ବେଆଇନ ଭାବେ କୋଟି କୋଟି ଟଙ୍କାର ଗଞ୍ଜେଇ ଚାଲାଣ କରାଯାଉଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଏହି ସୂଚନା ଆଧାରରେ ପୁଲିସ ଟିମ ପକ୍ଷରୁ ତୁରନ୍ତ ଯୋଜନା କରାଯାଇଥିଲା । ପୁଲିସର ଉପସ୍ଥିତିକୁ ଜାଣିପାରି ଟ୍ରକ ଚାଳକ ଏବଂ ଅନ୍ୟାନ୍ୟ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ପୁଲିସ ଟ୍ରକକୁ ଜବତ କରିବା ସହ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଓ ତନାଘନା ଜାରି ରଖିଛି । ଏହି ସମ୍ପୂର୍ଣ୍ଣ ଘଟଣାକୁ ନେଇ ସୁବଳୟା ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ, ଏହି ନିଶା କାରବାର ପଛରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ସୋନପୁର ପୋଲିସର ଏହି ଉଲ୍ଲେଖନୀୟ ସଫଳତାକୁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଏହି ବଡ଼ ସଫଳତା ପାଇଁ ସୋନପୁର ଏସ.ପି. ନାରାୟଣ ନାୟକ ଏବଂ ତାଙ୍କ ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ।

# ଅସୀ ଚାଳନା ପ୍ରତିଯୋଗିତାରେ ସମ୍ବଲପୁରକୁ ୫ପଦକ



ସମ୍ବଲପୁର,(ସବ୍ୟୁ): ରାଜ୍ୟ ଅସି ଚାଳନା ପ୍ରତିଯୋଗିତାରେ ସମ୍ବଲପୁର ଜିଲ୍ଲା ୫ପଦକ ହାସଲ କରିଛି। ସେଥିମଧ୍ୟରୁ ଗୋଟିଏ ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୧ଟି କାଂସ୍ୟ ପଦକ ରହିଛି। ସବ୍ ଜୁନିୟର ଇପିରେ ସୁମନ ଓରାମ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ସୃଷ୍ଟି ଅଗ୍ରୱାଲ, ଲତିକା ଓରାମ ଓ ସମେଶ ରଣା ରୌପ୍ୟ ପଦକ ଏବଂ ଶ୍ରିୟାଂଶୀ କ୍ରିଷ୍ଣା କାଂସ୍ୟ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହା ଜଣାପଡିବା ପରେ କୋଚ ରଶ୍ମିତା ପୁରୋହିତ ଓ ସଂଘର କର୍ମକର୍ତ୍ତା ମାନେ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, କଟକ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମ ଠାରେ ୫ମ ରାଜ୍ୟସ୍ତରୀୟ ଅସି ପ୍ରତିଯୋଗିତା ଆୟୋଜିତ ହେଉଛି। ଏଥିରେ ସମ୍ବଲପୁର ଜିଲ୍ଲାର ୬୪ ଜଣ ଖେଳାଳି ଭାଗ ନେଇଛନ୍ତି ।

# କୋରାପୁଟ ଫରେଷ୍ଟ ସର୍କଲ ଦୁଇଦିନିଆ ବ୍ୟାଡମିଣ୍ଟନ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

କୋରାପୁଟ,(ସବ୍ୟୁ): ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ କୋରାପୁଟ ଫରେଷ୍ଟ ସର୍କଲ ଦୁଇ ଦିନିଆ ବ୍ୟାଡମିଣ୍ଟନ ପ୍ରିମିୟର ଲିଗ ଉଦଘାଟିତ ହୋଇଯାଇଛି । କୋରାପୁଟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଯଜ୍ଞଦତ୍ତ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ।ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବର୍ଗରେ ସିଙ୍ଗଲ୍ସ ଏବଂ ଡବଲସ ମ୍ୟାଚରେ ସମୁଦାୟ ୧୭୦ ଜଣ ଅଂଶ ଗ୍ରହଣ କରିଛନ୍ତି । କର୍ମଚାରୀ ଓ ଅଧିକାରୀଙ୍କ ମଧ୍ୟରେ ସୁସ୍ଥତା ଏବଂ ଏକତା ବଜାୟ ରଖିବା ଏହି ଆୟୋଜନର ମୁଖ୍ୟ ଲକ୍ଷ୍ୟ ବୋଲି କୋରାପୁଟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଯଜ୍ଞଦତ୍ତ ପତି କହିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ଜୟପୁର ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ, ମାଲକାନଗିରି ବନଖଣ୍ଡ ଅଧିକାରୀ ଡି ଏନ ସାଇ କିରଣ,ରାୟଗଡ଼ା ବନଖଣ୍ଡ ଅଧିକାରୀ ସଚିନ ଆନ୍ନାସାହେବ ଓହୋଲ, ନବରଙ୍ଗପୁର ବନଖଣ୍ଡ ଅଧିକାରୀ ଉଦୟନ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ । କୋରାପୁଟ ବନଖଣ୍ଡ ଅଧିକାରୀ ସିଦ୍ଧାର୍ଥ ଜୈନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ଏସିଏଫ ଜଗନ୍ନାଥ ପ୍ରସାଦ ବିଶୋୟୀ ଯୋଗଦେଇ ପରିଚାଳନା କରିଥିଲେ । କୋରାପୁଟ ବନାଂଚଳ ଅଧିକାରୀ ଏସ କେ ପାହାଡ ସିଂ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

# ଚାଷଜମିରେ ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

ନବରଙ୍ଗପୁର,(ସବ୍ୟୁ) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ଥାନା ଅଞ୍ଚଳରେ ଟ୍ରାକ୍ଟର ଓଲଟି ଜଣେ ଚାଷୀଙ୍କର ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ହେଲେ ମହେଶ୍ୱର ବିଶି । ସେ ଖପରାଡିହି ଗ୍ରାମର ଚାଷୀ ଦୟା ମାଳିଙ୍କ ଚାଷଜମିରେ ଧାନ ରୁଆ ପାଇଁ ଟ୍ରାକ୍ଟରରେ କାଦୁଅ କରିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ ।ଛତିଶଗଡ଼ର ଦେଓଭୋଗ ଥାନା ଅଧୀନ ଅମେଡ଼ ଗ୍ରାମର ମହେଶ୍ୱର ବିଶି ନାମକ ଜଣେ ଟ୍ରାକ୍ଟର ଡ୍ରାଇଭର ଟ୍ରାକ୍ଟର ତଳେ ଚାପି ହୋଇ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସେଠାରେ ଥିବା ଲୋକମାନେ ଚନ୍ଦାହାଣ୍ଡି ଥାନାକୁ ଖବର ଦେବା ପରେ ଥାନା ଅଧିକାରୀ ବିମଳ କୁମାର ଲାକ୍ରା ଘଟଣାସ୍ଥଳକୁ ପହଞ୍ଚି ଦମକଳ ବାହିନୀ ସହାୟତାରେ ମୃତଦେହ ଉଧାର କରି ପରି ପାରିପାର୍ଶିକ ସ୍ଥିତି ଅନୁଧ୍ୟାନ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ। ମୃତକଙ୍କ ଭାଇ ଲାଲଧର ବିଶିଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ଏକ ଦୁର୍ଘଟଣା ମମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଲାଇଛି । ସନ୍ଧ୍ୟା ହେବାରୁ ଶବ ବ୍ୟବଚ୍ଛେଦ ହୋଇ ପାରି ନାହିଁ । ସୋମବାର ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି ।

## ଧାନବିକ୍ରି ପଞ୍ଜିକରଣ ମାର୍ଗଦର୍ଶିକା ବିରୋଧରେ ଚାଷୀଙ୍କ ମେଳି

# ୧୧ରେ ଦାବିପତ୍ର ପ୍ରଦାନ ନିଷ୍ପତ୍ତି

କୋକସରା,(ସବ୍ୟୁ) : ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ୨୦୨୬/୨୭ ଆର୍ଥିକ ବର୍ଷ ଖରିଫ ଧାନ ଫସଲ ବିକ୍ରି ପାଇଁ ଜାରି ହୋଇଥିବା ନୂତନ ମାର୍ଗଦର୍ଶିକାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ନୂତନ ନିୟମ ଅନୁସାରେ ଚାଷୀଙ୍କୁ କୃଷକ ରେଜିଷ୍ଟି ସଂଖ୍ୟା ଆଧାରରେ ପଞ୍ଜିକରଣ କରିବାକୁ ପଡିବ । ନାମ ପଞ୍ଜିକରଣ ପାଇଁ ଏଗ୍ରିଷ୍ଟାକ ପୋର୍ଟାଲରେ ଚାଷୀ ପଞ୍ଜିକରଣ ବାଧ୍ୟତାମୂଳକ ରହିଥିବା ବେଳେ ଜମିପଟ୍ଟାରେ ନାମ ନଥିବା ଚାଷୀ, ଭାଗଚାଷୀଙ୍କ ପାଇଁ ପଞ୍ଜିକରଣକୁ ନେଇ ଦ୍ୱନ୍ଦ ଉପୁଜିଛି । ଏହାକୁ ନେଇ କୋକସରା ବ୍ଲକର ୨୨ ପଞ୍ଚାୟତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ରବିବାର କୋକସରା ସଚେତନ କୃଷକ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ବୈଠକ କୋକସରା କଲ୍ୟାଣ ମଣ୍ଡପରେ କୃଷକ ମଞ୍ଚର ଆବାହକ ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ପୁରୁଷୋତ୍ତମ ଗୁପ୍ତାଙ୍କ ସଭାପତିତ୍ୱରେ ୨୨ ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ରହି ଚାଷୀ ପଞ୍ଜିକରଣକୁ ବିରୋଧ କରିବା ସହ ରାଜ୍ୟ ସରକାର ଚାଷୀ ମାରଣା ନୀତିକୁ ନେଇ ପ୍ରତିକ୍ରିୟା ରଖିବା ସହ ଖରିଫ ଧାନ ବିକ୍ରି ପଞ୍ଜିକରଣକୁ ପୂର୍ବ ଭଳି ସରଳୀକରଣ କରି ଅନ୍ନଦାତାଙ୍କୁ ବଞ୍ଚିବାର ହକ ଦିଅନ୍ତୁ ବୋଲି କହିଥିଲେ । ଏହି କ୍ରମରେ ଆସନ୍ତା ୧୧ ତାରିଖ ମଙ୍ଗଳବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଚାଷୀ ଜୟଲାଲ ନାଏକ, ଶ୍ରୀନିବାସ ପ୍ରଧାନୀ, ତ୍ରିଭୁବନ ନାଏକ, ନବୀନ ନାଏକ, ପଙ୍କଜ ମୁଖ ଚୌଧରୀ, ଗୌତମ ଅଗ୍ରୱାଲ, ନିରଞ୍ଜନ ନେଗୀ, ରବି ନାରାୟଣ ଦାସ, ମହେନ୍ଦ୍ର ନେଗୀ, ବାବୁ ସାହୁ, ଲଲାଟେନ୍ଦୁ ପ୍ରଧାନୀ, ନବୀନ କୁମାର ପାଟ୍ଟଯୋଷୀ, ବିଷ୍ଣୁ ପ୍ରସାଦ ସାହୁ, ଲିଙ୍ଗରାଜ ନାଏକ, କୁରୁକ୍ଷେତ୍ର ପାଣିଗ୍ରାହୀ, ଚନ୍ଦ୍ରହାସ୍ୟ ନାଏକ, ମୁକ୍ତେଶର ନାଏକ, ସୁଶାନ୍ତ ବେହେରା, ଲିଟୁ ମହାନନ୍ଦ, ନୀଳାମ୍ବର ବାରିକ ସମେତ ବହୁ ଚାଷୀ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ ।

# ବଲାଙ୍ଗିର ଜିଲ୍ଲା ସିଭିଲ ସୋସାଇଟିର ସାଧାରଣ ବୈଠକ

ବଲାଙ୍ଗିର,(ସବ୍ୟୁ): ସ୍ଥାନୀୟ ଜେ ଏସ ଏମ କଲେଜ ସସମ୍ମିଳନୀ କକ୍ଷରେ ଜିଲ୍ଲା ସିଭିଲ ସୋସାଇଟିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବୁଦ୍ଧିଜୀବୀ ମାନଙ୍କୁ ନେଇ ସଂଗଠନକୁ ମଜଭୁତ କରି ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କରିବା ପାଇଁ ପ୍ରଶାସନ ଓ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ନେଇ ପ୍ରସ୍ତାବ ଗ୍ରହଣ କରାଯାଇଛି । ଆବାହକ ଇଂ ବେଲାରସିଂ ଭୋଇଙ୍କ ସଭାପତିତ୍ୱରେ ସଂଯୋଜକ ମନୋରଞ୍ଜନ ସାହୁ ବିବରଣୀ ପାଠ କରି ଗୃହରେ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ । ବରିଷ୍ଠ ସଭ୍ୟ ମନୋରଞ୍ଜନ ମିଶ୍ର ସୋସାଇଟିର ନୂଆ ନିୟମ ଅନୁସାରେ ସମ୍ବିଧାନ ପ୍ରସ୍ତୁତି କରିବା ଉପରେ ଧାରଣା ଦେଇଥିଲେ । ଅନ୍ୟାନ୍ୟ ମାନଙ୍କ ମଧ୍ୟରୁ ଗୋପଭୂଷଣ ନାଥ, ମନୋରଞ୍ଜନ ପୁରୋହିତ, ଗୋବିନ୍ଦ ମିଶ୍ର, ବିମଳ ଚୋପଦାର, ପ୍ରସନ୍ନ ମିଶ୍ର, ଦିବାକର ହୋତା, ପୀତବାସ ପଣ୍ଡା, ସି ଏ ଶ୍ରୀକାନ୍ତ ଶର୍ମା, ଜ୍ଞାନ ରଞ୍ଜନ ପଟନାୟକ, ହରେକୃଷ୍ଣ ପଟେଲ, ବିଶ୍ୱନାଥ ତ୍ରିପାଠୀ, ସୁବୋଧ ନାଗ, ରବି ନାରାୟଣ ସାହୁ, ଲିଲି ପଟେଲ, ସନ୍ତୋଷୀ ମେହେର, ସଚଲା ମେହେର, ସଂଯନି ଶତପଥି, ନରେନ୍ଦ୍ର ମିଶ୍ର, ଦୁର୍ବାଦଳ ମହାକୁର, ତରଣୀ ସେନ ପଟେଲ, ସୁବାଷ ଶତପଥି, ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ, ସରୋଜ ମେସ୍ରା ଆଲୋଚନାରେ ଅଂଶ ଗ୍ରହଣ କରିଥବାବେଳେ ରବିଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକଙ୍କ ପରଲୋକରେ ଶୋକସଭା

ବୌଦ୍ଧ,(ସବ୍ୟୁ) : ବୌଦ୍ଧ ସହରରେ ବିଜେ ପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ସୁରମଣି ପଣ୍ଡାଙ୍କ ୯୯ବର୍ଷ ବୟସରେ ପରଲୋକ ଘଟିଛି । ରବିବାର ମନ୍ଦିର ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସମ୍ପାଦକ ଶଙ୍କର ପ୍ରସାଦ ପୁରୋହିତ ଶୋକପ୍ରସ୍ତାବ ଆଗତ କରିବାପରେ ଉପସ୍ଥିତ ସଦସ୍ୟ ମାନେ ଅମ୍ଳାନ ଆତ୍ମାର ସଦଗତି କାମନାକରି ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ । ସ୍ୱର୍ଗତ ସୁରମଣୀ ଦୀର୍ଘ ବର୍ଷଧରି ମନ୍ଦିରରେ ଠାକୁର ପୂଜାର୍ଚ୍ଚନା କରି ଆସୁଥିଲେ । ତାଙ୍କରି ବିୟୋଗରେ ସହରରେ ଶୋକର ଛାୟା ଖେଳିଯାଇଛି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ନାତିଙ୍କ ଦ୍ୱାରା ଅନ୍ତ୍ୟେଷ୍ଟି କ୍ରିୟା ସମ୍ପର୍ଣ୍ଣ କରାଯାଇଥିଲା ।

# କୁକୁରକୁ ବଞ୍ଚାଇବାକୁ ଯାଇ ବାଇକ୍ ଦୁର୍ଘଟଣା, ଯୁବକ ଆହତ

ଅମ୍ବାଭୋନା,(ସବ୍ୟୁ) : ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଅମ୍ବାଭୋନା ବିଦ୍ୟୁତ ଗ୍ରୀଡ ସମ୍ମୁଖରେ ରବିବାର ଏକ ବାଇକ ଦୁର୍ଘଟଣା ଘଟି ଖଲିଆଡ଼ିପା ଗ୍ରାମର ଲବ ଧରୁଆ (୪୧) ଆହତ ହୋଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ, ଲବ ଧରୁଆ ନିଜ ସ୍ପ୍ଲେଣ୍ଡର ପ୍ଲସ ବାଇକ ଯୋଗେ ଯାଉଥିବା ସମୟରେ ଅମ୍ବାଭୋନା ବିଦ୍ୟୁତ ଗ୍ରୀଡ ସମ୍ମୁଖରେ ହଠାତ୍ ଏକ କୁକୁର ତାଙ୍କ ବାଇକ ସାମ୍ନାକୁ ଚାଲିଆସିଥିଲା । କୁକୁରଟିକୁ ବଞ୍ଚାଇବା ଉଦ୍ୟମରେ ବାଇକ୍ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି ।ଦୁର୍ଘଟଣାରେ ଲବଙ୍କ ମୁହଁ, ହାତ ଓ ଗୋଡ଼ରେ ଆଘାତ ଲାଗିଛି । ଘଟଣା ସମ୍ପର୍କରେ ଖବର ପାଇ ଅମ୍ବାଭୋନା ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ । ପରେ ତାଙ୍କୁ ତୁରନ୍ତ ଭୁକ୍ତା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ସେଠାରେ ତାଙ୍କର ଚିକିତ୍ସା କରାଯାଇଥିଲା। ଅଗ୍ନିଶମ ବାହିନୀ କର୍ମଚାରୀମାନେ ଆହତଙ୍କ ପରିବାର ସହ ଯୋଗାଯୋଗ କରି ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ । ପରେ ପରିବାର ଲୋକେ ଚିକିତ୍ସାଳୟରେ ପହଞ୍ଚି ଲବଙ୍କୁ ନିଜ ସହ ନେଇଯାଇଥିଲେ । ଅଗ୍ନିଶମ ବାହିନୀର ତ୍ୱରିତ ଉଦ୍ଧାର ଓ ସହଯୋଗ ଯୋଗୁଁ ଆହତ ବ୍ୟକ୍ତିଙ୍କୁ ସମୟୋଚିତ ଚିକିତ୍ସା ସୁବିଧା ମିଳିପାରିଥିଲା।

# ଜିଏମ୍‌ୟୁରେ ପରାମର୍ଶ ଅଧିବେଶନ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଠାରେ ପରାମର୍ଶ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରାମର୍ଶ କେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ସଂଯୋଜିକା ଡ. ସଞ୍ଜୁକ୍ତା ପାଢ଼ୀ ପରିଚାଳନା କରିଥିଲେ । କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ସ୍ନାତକୋତ୍ତର ଶିକ୍ଷା ପରିଷଦର ଅଧ୍ୟକ୍ଷ ପ୍ରଫେସର ପାର୍ଥସାରଥୀ ମଲ୍ଲିକ୍ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଲକ୍ଷ୍ନୌ ସ୍ଥିତ ଆଇ.ଟି ମହାବିଦ୍ୟାଳୟର ସହକାରୀ ଅଧ୍ୟାପକ ଡ଼ ସୁଦୀପ୍ କୁମାର ଚୌଧୁରୀ ଏବଂ ସାଇକୋଲୋଜିଷ୍ଟ ରିଷୁ ଶର୍ମା ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ, ଭାବାବେଗର ସଠିକ୍ ପରିଚାଳନା, ଚାପ ପରିଚାଳନା, ଆତ୍ମବିଶ୍ୱାସ ବୃଦ୍ଧି ଏବଂ ଜୀବନର ବିଭିନ୍ନ ସମସ୍ୟାକୁ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ସାମ୍ନା କରିବାର ଉପାୟ ସମ୍ପର୍କରେ ଆଲୋକପାତ କରିଥିଲେ।

# ଖଡ୍ଡୁରା ସମାଜ ପକ୍ଷରୁ ୪୮ ୟୁନିଟ ରକ୍ତ ସଂଗ୍ରହ

ସମ୍ବଲପୁର,(ସବ୍ୟୁ): ରକ୍ତ ଅଭାବକୁ ଦୃଷ୍ଟିରେ ରଖି ଖଡ୍ଡୁରା ସମାଜ ପକ୍ଷରୁ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜେପି ନେତା ସମୀର ରଞ୍ଜନ ବାବୁ ମୁଖ୍ୟ ଅତିଥି, ଭିମସାରର ସହକାରୀ ପ୍ରଫେସର ଡାକ୍ତର ସଞ୍ଜିବ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ମୋଟ ୪୮ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏଥିରେ ଖଡ୍ଡୁରା ସମାଜର ସଭାପତି ବିଦେଶୀ ନାୟକ, ସମ୍ପାଦକ ରାଜେନ୍ଦ୍ର ନାୟକ , ଉପସଭାପତି ନିରଞ୍ଜନ ନାୟକ, ଅଶ୍ୱିନୀ କୁମାର ପାଢ଼ୀ, କୃଷ୍ଣଚନ୍ଦ୍ର ନାୟକ, ନାଗେଶ୍ୱର ନାୟକ, ବିଜୟ କୁମାର ନାୟକ, ବିଶ୍ୱନାଥ ନାୟକ, ଭବାନୀ ଶଙ୍କର ନାୟକ, ବାବୁ ସେନାପତି, ଉମେଶ ନାୟକ, ଶ୍ରୀକାନ୍ତ ନାୟକ, ଗୋପାଳ ନାୟକ, ନାଗେଶ୍ୱର ସାହୁ, ସୁଦୀପ୍ତ ମୁଖାର୍ଜୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ




ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡ଼ା ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନ ତରଫରୁ ସ୍ଥାନୀୟ ପୌର ପରିଷଦ ଅଡିଟୋରିୟମ ହଲରେ ୬ଷ୍ଠ ଜିଲ୍ଲାସ୍ତରୀୟ ୪ ଦିନିଆ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗରେ ୨୨ ଟି ବିଭାଗରେ ୧୯୬୫ ଜଣ ବାଳକ ବାଳିକା ଯୁବକ ଯୁବତୀ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାର ଉଦଯାପନୀ ଦିବସରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସଫଳ ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ଓ କପ ପ୍ରଦାନ କରିଥିଲେ । ଅନ୍ୟ ସମ୍ମାନୀୟ ଅତିଥି ଭାବରେ ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚି ପଣ୍ଡା,୨ୟ ଓ.ଏସ.ଏପିର ଦୁର୍ଗପତି ପ୍ରସାଦ ତମାଙ୍ଗ,ବରିଷ୍ଠ ନାଗରିକ ସଂଘର ସଭାପତି ବାଳଗୋବିନ୍ଦ ମିଶ୍ର ପୁର୍ବତନ ସଭାପତି ଅର୍ଜୁନ ମୋର, ମାତାଦିନ ମୁନ୍ଦ୍ରା, ଡ଼ଃ ବିକାଶ ନନ୍ଦ, ଜିଲ୍ଲା କ୍ରୀଡା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ ଯୋଗଦେଇ ସଫଳ ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ଓ କପ ପ୍ରଦାନ କରିଥିଲେ । ବ୍ୟାଡ଼ମିଣ୍ଟନ ଆସୋସିଏସନର ସଭାପତି ପ୍ରତାପ ଚନ୍ଦ୍ର ବେହେରା, ଉପଦେଷ୍ଟା ଜୀବନ ମହାନ୍ତି, ସନ୍ଦିପ ଅଗସ୍ତି, ସମ୍ପାଦକ ଶୁଭମ ଶର୍ମା ,କୋଷାଧ୍ୟକ୍ଷ ନୃପ ଭୋଇ, ଉପ-ସଭାପତି ବିଜୟ ମୁଦ୍ରା, ଦିପକ ଶର୍ମା ,ଅରୁଣ ମୁଦ୍ରା, ବାଲାଜୀ ସାକସେନା,କ୍ଷୀରୋଦ ରାଉତ, ନାରାୟଣ କେଡିଆ, ମୋହନ ମୁରାରକା ,ବସନ୍ତ କୁମାର ପାଣ୍ଡେ, ନରେଶ ସରାଓ୍ୱଗୀ ଓ ସନ୍ତୋଷ ଡିଡଓ୍ୱାନିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ବଢୁଛି ହୀରାକୁଦ ଜଳଭଣ୍ଡାରର ଜଳସ୍ତର : ଖୋଲିଲା ଆଉ ୪ଟି ଗେଟ୍

ସମ୍ବଲପୁର,(ସବ୍ୟୁ): ହୀରାକୁଦ ଡ୍ୟାମର ଉପରମୁଣ୍ଡରେ ପ୍ରବଳ ବର୍ଷା ଜାରି ରହିଛି। ଜଳଭଣ୍ଡାରକୁ ଅତିରିକ୍ତ ବନ୍ୟାଜଳ ପ୍ରବେଶ କରୁଛି । ଫଳରେ ଜଳଭଣ୍ଡାରର ଜଳସ୍ତର ବଢିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ରବିବାର ଆଉ ୪ଟି ଗେଟ୍ ଅଧିକ ଖୋଲା ଯାଇଛି । ସମୁଦାୟ ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ରବିବାର ସଂନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୩୩.୮୯ଫୁଟ ରହିଛି । ବାମପଟୁ ୮ଟି ଓ ଡାହାଣ ପଟୁ ୪ଟି ଗେଟ୍ ଖୋଲା ଯାଇଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୧୫ହଜାର ୧୮୬ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ସମ ପରିମାଣ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ସ୍ପିଲୱେକୁ ୧ଲକ୍ଷ ୮୨ହଜାର ୧୭୨ଘନଫୁଟ, ପାଓ୍ୱାର ଚେନାଲକୁ ୩୦ହଜାର ୫୧୧ଘନଫୁଟ, କେନାଲକୁ ୨ହଜାର ୨୭୪ଘନଫୁଟ ଓ କଳକାରଖାନାକୁ ୨୨ଘନଫୁଟ ଜଳ ଛଡ଼ା ଯାଉଛି।



ଗେଟ୍ ଖୋଲାଥିବାରୁ ବେଲଗାଁରେ ୩୨ହଜାର୨୦୦, ପର୍ଥଲାରେ ୯୪ହଜାର୧୧୩, ଖଇରମାଳରେ ୩ଲକ୍ଷ ୮୫ହଜାର, ବାରମୂଳରେ ୩ଲକ୍ଷ୮୫ହଜାର ଓ ମୁଣ୍ଡଳିରେ ୪ଲକ୍ଷ ୭୪ହଜାର୬୨୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି । ଗତ ୨୪ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୩୫.୯୫ମିମି ଓ ତଳମୁଣ୍ଡରେ ୧୬.୭୧ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ତେବେ ପ୍ରବଳ ବର୍ଷା ଓ ଜଳଭଣ୍ଡାରକୁ ଅଧିକ ଜଳ ପ୍ରବେଶ କଲେ ଅଧିକ ଗେଟ୍ ଖୋଲା ଯିବ ବୋଲି ହୀରାକୁଦ ବନ୍ଧ ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ ସୂଚନା ଦେଇଛନ୍ତି ।

## ସମ୍ପାଦକୀୟ

# ଆମ ଉପରେ ହିନ୍ଦୀ ଭାଷାର ପ୍ରଭାବ

ଇଂରେଜମାନେ ଏ ଦେଶ ଛାଡ଼ି ଯିବା ପରେ ବିଭିନ୍ନ ଭାରତୀୟ ଭାଷା ମଧ୍ୟରେ ସମନ୍ୱୟ ରକ୍ଷା କରାଯିବାକୁ ହିନ୍ଦୀକୁ ରାଷ୍ଟ୍ରଭାଷା ଭାବେ ବ୍ୟବହାର କରା ଯାଉଥିଲା । ଗାନ୍ଧିଜୀଙ୍କ କଥାକୁ ପ୍ରାୟ ଅନ୍ୟମାନେ ଶୁଣୁଥିଲେ ଆଉ ସେଥିପାଇଁ ସାରା ଭାରତରେ ହିନ୍ଦୀର ପ୍ରଚଳନ ପ୍ରାୟ ଥିଲ । ଏବେ ହିନ୍ଦୀ (ଦେବନାଗରୀ ଲିପି)କୁ ଭାରତ ସରକାର ସରକାରୀ ଭାଷାର ମାନ୍ୟତା ଦେଇଛନ୍ତି । କିନ୍ତୁ ଏହା ଜାତୀୟ ଭାଷା ହୋଇ ପାରି ନାହିଁ । ଏହା ସତ୍ତ୍ୱେ ହିନ୍ଦୀକୁ ଆମର ରାଷ୍ଟ୍ରୀୟ ଭାଷା ଭାବେ ଆମେମାନେ ବ୍ୟବହାର କରି ଆସୁଛୁଁ । ଭାରତ ସରକାର ହିନ୍ଦୀ ଭାଷା ପାଇଁ ସ୍ୱତନ୍ତ୍ର ବିଭାଗ କରି ହିନ୍ଦୀ ଭାଷାକୁ ଅବଶ୍ୟ ପ୍ରୋତ୍ସାହିତ କରିଛନ୍ତି ।

ଅନୁଧ୍ୟାନରୁ ଜଣାଯାଇଛି ଯେ ଆଧୁନିକ ହିନ୍ଦୀ ଭାଷା ପ୍ରାୟ ୨୦୦ ବର୍ଷ ତଳର । ପୁରାତନ ହିନ୍ଦୀ ଭାଷାର ପ୍ରାଚୀନତା ୭୦୦ରୁ ୧,୦୦୦ ବର୍ଷ ବୋଲି କୁହାଯାଉଛି । କିନ୍ତୁ ତାମିଲ ଭାଷା ସବୁଠୁଁ ପ୍ରାଚୀନ ଭାଷା ଏବଂ ତାହା ପ୍ରାୟ ୨,୦୦୦ ବର୍ଷ ତଳର ବୋଲି ମଧ୍ୟ କୁହାଯାଉଛି ।

**ଏବେ କିନ୍ତୁ ହିନ୍ଦି ସିନେମା ପ୍ରଭାବରେ ଓଡ଼ିଶାରେ ହିନ୍ଦୀ ଭାଷାର ବ୍ୟବହାର ଏବେ ସହଜ ହୋଇ ପାରିଛି । ଏପରିକି ପଶ୍ଚିମବଙ୍ଗ ଓ ଦକ୍ଷିଣ ଭାରତରେ ଯେଉଁଠି ହିନ୍ଦୀ ପରିବର୍ତ୍ତେ ଇଂରାଜୀ ଭାଷାର ପ୍ରଚଳନ ବେଶୀ ଥିଲା, ସେଠାରେ ମଧ୍ୟ ଆଜି ହିନ୍ଦି ଭାଷା ଆଦୃତ ହୋଇ ପାରିଛି । ଏବେ ବି ଭାରତରେ ହିନ୍ଦୀ ସିନେମା ଓ ସିନେମା ଗୀତର ପ୍ରଭାବ ବହୁଳାଂଶରେ ରହିଛି । ତେଣୁ ହିନ୍ଦୀ ଭାଷାର ପ୍ରଚଳନ ଭାରତରେ ଏପରିକି ଭାରତ ବାହାରେ ମଧ୍ୟ ପ୍ରଭାବ ପକାଇ ପାରିଥିବା ପରିଲକ୍ଷିତ ହୋଇଛି ।**

ଏବେ ହିନ୍ଦୀ ଓ ଇଂରାଜୀ ଭାଷାରେ ଅନୁଦିତ ପୁସ୍ତକଗୁଡ଼ିକର ପ୍ରସାର ସଂଖ୍ୟା ଖୁବ୍ ଅଧିକ । ଗାନ୍ଧିଜୀଙ୍କ ଇଚ୍ଛାନୁଯାୟୀ ସ୍ୱାଧୀନତା ଆନ୍ଦୋଳନ ସମୟରେ ସ୍ୱାଧୀନତା ସଂଗ୍ରାମୀମାନେ ହିନ୍ଦୀ ଭାଷା ଶିକ୍ଷା କରି ବ୍ୟବହାର କରି ଆସୁଥିଲେ । ସ୍ୱାଧୀନତା ପରେ ଅଣ ହିନ୍ଦୀ ରାଜ୍ୟମାନଙ୍କରେ ହିନ୍ଦୀର ପ୍ରଚଳନ ସେପରି ହୋଇ ନଥିଲା । ମାତ୍ର ଭାରତରେ ହିନ୍ଦୀ ଭାଷାରେ ନିର୍ମିତ ଚଳଚ୍ଚିତ୍ର ଓ ସିନେମାଗୁଡ଼ିକ ଅଣହିନ୍ଦୀ ଲୋକଙ୍କ ଉପରେ ବେଶ ପ୍ରଭାବ ବିସ୍ତାର କରି ପାରିଥିଲା । ଅବଶ୍ୟ ପଶ୍ଚିମବଙ୍ଗ ଓ ଦକ୍ଷିଣ ଭାରତର କେତେକ ଅଣହିନ୍ଦୀ ରାଜ୍ୟରେ ହିନ୍ଦୀ ଭାଷାକୁ ବିରୋଧ କରାଯାଉଥିଲା । ଏପରିକି ଏ ସବୁ ରାଜ୍ୟରେ କେହି ଜଣେ ପହଞ୍ଚି ହିନ୍ଦୀ ଭାଷାରେ କିଛି ପଚାରିଲେ, ସେମାନେ କିଛି ଉତ୍ତର ଦେଉ ନଥିଲେ । ବରଂ ଇଂରାଜୀରେ ପଚାରିଲେ ଉତ୍ତର ଦେଉଥିଲେ ।

ଅବଶ୍ୟ ପ୍ରାକ୍ ସ୍ୱାଧୀନତା କାଳରେ ୧୯୩୦ ମସିହା ପରେ ଭାରତରେ ବିଭିନ୍ନ ରାଜ୍ୟ ମଧ୍ୟରେ ଯୋଗାଯୋଗର ଭାଷା (Link language) ଭାବେ ହିନ୍ଦୀ ଭାଷାର ପ୍ରଚଳନ ଗାନ୍ଧିଜୀ ଓ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀମାନେ ଆରମ୍ଭ କରିଥିଲେ । ଫଳରେ ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହାର ପ୍ରଭାବ ଅନୁଭୂତ ହୋଇଥିଲା । ଯଦିଓ ଇଂରାଜୀ ଭାଷା ପ୍ରଚଳିତ ହୋଇଥିଲା, ଏହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପ୍ରାୟ ଦେଶଯାଉ ନଥିଲା ।

ଓଡ଼ିଶାରେ ହିନ୍ଦୀର ପ୍ରସାର କ୍ଷେତ୍ରରେ ସ୍ୱର୍ଗୀୟ ଅନସୂୟା ପ୍ରସାଦ ପାଠକଙ୍କ ଅବଦାନ ବହୁତ ଥିଲା । ୧୯୩୨ ମସିହା ନଭେମ୍ବର ୧୭ ତାରିଖରେ କଲିକତାରୁ ବସନ୍ତଲାଲ ମୁରାରକା ଓ ସୀତାରାମ ସେକସରିଆଙ୍କର ଚିଠି ନେଇ ଅନସୂୟା ପ୍ରସାଦ ପାଠକ ପୁରୀରେ ପହଞ୍ଚିଥିଲେ । ସେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କୁ ଭେଟିଲେ ଏବଂ ଓଡ଼ିଆମାନଙ୍କୁ ହିନ୍ଦୀ ଶିଖାଇବାକୁ ଆସିଛନ୍ତି ବୋଲି କହିଲେ । ପରେ ସେ ଜେଲ ଯାଇଥିଲେ । ବ୍ରହ୍ମପୁର ଜେଲରେ ସେ ଥିବାବେଳେ ସହବନ୍ଦୀ ଗୌରଚନ୍ଦ୍ର ମହାପାତ୍ର (କାନ୍ତକବିଙ୍କ କନିଷ୍ଠ ପୁତ୍ର) ତାଙ୍କ ସମ୍ପର୍କରେ ଲେଖିଛନ୍ତି, ତାଙ୍କ ଆତ୍ମଚରିତ 'ଯେତିକି ମନେ ପଡେ'ରେ । ଗତ ମାସ ସ୍ୱର୍ଗାରୋହଣ କରିଥିବା ବିଶିଷ୍ଟ ସାହିତ୍ୟ ସମାଲୋଚକ ଡକ୍ଟର ଶ୍ରୀଚରଣ ମହାନ୍ତି ସ୍ୱର୍ଗୀୟ ପାଠକଙ୍କ ସମ୍ପର୍କରେ ଲେଖିଛନ୍ତି । 'ବ୍ରହ୍ମପୁର ଜେଲର ମାଟି ଚଟାଣ ସଫା କରି ବବୁଲ କଣ୍ଟା ସାହାଯ୍ୟରେ ପାଠକଜୀ ସଂଗ୍ରାମୀମାନଙ୍କୁ ହିନ୍ଦୀର ସ୍ୱର ବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ ତଥା ମାତ୍ରା ଲେଖୁଥିଲେ ।' (ଉତ୍କଳ ପ୍ରସଙ୍ଗ, ଅଗଷ୍ଟ ସଂଖ୍ୟା ୨୦୧୦)

ଏବେ କିନ୍ତୁ ହିନ୍ଦି ସିନେମା ପ୍ରଭାବରେ ଓଡ଼ିଶାରେ ହିନ୍ଦୀ ଭାଷାର ବ୍ୟବହାର ଏବେ ସହଜ ହୋଇ ପାରିଛି । ଏପରିକି ପଶ୍ଚିମବଙ୍ଗ ଓ ଦକ୍ଷିଣ ଭାରତରେ ଯେଉଁଠି ହିନ୍ଦୀ ପରିବର୍ତ୍ତେ ଇଂରାଜୀ ଭାଷାର ପ୍ରଚଳନ ବେଶୀ ଥିଲା, ସେଠାରେ ମଧ୍ୟ ଆଜି ହିନ୍ଦି ଭାଷା ଆଦୃତ ହୋଇ ପାରିଛି । ଏବେ ବି ଭାରତରେ ହିନ୍ଦୀ ସିନେମା ଓ ସିନେମା ଗୀତର ପ୍ରଭାବ ବହୁଳାଂଶରେ ରହିଛି । ତେଣୁ ହିନ୍ଦୀ ଭାଷାର ପ୍ରଚଳନ ଭାରତରେ ଏପରିକି ଭାରତ ବାହାରେ ମଧ୍ୟ ପ୍ରଭାବ ପକାଇ ପାରିଥିବା ପରିଲକ୍ଷିତ ହୋଇଛି ।

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

**(ମହାତ୍ମା ଗାନ୍ଧି)**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଭାରତ ବିରୋଧରେ ଟ୍ରମ୍ପଙ୍କ ଶୁଳ୍କ ଅସ୍ତ୍ର: ଏକ ଦୃଷ୍ଟିପାତ



ମଧୁସୂଦନ ମିଶ୍ର

ଏକୋଇଶତମ ଶତାବ୍ଦୀରେ ଅର୍ଥନୀତି ଓ ଭୂ-ରାଜନୀତି ପରସ୍ପରର ପରିପୂରକ ଶକ୍ତିରେ ପରିଣତ ହୋଇଛି । ବାଣିଜ୍ୟ ଆଉ କେବଳ ଆମଦାନି-ରପ୍ତାନିର ପ୍ରକ୍ରିୟା ନୁହେଁ ଏହା ରାଷ୍ଟ୍ରର କୂଟନୀତି, ସୁରକ୍ଷା, ପ୍ରଯୁକ୍ତି, ଶିଳ୍ପ ଏବଂ ବୈଶ୍ୱିକ ପ୍ରଭାବ ବିସ୍ତାରର ଏକ ପ୍ରମୁଖ ମାଧ୍ୟମରେ ପରିଣତ ହୋଇଛି । ଏହି ପରିପ୍ରେକ୍ଷୀରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ଭାରତୀୟ ସାମଗ୍ରୀ ଉପରେ ଅଧିକ ଶୁଳ୍କ ଲାଗୁ କରିବାର ନୀତି କେବଳ ଏକ ବାଣିଜ୍ୟିକ ପଦକ୍ଷେପ ନୁହେଁ ଏହା ବିଶ୍ୱ ଅର୍ଥନୀତିର ବଦଳୁଥିବା ସନ୍ତୁଳନ, ଆର୍ଥିକ ଜାତୀୟତାବାଦ ଏବଂ କୌଶଳଗତ ପ୍ରତିଦ୍ୱନ୍ଦ୍ୱିତାର ଏକ ନୂତନ ପ୍ରତିଫଳନ ।

ଡୋନାଲ୍ଡ ଟ୍ରମ୍ପଙ୍କ 'ଆମେରିକା ଫର୍ଷ୍ଟ' ନୀତିର ମୂଳ ଦର୍ଶନ ହେଉଛି ଆମେରିକୀୟ ଶିଳ୍ପକୁ ସୁରକ୍ଷା ଦେବା, ଦେଶ ଭିତରେ ଉତ୍ପାଦନ ବଢ଼ାଇବା, ବିଦେଶୀ ଆମଦାନି ଉପରେ ନିର୍ଭରଶୀଳତା କମାଇବା ଏବଂ ବାଣିଜ୍ୟ ଘାଟତିକୁ ହ୍ରାସ କରିବା । ସେ ବିଶ୍ୱାସ କରନ୍ତି ଯେ ଉଚ୍ଚ ଶୁଳ୍କ ବିଦେଶୀ ପଦାର୍ଥକୁ ମହଙ୍ଗା କରି ଦେଶୀୟ ଶିଳ୍ପକୁ ପ୍ରତିଯୋଗିତାରେ ଆଗକୁ ଆଣିବ । କିନ୍ତୁ ଅର୍ଥନୀତିର ଇତିହାସ କହେ ଯେ ଶୁଳ୍କ ଯୁଦ୍ଧରେ କୌଣସି ପକ୍ଷ ଦୀର୍ଘମିଆଦିରେ ସଂପୂର୍ଣ୍ଣ ବିଜୟୀ ହୋଇନଥାଏ । ଏହାର ପ୍ରଭାବ ଉତ୍ପାଦନ, ଉପଭୋକ୍ତା, ଶିଳ୍ପ, ନିଯୁକ୍ତି ଓ ବିଶ୍ୱ ବଜାର ଉପରେ ପଡ଼େ ।

ଭାରତ ଓ ଆମେରିକା ମଧ୍ୟରେ ଆର୍ଥିକ ସମ୍ପର୍କ ଗତ ଦୁଇ ଦଶନ୍ଧି ମଧ୍ୟରେ ଅଭୂତପୂର୍ବ ଭାବେ ବିସ୍ତାର ଲାଭ କରିଛି । ସୂଚନା ପ୍ରଯୁକ୍ତି, ଔଷଧ, ଇଞ୍ଜିନିୟରିଂ ସାମଗ୍ରୀ, ବସ୍ତ୍ର, ରତ୍ନ ଓ ଅଳଙ୍କାର, କୃଷିଜାତ ପଦାର୍ଥ ଏବଂ ବିଭିନ୍ନ ସେବା କ୍ଷେତ୍ରରେ ଭାରତ ଆମେରିକାର ଏକ ବିଶ୍ୱସ୍ତ ଭାଗୀଦାର । ସେହିପରି ଆମେରିକାରୁ ଭାରତକୁ ବିମାନ, ପ୍ରତିରକ୍ଷା ସାମଗ୍ରୀ, ଶକ୍ତି, ଉନ୍ନତ ପ୍ରଯୁକ୍ତି ଓ ବିଭିନ୍ନ ଶିଳ୍ପ ସାମଗ୍ରୀ ଆମଦାନି ହୋଇଥାଏ । ଏହି ଦ୍ୱିପାକ୍ଷିକ ବାଣିଜ୍ୟ ଉଭୟ ଦେଶର ଲକ୍ଷ ଲକ୍ଷ ଲୋକଙ୍କ ଜୀବିକା ସହ ସିଧାସଳଖ ଭାବେ ଜଡ଼ିତ ।

ଯଦି ଭାରତୀୟ ରପ୍ତାନି ଉପରେ ଅଧିକ ଶୁଳ୍କ ଲାଗୁ ହୁଏ, ତେବେ ଏହାର ପ୍ରଥମ ପ୍ରଭାବ ରପ୍ତାନିମୁଖୀ ଶିଳ୍ପ ଉପରେ ପଡ଼ିବ । ବସ୍ତ୍ର ଶିଳ୍ପ, ଚମଡ଼ା ଶିଳ୍ପ, ହସ୍ତଶିଳ୍ପ, ଇଞ୍ଜିନିୟରିଂ ଉତ୍ପାଦ, ରାସାୟନିକ ସାମଗ୍ରୀ ଏବଂ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସବୁଠାରୁ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି । ବିଶେଷକରି କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକ ଅଧିକ ଖର୍ଚ୍ଚ ବହନ କରିବାର କ୍ଷମତା ନଥିବାରୁ ପ୍ରତିଯୋଗିତାରେ ପଛକୁ ପଡ଼ିପାରନ୍ତି । ଏହା ଦ୍ୱାରା ନିଯୁକ୍ତି ସୃଷ୍ଟି ମନ୍ଥର ହେବା ସହିତ ଉତ୍ପାଦନ ମଧ୍ୟ ହ୍ରାସ ପାଇପାରେ ।

ଭାରତର ଔଷଧ ଶିଳ୍ପ ଆଜି ସମଗ୍ର ବିଶ୍ୱରେ ବିଶ୍ୱର ଔଷଧାଳୟ ଭାବେ ପରିଚିତ । ଶସ୍ତା ଜେନେରିକ ଔଷଧ ଯୋଗାଣରେ ଭାରତର ଅବଦାନ ଅତୁଳନୀୟ । ଆମେରିକା ଏହି କ୍ଷେତ୍ରର ସର୍ବବୃହତ ବଜାରମାନଙ୍କ ମଧ୍ୟରୁ ଗୋଟିଏ । ଏହି କ୍ଷେତ୍ରରେ ବାଣିଜ୍ୟିକ ଅନିଶ୍ଚିତତା ବଢ଼ିଲେ ଔଷଧ ମୂଲ୍ୟ, ଗବେଷଣା, ନିବେଶ ଓ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଦୀର୍ଘମିଆଦି ପ୍ରଭାବ ପଡ଼ିପାରେ ।

ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଭାରତ ଆଜି ବିଶ୍ୱର ଏକ ପ୍ରମୁଖ ଶକ୍ତି । କୃତ୍ରିମ ବୁଦ୍ଧିମତ୍ତା, ସଫ୍ଟୱେର ବିକାଶ, କ୍ଲାଉଡ୍ କମ୍ପ୍ୟୁଟିଂ, ସାଇବର ସୁରକ୍ଷା ଓ ଡିଜିଟାଲ ସେବାରେ ଭାରତୀୟ ପ୍ରତିଭାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ହଜାର ହଜାର ଭାରତୀୟ ପେଶାଦାର ଆମେରିକାର ଅଗ୍ରଣୀ ପ୍ରଯୁକ୍ତି ସଂସ୍ଥାଗୁଡ଼ିକରେ କାର୍ଯ୍ୟରତ । ବାଣିଜ୍ୟିକ ଉତ୍ତେଜନା ବୃଦ୍ଧି ପାଇଲେ ନିବେଶ, ଗବେଷଣା ସହଯୋଗ, ପ୍ରଯୁକ୍ତି ହସ୍ତାନ୍ତର ଓ ନବସୃଜନର ଗତି ପ୍ରଭାବିତ ହୋଇପାରେ ।

**ଭାରତ ଓ ଆମେରିକା ପରି ଦୁଇ ପ୍ରମୁଖ ଗଣତାନ୍ତ୍ରିକ ଶକ୍ତି ଯଦି ସଂଳାପ, ସହଯୋଗ ଓ ସନ୍ତୁଳିତ ବାଣିଜ୍ୟକୁ ପ୍ରାଥମିକତା ଦିଅନ୍ତି, ତେବେ କେବଳ ଉଭୟ ଦେଶ ନୁହେଁ, ସମଗ୍ର ବିଶ୍ୱ ଅର୍ଥନୀତି ମଧ୍ୟ ଅଧିକ ସ୍ଥିର, ନ୍ୟାୟସଙ୍ଗତ, ସମାବେଶୀ ଓ ସମୃଦ୍ଧ ଭବିଷ୍ୟତ ଦିଗରେ ଅଗ୍ରସର ହେବ ।**

କୃଷି କ୍ଷେତ୍ର ମଧ୍ୟ ଏହି ବିବାଦର ଏକ ସମ୍ବେଦନଶୀଳ ଅଂଶ । ଆମେରିକା ଭାରତୀୟ ବଜାରରେ ନିଜର କୃଷିଜାତ ଓ ଦୁଗ୍ଧଜାତ ପଦାର୍ଥର ଅଧିକ ପ୍ରବେଶ ଚାହୁଁଛି । ଅନ୍ୟପଟେ ଭାରତର କୋଟି କୋଟି କ୍ଷୁଦ୍ର ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ । ଖାଦ୍ୟ ସୁରକ୍ଷା, ଗ୍ରାମୀଣ ଅର୍ଥନୀତି ଓ କୃଷକଙ୍କ ଜୀବିକାକୁ ଅଣଦେଖା କରି କୌଣସି ବାଣିଜ୍ୟିକ ସମାଧାନ ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ ।

ଏହି ପରିସ୍ଥିତିର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଭୂ-ରାଜନୀତି । ଗତ ଦଶବର୍ଷ ମଧ୍ୟରେ ଭାରତ ଓ ଆମେରିକା ପ୍ରତିରକ୍ଷା, ସାମୁଦ୍ରିକ ସୁରକ୍ଷା, ଗୋଇନ୍ଦା ସହଯୋଗ, ଇଣ୍ଡୋ-ପାସିଫିକ କୌଶଳ ଏବଂ ଉଚ୍ଚ ପ୍ରଯୁକ୍ତିରେ ଅଭୂତପୂର୍ବ ସହଯୋଗ ଗଢ଼ି ଉଠିଛନ୍ତି । ବିଶ୍ୱର ଦୁଇଟି ବୃହତ୍ତମ ଗଣତନ୍ତ୍ର ଭାବରେ ଉଭୟ ଦେଶ ନିୟମାଧାରିତ ବିଶ୍ୱ ବ୍ୟବସ୍ଥାକୁ ସମର୍ଥନ କରନ୍ତି । ତେଣୁ ଅଳ୍ପକାଳୀନ ବାଣିଜ୍ୟିକ ମତଭେଦ ଏହି ଦୀର୍ଘମିଆଦି କୌଶଳଗତ ସମ୍ପର୍କକୁ ଦୁର୍ବଳ କରିବା ଉଚିତ ନୁହେଁ ।

ବିଶ୍ୱ ଅର୍ଥନୀତି ଆଜି ଏକ ପରିବର୍ତ୍ତନଶୀଳ ପର୍ଯ୍ୟାୟ ଦେଇ ଗତି କରୁଛି । କୋଭିଡ୍-୧୯ ମହାମାରୀ ବିଶ୍ୱ ଯୋଗାଣ ଶୃଙ୍ଖଳର ଦୁର୍ବଳତାକୁ ସ୍ପଷ୍ଟ କରିଦେଇଥିଲା । ଏହା ପରେ ବିଭିନ୍ନ ଦେଶ ନିଜ ଶିଳ୍ପକୁ ସୁଦୃଢ଼ କରିବା ସହିତ ଯୋଗାଣ ଉତ୍ସର ବିବିଧୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି । ଭାରତ ମଧ୍ୟ 'ମେକ୍ ଇନ୍ ଇଣ୍ଡିଆ', 'ଆତ୍ମନିର୍ଭର ଭାରତ', 'ପ୍ରଡକ୍ସନ୍ ଲିଙ୍କଡ୍ ଇନସେଣ୍ଟିଭ୍ (PLI)', 'ଡିଜିଟାଲ ଇଣ୍ଡିଆ', 'ଗତିଶକ୍ତି', ଏବଂ ଲଜିଷ୍ଟିକ୍ସ ସୁଧାର ମାଧ୍ୟମରେ ବୈଶ୍ୱିକ ଉତ୍ପାଦନ କେନ୍ଦ୍ର ହେବାକୁ ପ୍ରୟାସ କରୁଛି । ଟ୍ରମ୍ପଙ୍କ ଶୁଳ୍କ ନୀତି ଏହି ସଂସ୍କାରଗୁଡ଼ିକୁ ଆହୁରି ଦ୍ରୁତ ଓ ଦୃଢ଼ କରିବାର ପ୍ରେରଣା ଦେଇପାରେ ।

ଆଡାମ ସ୍ମିଥ, ଡେଭିଡ୍ ରିକାର୍ଡୋ ଓ ଆଧୁନିକ ବାଣିଜ୍ୟ ଅର୍ଥନୀତିବିଦ୍ମାନଙ୍କ ଗବେଷଣା ଦର୍ଶାଏ ଯେ ଦୀର୍ଘମିଆଦି ସମୃଦ୍ଧିର ଭିତ୍ତି ହେଉଛି ମୁକ୍ତ ବାଣିଜ୍ୟ, ପ୍ରତିଯୋଗିତା, ନବସୃଜନ ଓ ଉତ୍ପାଦନକ୍ଷମତା । ଯଦିଓ ଜାତୀୟ ସୁରକ୍ଷା ସହ ସମ୍ପୃକ୍ତ କେତେକ କୌଶଳଗତ କ୍ଷେତ୍ରରେ ସୀମିତ ସୁରକ୍ଷାବାଦର ଯୁକ୍ତି ରହିଛି, ତଥାପି ଦୀର୍ଘସ୍ଥାୟୀ ଶୁଳ୍କ ଯୁଦ୍ଧ ବିଶ୍ୱ ଅର୍ଥନୀତିକୁ ଦୁର୍ବଳ କରେ । ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF), ବିଶ୍ୱ ବ୍ୟାଙ୍କ ଓ ବିଶ୍ୱ ବାଣିଜ୍ୟ ସଂଗଠନ (WTO) ମଧ୍ୟ ବାରମ୍ବାର ସତର୍କ କରିଛନ୍ତି ଯେ ବୃଦ୍ଧିଶୀଳ ସୁରକ୍ଷାବାଦ ବିଶ୍ୱ ଅଭିବୃଦ୍ଧିକୁ ମନ୍ଥର କରିପାରେ ।

ଭାରତ ପାଇଁ ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ସଂଯମ, ଦୂରଦୃଷ୍ଟି ଓ ଆତ୍ମବିଶ୍ୱାସ । ପ୍ରତିଶୋଧମୂଳକ ପଦକ୍ଷେପ ପରିବର୍ତ୍ତେ ସଂଳାପ, କୂଟନୀତି ଓ ବ୍ୟବହାରିକ ବାଣିଜ୍ୟ ଆଲୋଚନା ହିଁ ସର୍ବୋତ୍ତମ ପଥ । ସେହି ସହିତ ଭାରତକୁ ୟୁରୋପ, ଆଫ୍ରିକା, ଲାଟିନ୍ ଆମେରିକା, ଦକ୍ଷିଣ-ପୂର୍ବ ଏସିଆ ଓ ପଶ୍ଚିମ ଏସିଆର ବଜାରରେ ନିଜ ରପ୍ତାନିକୁ ଆହୁରି ବିସ୍ତାର କରିବାକୁ ହେବ । ଗୁଣବତ୍ତା, ଗବେଷଣା, ନବସୃଜନ, କୌଶଳ ବିକାଶ, ମୂଲ୍ୟ ସଂଯୋଜନ ଓ ବ୍ରାଣ୍ଡ ନିର୍ମାଣ ଉପରେ ଗୁରୁତ୍ୱ ଦେଲେ ଭାରତୀୟ ଶିଳ୍ପ ଅଧିକ ସକ୍ଷମ ହୋଇପାରିବ ।

ବର୍ତ୍ତମାନର ଶୁଳ୍କ ବିବାଦକୁ ଭାରତ ଏକ ସଙ୍କଟ ଭାବେ ନୁହେଁ, ବରଂ ଏକ ସୁଯୋଗ ଭାବେ ଦେଖିବା ଉଚିତ । ଆତ୍ମନିର୍ଭରତାର ଅର୍ଥ ବିଶ୍ୱଠାରୁ ବିଚ୍ଛିନ୍ନ ହେବା ନୁହେଁ ବରଂ ବିଶ୍ୱ ପ୍ରତିଯୋଗିତାରେ ଅଧିକ ସକ୍ଷମ ହେବା ।

ଆଜିର ଭାରତ ବିଶାଳ ଉପଭୋକ୍ତା ବଜାର, ଯୁବ ଜନସଂଖ୍ୟା, ପ୍ରଯୁକ୍ତିଗତ ଦକ୍ଷତା, ଗଣତାନ୍ତ୍ରିକ ସ୍ଥିରତା ଓ ଦ୍ରୁତ ବିକାଶଶୀଳ ଅର୍ଥନୀତି ସହ ବିଶ୍ୱର ଏକ ପ୍ରମୁଖ ଆର୍ଥିକ ଶକ୍ତି ଭାବେ ଉଭା ହେଉଛି । ଏପରି ସମୟରେ ଅସ୍ଥାୟୀ ବାଣିଜ୍ୟିକ ଚାପ ଭାରତର ଦୀର୍ଘମିଆଦି ବିକାଶ ଯାତ୍ରାକୁ ରୋକି ପାରିବ ନାହିଁ ।

ଇତିହାସ ସାକ୍ଷୀ ଯେ ଯେଉଁ ଦେଶମାନେ ସହଯୋଗ, ନବସୃଜନ, ଜ୍ଞାନ ଓ ପରସ୍ପର ନିର୍ଭରଶୀଳତାକୁ ଗ୍ରହଣ କରିଛନ୍ତି, ସେମାନେ ଦୀର୍ଘମିଆଦିରେ ସମୃଦ୍ଧ ହୋଇଛନ୍ତି । ଶୁଳ୍କର ଉଚ୍ଚ ପ୍ରାଚୀର କିଛି ସମୟ ପାଇଁ ସୁରକ୍ଷା ଦେଇପାରେ, କିନ୍ତୁ ସ୍ଥାୟୀ ଉନ୍ନତିର ପଥ ଖୋଲିପାରେ ନାହିଁ । ଭାରତ ଓ ଆମେରିକା ଉଭୟଙ୍କ ପାଇଁ ଏହା ଆବଶ୍ୟକ ଯେ ସେମାନେ ଅଳ୍ପକାଳୀନ ମତଭେଦକୁ ପଛରେ ପକାଇ ଦୀର୍ଘମିଆଦି ଆର୍ଥିକ ଓ କୌଶଳଗତ ସହଭାଗିତାକୁ ଆହୁରି ସୁଦୃଢ଼ କରନ୍ତୁ । ବିଶ୍ୱ ଆଜି ସଂଘର୍ଷ ନୁହେଁ, ସହଯୋଗର ଅପେକ୍ଷା କରୁଛି ପ୍ରତିବନ୍ଧକ ନୁହେଁ, ପରସ୍ପର ବିଶ୍ୱାସର ସେତୁ ନିର୍ମାଣର ଆବଶ୍ୟକତା ଅନୁଭବ କରୁଛି । ଏହି ସତ୍ୟକୁ ଯେତେ ଶୀଘ୍ର ବିଶ୍ୱର ପ୍ରମୁଖ ଅର୍ଥନୀତିମାନେ ବୁଝିବେ, ସେତେ ଶୀଘ୍ର ବିଶ୍ୱ ଅର୍ଥନୀତି ଅଧିକ ସ୍ଥିର, ସନ୍ତୁଳିତ ଓ ସମାବେଶୀ ବିକାଶର ପଥରେ ଅଗ୍ରସର ହେବ ।

ଶେଷରେ କୁହାଯାଇପାରେ ଯେ, ଟ୍ରମ୍ପଙ୍କ ଶୁଳ୍କ ନୀତି କେବଳ ଭାରତ ପାଇଁ ଏକ ଆହ୍ୱାନ ନୁହେଁ, ବରଂ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାର ପରିବର୍ତ୍ତିତ ଚରିତ୍ରର ଏକ ସ୍ପଷ୍ଟ ସଙ୍କେତ । ଏପରି ସମୟରେ ଭାରତର ପ୍ରକୃତ ଶକ୍ତି ପ୍ରତିକ୍ରିୟାରେ ନୁହେଁ, ବରଂ ଦୂରଦୃଷ୍ଟିସମ୍ପନ୍ନ ନୀତି, ଆର୍ଥିକ ସଂସ୍କାର, ପ୍ରଯୁକ୍ତିଗତ ନବସୃଜନ, ଗୁଣାତ୍ମକ ଉତ୍ପାଦନ ଏବଂ ବୈଶ୍ୱିକ ବଜାରରେ ନିଜର ବିଶ୍ୱସନୀୟତାକୁ ଆହୁରି ସୁଦୃଢ଼ କରିବାରେ ନିହିତ । ବିଶ୍ୱାସ, ସଂଳାପ ଓ ପରସ୍ପର ସମ୍ମାନ ଉପରେ ପ୍ରତିଷ୍ଠିତ ବାଣିଜ୍ୟିକ ସମ୍ପର୍କ ହିଁ ଦୀର୍ଘସ୍ଥାୟୀ ସମୃଦ୍ଧିର ମୂଳଦୁଆ । ଭାରତ ଯଦି ନିଜର ଉତ୍ପାଦନ କ୍ଷମତା, ରପ୍ତାନି ବିବିଧୀକରଣ, କୌଶଳ ବିକାଶ, ଗବେଷଣା ଓ ନବସୃଜନକୁ ଅଧିକ ଗତିଶୀଳ କରିପାରେ, ତେବେ ଯେକୌଣସି ବାହ୍ୟ ଚାପକୁ ସୁଯୋଗରେ ପରିଣତ କରିବାର ସାମର୍ଥ୍ୟ ତାହାର ରହିଛି । ଇତିହାସ ପ୍ରମାଣ କରେ ଯେ ଅସ୍ଥାୟୀ ପ୍ରତିବନ୍ଧକ କେବେବି ଦୃଢ଼ ସଙ୍କଳ୍ପ, ନୀତିଗତ ସ୍ଥିରତା ଓ ସୃଜନଶୀଳ ଅର୍ଥନୀତିକୁ ଅଟକାଇ ପାରେନାହିଁ । ତେଣୁ ବର୍ତ୍ତମାନର ପରିସ୍ଥିତିକୁ ଭୟ କିମ୍ବା ସଂଘର୍ଷର ଦୃଷ୍ଟିରେ ନୁହେଁ, ବରଂ ଆତ୍ମବିଶ୍ୱାସ, କୌଶଳଗତ ପରିପକ୍ୱତା ଓ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଆହୁରି ସକ୍ଷମ ହେବାର ସୁବର୍ଣ୍ଣ ସୁଯୋଗ ଭାବେ ଦେଖିବା ଆବଶ୍ୟକ । ଭାରତ ଓ ଆମେରିକା ପରି ଦୁଇ ପ୍ରମୁଖ ଗଣତାନ୍ତ୍ରିକ ଶକ୍ତି ଯଦି ସଂଳାପ, ସହଯୋଗ ଓ ସନ୍ତୁଳିତ ବାଣିଜ୍ୟକୁ ପ୍ରାଥମିକତା ଦିଅନ୍ତି, ତେବେ କେବଳ ଉଭୟ ଦେଶ ନୁହେଁ, ସମଗ୍ର ବିଶ୍ୱ ଅର୍ଥନୀତି ମଧ୍ୟ ଅଧିକ ସ୍ଥିର, ନ୍ୟାୟସଙ୍ଗତ, ସମାବେଶୀ ଓ ସମୃଦ୍ଧ ଭବିଷ୍ୟତ ଦିଗରେ ଅଗ୍ରସର ହେବ ।

ଶୁଳ୍କର ପ୍ରାଚୀର ସ୍ଥାୟୀ ସମୃଦ୍ଧିର ପଥ ନୁହେଁ ସହଯୋଗ, ବିଶ୍ୱାସ ଓ ନ୍ୟାୟସଙ୍ଗତ ବାଣିଜ୍ୟ ହିଁ ବିଶ୍ୱ ଅର୍ଥନୀତିର ପ୍ରକୃତ ଭିତ୍ତି । ଭାରତ ଆତ୍ମବିଶ୍ୱାସ, ନବସୃଜନ, ଗୁଣାତ୍ମକ ଉତ୍ପାଦନ ଓ ଦୂରଦୃଷ୍ଟିସମ୍ପନ୍ନ କୂଟନୀତି ବଳରେ ପ୍ରତ୍ୟେକ ଆହ୍ୱାନକୁ ବିକାଶର ନୂତନ ସୁଯୋଗରେ ପରିଣତ କରିପାରିବ ।

(ଲେଖକ ଜଣେ ଅବସରପ୍ରାପ୍ତ
ଆଇ.ଏ.ଏସ୍ ଅଧିକାରୀ )
ମୋ-୯୯୩୭୮୯୬୧୮

# ଦିଲ୍ଲୀର ସେହି ଦୁଃଖର ରାତି...



କୃପାନିଧି ବିଶ୍ୱାଳ

୨୦୦୩ ମସିହା । ଭାରତର ରାଷ୍ଟ୍ରପତି ଭାବେ ଡଃ ଏ. ପି. ଜେ. ଅବଦୁଲ କଲାମ ଦାୟିତ୍ୱ ଗ୍ରହଣ କରିବା ପରେ ଦେଶର ବିଭିନ୍ନ ରାଜ୍ୟର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ରାଷ୍ଟ୍ରପତି ଭବନକୁ ଆମନ୍ତ୍ରଣ କରିଥିଲେ ।

ସେହି ଐତିହାସିକ ଆମନ୍ତ୍ରଣରେ ଓଡ଼ିଶା ସରକାର ମଧ୍ୟ ପ୍ରାୟ ଦଶ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଏକ ପ୍ରତିନିଧି ଦଳକୁ ଦିଲ୍ଲୀ ପଠାଇଥିଲେ । ଦଳର ନେତୃତ୍ୱରେ ଥିଲେ ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକ । ସେମାନଙ୍କ ସହାୟତା ପାଇଁ ଅର୍ଥ ବିଭାଗର ଅନୁଶାସନ ସଚିବଙ୍କୁ ମଧ୍ୟ ରାଜ୍ୟ ସରକାର ସାଙ୍ଗରେ ପଠାଇ ଥିଲେ ।

ଅଧିକାଂଶ ସ୍ୱାଧୀନତା ସଂଗ୍ରାମୀଙ୍କ ବୟସ ଥିଲା ଅଧିକ । ସେମାନଙ୍କୁ ରେଳ ଯୋଗେ ଦିଲ୍ଲୀ ପଠାଯାଇଥିଲା । ସେମାନଙ୍କ ପାଇଁ କଷ୍ଟଦାୟକ ଥିଲା ୩୨ ଘଣ୍ଟାର ରେଳ ଯାତ୍ରା । ତୃତୀୟ ଶ୍ରେଣୀ ଶୀତତାପ ନିୟନ୍ତ୍ରଣ ବଗିରେ ସେମାନେ ଥିଲେ । କିନ୍ତୁ ସମସ୍ତଙ୍କ ମନରେ ଆନନ୍ଦ ଥିଲା । ସେତେବେଳେ ପ୍ରତିଦିନ ରାଜଧାନୀ ଏକ୍ସପ୍ରେସ ଚାଲୁ ନଥିଲା ।

ଦିଲ୍ଲୀରେ ଓଡ଼ିଶାର ଆବାସିକ କମିଶନରଙ୍କ ତତ୍ତ୍ୱାବଧାନରେ ସେମାନଙ୍କ ସମ୍ବର୍ଦ୍ଧନା, ରହିବା, ଖାଇବା, ଯାତାୟାତ ଏବଂ ରାଷ୍ଟ୍ରପତି ଭବନ ଗସ୍ତର ସମସ୍ତ ବ୍ୟବସ୍ଥା କରାଯାଇଥିଲା ।

ପ୍ରତ୍ୟେକ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ତାଙ୍କ ପରିବାରର ଜଣେ ଲେଖାଏଁ ସହାୟତା ସଦସ୍ୟ ମଧ୍ୟ ଥିଲେ । ଓଡ଼ିଶା ନିବାସର ପରିବେଶ ସେଦିନ ଉତ୍ସବମୁଖର ଥିଲା ।

ଜୀବନର ସାୟାହ୍ନରେ ପହଞ୍ଚିଥିବା ଏହି ଦେଶପ୍ରେମୀମାନେ ପ୍ରଥମ ଥର ପାଇଁ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଅତିଥି ହୋଇଥିଲେ ।

ସେମାନଙ୍କ ମୁହଁରେ ଥିଲା ଅପାର ଆନନ୍ଦ, ଆଖିରେ ଗର୍ବର ଦୀପ୍ତି । ଦିଲ୍ଲୀରେ ଥିବା ଅନେକ ଓଡ଼ିଆ ସେମାନଙ୍କୁ ଭେଟିବାକୁ ଆସୁଥିଲେ । ସାରାଦିନ ହସଖୁସିର ପରିବେଶ ଥିଲା ।

କିନ୍ତୁ ରାତି ବଢ଼ିବା ସହିତ ଭାଗ୍ୟ ହଠାତ୍ ଅନ୍ୟ ଏକ ପୃଷ୍ଠା ଖୋଲିଦେଲା ।

ରାତ୍ରି ଭୋଜନ ପରେ ସମସ୍ତେ ନିଜ ନିଜ କୋଠରୀକୁ ଚାଲିଯାଇଥିଲେ । ପ୍ରାୟ ରାତି ୧୧ଟା ବେଳେ ହଠାତ୍ ହାରାମଣୀ କାନୁନଗୋଙ୍କ ସହାୟକ ଦୌଡ଼ି ଆସି ଜଣାଇଲେ ଯେ ତାଙ୍କ ସ୍ୱାସ୍ଥ୍ୟ ହଠାତ୍ ଖରାପ ହୋଇ ଯାଇଛି ।

ଆଉ ବିଳମ୍ବ ନ କରି ଆମେ ତାଙ୍କୁ ତୁରନ୍ତ ରାମ ମନୋହର ହସ୍ପିଟାଲକୁ ନେଇଗଲୁ ।

**ଜୀବନର ସାୟାହ୍ନରେ ପହଞ୍ଚିଥିବା ଏହି ଦେଶପ୍ରେମୀମାନେ ପ୍ରଥମ ଥର ପାଇଁ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଅତିଥି ହୋଇଥିଲେ ।... ସେମାନଙ୍କ ମୁହଁରେ ଥିଲା ଅପାର ଆନନ୍ଦ, ଆଖିରେ ଗର୍ବର ଦୀପ୍ତି । ଦିଲ୍ଲୀରେ ଥିବା ଅନେକ ଓଡ଼ିଆ ସେମାନଙ୍କୁ ଭେଟିବାକୁ ଆସୁଥିଲେ । ସାରାଦିନ ହସଖୁସିର ପରିବେଶ ଥିଲା ।**

ସାଙ୍ଗରେ ଥିଲେ ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକ ପୂର୍ବତନ ରାଜ୍ୟସଭା ସଦସ୍ୟ ଓ ସ୍ୱାଧୀନତା ସଂଗ୍ରାମୀ ।

ଡାକ୍ତରମାନେ ପ୍ରଥମେ କହିଲେ ଯେ ଏହା ଶ୍ୱାସଜନିତ ସମସ୍ୟା । ଆମେ ସମସ୍ତେ ଆଶାରେ ଥିଲୁ । କିନ୍ତୁ କିଛି ସମୟ ପରେ ଡାକ୍ତର ବାହାରକୁ ଆସି ନିରବ କଣ୍ଠରେ କହିଲେ, ସେ ଆଉ ନାହାନ୍ତି ।

ସେହି ମୁହୂର୍ତ୍ତରେ ଯେପରି ସମୟ ଅଟକି ଯାଇଥିଲା ।

ଯେଉଁ ଦିଲ୍ଲୀ ଯାତ୍ରା ଆନନ୍ଦ ଓ ସମ୍ମାନର ପ୍ରତୀକ ହେବାକୁ ଥିଲା, ସେହି ଯାତ୍ରା ହଠାତ୍ ଶୋକରେ ପରିଣତ ହେଲା । ଆମେ ସମସ୍ତେ ହତବାକ୍ ହୋଇପଡ଼ିଲୁ । ମୋର ନିଜ ମାନସିକ ଅବସ୍ଥା ମଧ୍ୟ ଅତ୍ୟନ୍ତ ବିପର୍ଯ୍ୟସ୍ତ ଥିଲା ।

ସେହି ରାତିରେ ଶ୍ରୀ ଶେରାୱତ (ଅତିରିକ୍ତ କମିଶନର) ଓ ସ୍ୱର୍ଗତ ସୁବାସ ଚନ୍ଦ୍ର ପାଣି ଆବାସିକ କମିଶନରଙ୍କୁ ତୁରନ୍ତ ଓଡ଼ିଶା ନିବାସକୁ ଆସିବା ପାଇଁ ଅନୁରୋଧ କରି ତା'ପରେ ଗାଡି ପଠାଇ ଆସିବାକୁ ଅନୁରୋଧ କଲି...ସେମାନେ ତୁରନ୍ତ ଆସିଲେ ।

ଆରମ୍ଭ ହେଲା ପ୍ରଶାସନିକ ପ୍ରକ୍ରିୟା, ଯେପରିକି ମୃତ୍ୟୁ ପ୍ରମାଣପତ୍ର ସଂଗ୍ରହ, ପୁଲିସକୁ ସୂଚନା, ଆଇନଗତ ତଦନ୍ତ ଏବଂ ଅନ୍ୟାନ୍ୟ ଆନୁଷ୍ଠାନିକତା ।

ଆବାସିକ କମିଶନର, ଅତିରିକ୍ତ ଆବାସିକ କମିଶନର, ଅର୍ଥ ବିଭାଗର ଅନୁଶାସନ ସଚିବ ଓ ଭବାନୀ ଚରଣ ପଟ୍ଟନାୟକ ସମସ୍ତେ ଅତ୍ୟନ୍ତ ଧୈର୍ଯ୍ୟ ଓ ଦାୟିତ୍ୱବୋଧ ସହିତ ପରିସ୍ଥିତିର ମୁକାବିଲା କରିଥିଲେ । ପୁଲିସ ତଦନ୍ତରେ ମଧ୍ୟ ସେମାନେ ପୂର୍ଣ୍ଣ ସହଯୋଗ କରିଥିଲେ । ସାରା ରାତ୍ରି ଏହିପରି କଟିଥିଲା ।

ସେତେବେଳେ ଆମ ମନରେ ଆଉ ଏକ ଚିନ୍ତା ଥିଲା । ଏହି ଘଟଣାକୁ ନେଇ ଓଡ଼ିଶାରେ କୌଣସି ରାଜନୈତିକ ବିବାଦ ସୃଷ୍ଟି ନ ହେଉ । କାରଣ ସ୍ୱାଧୀନତା ସଂଗ୍ରାମୀ ହାରାମଣୀ କାନୁନଗୋଙ୍କ ସହ ତତ୍କାଳୀନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋଙ୍କର ପାରିବାରିକ ସମ୍ପର୍କ ଥିଲା । ତେଣୁ ସକାଳୁ ସକାଳୁ ଠିକ୍ ତଥ୍ୟ ସମ୍ପୃକ୍ତ ସମସ୍ତଙ୍କୁ ଜଣାଇବା ଆମର ପ୍ରଥମ କର୍ତ୍ତବ୍ୟ ଥିଲା ।

ପରଦିନ ସକାଳେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ହସ୍ପିଟାଲକୁ ଯାଇ ମୃତଦେହରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏପଟେ ମାନ୍ୟବର ବିଧାୟକ ଦେବୀ ପ୍ରସାଦ ମିଶ୍ର ଏବଂ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋଙ୍କୁ ସମସ୍ତ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା ।

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ମରଶରୀରକୁ ସରକାରୀ ଖର୍ଚ୍ଚରେ ବିମାନ ଯୋଗେ ଭୁବନେଶ୍ୱର ପଠା ଯାଇଥିଲା । ଓଡ଼ିଶା ଭବନ ପକ୍ଷରୁ ଉଗ୍ରସେନ ସେନାପତି ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଜଣେ ସମ୍ପର୍କୀୟ ମରଶରୀର ସହ ଆସିଥିଲେ । ଯଥା ସମ୍ମାନ ସହିତ ଦିଲ୍ଲୀରେ ସମସ୍ତ କାମ ସାରିଲା ।

ଶେଷରେ ନିଜ ଜନ୍ମମାଟିରେ ତାଙ୍କୁ ରାଜକୀୟ ସମ୍ମାନର ସହ ଶେଷ ବିଦାୟ ଦିଆଗଲା । ତାଙ୍କର ପରିବାର ମଧ୍ୟ ଏଥିରେ ସହଯୋଗ କରିଥିଲେ ।

ସେହି ଦିଲ୍ଲୀ ଗସ୍ତ ଆଜି ମଧ୍ୟ ମୋ ସ୍ମୃତିରେ ଅମ୍ଳାନ । ଗୋଟିଏ ପଟେ ଥିଲା ରାଷ୍ଟ୍ରପତିଙ୍କ ଆମନ୍ତ୍ରଣର ଗର୍ବ, ଅନ୍ୟ ପଟେ ଥିଲା ଜଣେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀଙ୍କ ଅପ୍ରତ୍ୟାଶିତ ବିୟୋଗ ।

ଜୀବନରେ କିଛି ଘଟଣା ଅଛି, ଯାହା କେବଳ ଇତିହାସର ପୃଷ୍ଠାରେ ନୁହେଁ, ମଣିଷର ମନରେ ଚିରଦିନ ପାଇଁ ଲେଖା ହୋଇ ରହିଯାଏ ।

ଦିଲ୍ଲୀର ସେହି ରାତି ମୋ ପାଇଁ ସେପରି ଏହି ପରିଣତ ବୟସରେ ଦୀର୍ଘ ସମୟର ରେଳଯାତ୍ରା କରିବା କେତେ କଷ୍ଟକର ତାହା ଭାବିଲେ ତାହାର ପୁନର୍ବାର ଚିନ୍ତା କରିବା ଉଚିତ । ଏହି ଲେଖାଟି ନୂତନ ପିଢି ସରକାରଙ୍କ ଶାସନରେ ଥିବା ନିମ୍ନ ତଥା ମାଧ୍ୟମ ବର୍ଗର ଅଧିକାରର ମାନେ ପଢିଲେ ମୋର ଶ୍ରମ ସାର୍ଥକ ହେବ ।

**ଭୁବନେଶ୍ୱର,**
**ମୋ-୯୮୧୯୯୬୪୫୧୭**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ସିପିଆଇର ଜନସଂପର୍କ ପଦଯାତ୍ରା

ନିମାପଡା,(ସବ୍ୟୁ): କେନ୍ଦ୍ର ଓ ଓଡିଶାରେ ଶାସନାଧିନ ବିଜେପି ସରକାରର ଶୋଷଣ ଓ ଜନମାରଣା ନୀତି ବିରୋଧରେ ଶନିବାର ଦିନ ସିପିଆଇ ନିମାପଡା ଆଂଚଳିକ କମିଟୀ ପକ୍ଷରୁ ନିମାପଡାରେ ଜନ ସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ସିପିଆଇର ରାଜ୍ୟ ପରିଷଦ ସଭ୍ୟ ଦେବେନ୍ଦ୍ର ନାଥ ସାହୁ,ପୁରୀ ଜିଲ୍ଲା ସଂପାଦକ କୃଷ୍ଣଚନ୍ଦ୍ର ରାଉତ,ଅଖିଳ ଭାରତ କୃଷକ ସଭା ରାଜ୍ୟ କାର୍ଯ୍ୟକାରୀ କମିଟୀ ସଭାପତି ସନାତନ ପାତ୍ର,ଜୋନ ସଂପାଦକ ପ୍ରଫୁଲ୍ଲ ଚନ୍ଦ୍ର ସାହୁ,ପୂର୍ବତନ ସରପଞ୍ଚ ସନ୍ତୋଷ ବେହେରା,ପୂର୍ବତନ କାଉନସିଲର ଜୟକୃଷ୍ଣ ପାତ୍ର,ଦଣ୍ଡପାଣି ସାହୁ,ପରମା ନନ୍ଦ ବାଘ,ରବିନ୍ଦ୍ର ପ୍ରଧାନ,ଜୟୀକୃଷ୍ଣ ମାଝୀ,ନବଘନ ସ୍ୱାଇଁ,ମହେନ୍ଦ୍ର ବାରିକ,ନେତ୍ରାନନ୍ଦ ବେହେରା,ହିମାଂଶୁ ନାୟକଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଅମଲାପଡା ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରୁ ଏହି ଜନସଂପର୍କ ପଦଯାତ୍ରାରେ ଦଳୀୟ ନେତୃତ୍ୱ ଓ କର୍ମୀମାନେ ବାହାରି ବଡବଜାର, ଦୋଳବେଦୀ ଛକ, ଜୟଶ୍ରୀଛକ ଓ ବ୍ଲକ ଛକ ପରିକ୍ରମା କରି ବିଜେପି ସରକାରର ବିଫଳତା ବିରୋଧରେ ବିଭିନ୍ନ ନାରା ଦେଇଥିଲେ। ପରିବର୍ତ୍ତନ ପାଇଁ ଏକାଠି ହୋଇ ଲଢେଇ କରି ଏହି ସରକାରକୁ ଗାଦିଚ୍ୟୁତ କରିବାକୁ ସିପିଆଇ ନେତା ମାନେ ପଦଯାତ୍ରା ମାଧ୍ୟମରେ ଜନସାଧାରଣ ମାନଙ୍କ ସହଯୋଗ ଲୋଡିଛନ୍ତି। ଆସନ୍ତା ସେପଟମ୍ବର ୧ ରେ ରାମଲିଳା ମଇଦାନରେ ସିପିଆଇ ପକ୍ଷରୁ ଆୟୋଜିତ ହେଉଥିବା ପରିବର୍ତ୍ତନ ଜରୁରୀ ମହାସମାବେଶରେ ଦିଲ୍ଲୀ ଚଲୋ ରେ ଯୋଗଦେବାକୁ ଜନସାଧାରଣମାନଙ୍କୁ ଦଳର ନେତୃତ୍ୱମାନେ ନିବେଦନ କରିଥିଲେ ।

# ନଦୀବନ୍ଧ ଫାଟି ଦୁଇଫାଳ: ମୁଗେଇନଦୀ ଗର୍ଭରେ ଲୀନ ହେବ ଇଟାକୂଦ ଗାଁ



ଗୋପ,(ସବ୍ୟୁ): ଗୋପ ବ୍ଲକ ଡଭାର ପଞ୍ଚାୟତରେ ଅବବାହିତ ମୁଗେଇନଦୀ ଗର୍ଭରେ ଲୀନ ହେବ ଗୋପ ବ୍ଲକ ଅନ୍ତର୍ଗତ ଡଭାର ପଞ୍ଚାୟତର ଇଟାକୂଦଗାଁର ୫୦ପରିବାର । ଗତ ଦୁଇ ମାସ ତଳେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ନଦୀବନ୍ଧ ସୁଦୃଢିକରଣ ଯୋଜନା ଫେଲ, ଯନ୍ତ୍ରୀ ଠିକାଦାର ମଧୁଚନ୍ଦ୍ରିକା ଯୋଗୁଁ ଏଭଳି ସମସ୍ୟା ଉପୁଜିଥିବା ଗ୍ରାମବାସୀମାନେ କହିଛନ୍ତି ।ନିମ୍ନମାନର ମାଟି,ରୋଲିଙ୍ଗ ନହେବା ଏହାର କାରଣ ପ୍ରମୁଖ କାରଣ । ବିଭିନ୍ନ ସ୍ଥାନରେ ନଦୀ ବନ୍ଧ ଫାଳଫାଳ ହୋଇଯାଇଥିବା ଦେଖିବାକୁ ମିଳିଛି । ଏହି ଗାଁରେ ବସବାସ କରୁଥିବା ୫୦ ପରିବାର ଏବେ ଗାଁ ଛାଡୁଥିବା ଭଳି ଅଭିଯୋଗ ହୋଇଛି । ଜଳସଂପଦ ବିଭାଗ ପକ୍ଷରୁ ଇଟାକୂଦ ଗାଁ ଠାରୁ ଗୋପବନ୍ଧୁ ଦା ଙ୍କ କର୍ମସ୍ଥଳି କୁହା ଯାଉଥିବା ଡଭାର ପର୍ଯ୍ୟନ୍ତ ନଦୀ ବନ୍ଧ ସଂଯୋଗିକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରା ଯାଉଥିଲେ ମଧ ତାହା ଏବେ କୌଣସି କାମରେ ଲାଗୁ ନ ଥିବା ଅଭିଯୋଗ ହୋଇଛି । ଚଳିତ ବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନଦୀ ବନ୍ଧ କାର୍ଯ୍ୟ କରା ଯାଇଥିଲେ ମଧ ଗତ ସପ୍ତାହରେ ନଦୀବନ୍ଧ ଭୁଷୁଡି ପଡିବା ଯୋଗୁଁ ଗ୍ରାମବାସୀମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ପ୍ରକାଶ ଯେ ଉତ୍କଳମଣି ଗୋପବନ୍ଧୁ ଦାସ ନଅଁଙ୍କ ଦୁର୍ଭିକ୍ଷ ପରେ ଗୋପ ବ୍ଲକ ଡଭାର ଗ୍ରାମରେ ରହି ଗରିବଙ୍କ ସେବା କରୁଥିଲେ । ଏପରି କି ମୁଗେଇ, ଧନୁଆ ନଦୀ ବନ୍ୟା ସମୟରେ ମୁଠି ଚାଉଳ ଆଦାୟ କରି କାଠ ଡଙ୍ଗାରେ ଯାଇ ବିପନ୍ନ ନିକଟରେ ପହଞ୍ଚୁଥିଲେ । ବ୍ରିଟିଶ ସରକାରଙ୍କ ସମୟରେ ମଧ ବନ୍ୟା ନିୟନ୍ତ୍ରଣ ହେବା ଉଦ୍ଦେଶ୍ୟରେ ଆଡ଼ିବନ୍ଧ ନିର୍ମାଣ କରିଥିଲେ । ସେବେ ଠାରୁ ଗୋପ ବ୍ଲକ ଅନ୍ତର୍ଗତ ଡଭାର ଗାଁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କର୍ମସ୍ଥଳି ଭାବରେ ପରିଚିତ । ସେଥିପାଇଁ ସାଧାରଣ ଲୋକଙ୍କ ସମସ୍ୟା ଦୂର କରିବା ଓ ଇଟାକୂଦ ଗାଁ ଠାରୁ ଗୋପବନ୍ଧୁ ଦାସଙ୍କ କର୍ମସ୍ଥଳି ଡଭାର ଗାଁ ସହିତ ନଦୀ ବନ୍ଧ ସଂଯୋଗିକରଣ ହାତକୁ ନିଆଯାଇ ମୁଗେଇ ନଦୀ ବନ୍ଧର ସୁଦୃଢ଼ିକରଣ ଯୋଜନା ପ୍ରସ୍ତୁତ ହୋଇଥିଲା । ପ୍ରତ୍ୟେକ ବର୍ଷ ଏହି ମୁଗେଇ ନଦୀ ବନ୍ଧ ର ସୁରକ୍ଷା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରା ଯାଉଥିବା ବେଳେ ଚଳିତ ବର୍ଷ ମଧ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରା ଯାଇଛି । ଚଳିତ ବର୍ଷା ସମୟରେ ମୁଗେଇ ନଦୀ ଓ ଧନୁଆ ନଦୀ ର ମିଳନ ସ୍ଥଳୀ କୁହାଯାଉଥିବା ଇଟାକୂଦ ଗାଁ ନିକଟ ମୁଗେଇ ନଦୀ ଅଧିକ ମାତ୍ରାରେ ବର୍ଷାଜଳ ଆସିବା ଫଳରେ ନଦୀ ବନ୍ଧ ଭୁଷୁଡ଼ି ପଡ଼ିଥିଲା । ଅଭିଯୋଗ ଆସିବା ପରେ ନିମାପଡ଼ା ଜଳସମ୍ପଦ ବିଭାଗ ପକ୍ଷରୁ ବାଲିବସ୍ତା ଦିଆ ଯାଇଥିବା ବେଳେ ଆଗକୁ ଅଧିକ ମାତ୍ରାରେ ବିପଦ ସୃଷ୍ଟି କରିବ ବୋଲି ଡଭାର ପଞ୍ଚାୟତର ସମିତସଭ୍ୟା ନମିତା ଗୁରୁ, ସନ୍ତୋଷ କୁମାର ପରିଡା, କୃଷ୍ଣଚନ୍ଦ୍ର ଗୁରୁ, ରବିନ୍ଦ୍ର ଗୁରୁ, ପ୍ରଫୁଲ୍ଲ ଚନ୍ଦ୍ର ପରିଡା, ରବିନ୍ଦ୍ର କୁମାର ପରିଡା ପ୍ରମୁଖ ଅଭିଯୋଗ କରିଛନ୍ତି । ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିମାପଡ଼ା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରିତମ ଚେତନ ପୋଥାଳ ଙ୍କୁ ପଚାରିବା ରେ ଅଭିଯୋଗ ଗୁରୁତ୍ୱ ଦେବା ସହ କିପରି ଇଟାକୂଦ ଗାଁ ସୁରକ୍ଷିତ ରହିବା ସହିତ ମୁଗେଇ ନଦୀ ବନ୍ଧ ସୁଦୃଢ଼ିରଣ ଠିକ ଭାବରେ ହେବ ତା ଉପରେ ଦେଖିବି ବୋଲି କହିଥିଲେ ।

# ବିଧାୟକଙ୍କ ଜନ ଅଭିଯୋଗ ଶୁଣାଣି

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗାଁକୁ ବିଧାୟକ ହିମାଂଶୁ ଶେଖର ସାହୁ ଯାଇ ଓ୍ୱାର୍ଡ ସ୍ତରୀୟ ଜନ ଅଭିଯୋଗ ଶୁଣାଣି କରି ପ୍ରତ୍ୟକ୍ଷ ଭାବେ ଲୋକମାନଙ୍କ ଅଭିଯୋଗ ଶୁଣି ଏହାର ସମାଧାନ ପନ୍ଥା ବାହାର କରୁଛନ୍ତି ।ଏହିକ୍ରମରେ ବିଧାୟକ ଶ୍ରୀ ସାହୁ ଆଜି ମିର୍ଜାପୁର ପଂଚାୟତ ଅରଙ୍ଗାବାଦ ଗ୍ରାମର ୧୨, ୧୩ ଓ ୧୪ ନମ୍ବର ଓ୍ୱାର୍ଡରେ ଆୟୋଜିତ ଜନ ଅଭିଯୋଗ ଶୁଣାଣି କରିଥିଲେ । ସେହିପରି ବିଧାୟକ ଶ୍ରୀ ସାହୁ ଆଜି କଣ୍ଟିଗଡିଆ ପଂଚାୟତର ୧୩ ନମ୍ବର ଓ୍ୱାର୍ଡରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦେଇ ଲୋକମାନଙ୍କ ବିଭିନ୍ନ ସମସ୍ୟା ଶୁଣିବା ସହିତ ଅନେକ ସମସ୍ୟାର ସମାଧାନ କରିଥିଲେ ।ତେବେ ସମୟ ସାପେକ୍ଷ ସମସ୍ୟା ଗୁଡିକର ସମାଧାନ ନିମନ୍ତେ ବିଭାଗୀୟ ଦାୟିତ୍ୱରେ ଥିବା କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଘରେ ଘରେ ତ୍ରିରଙ୍ଗା'...

ଭାରତ ମାତା କି ଜୟ" ନାରା ଦେଇ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

ରାଜ୍ୟର 'ଜେନ୍-ଜି' ଓ ଯୁବସମାଜକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଡିଜିଟାଲ୍ ଯୁଗରେ ଆମ ଯୁବପିଢ଼ିକୁ ବିପଥଗାମୀ କରିବାକୁ କିଛି ବାହ୍ୟ ଶକ୍ତି, ଅଦୃଶ୍ୟ ଶତ୍ରୁ, ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଓ ନିଶାଦ୍ରବ୍ୟ ଭଳି କୁପ୍ରଭାବ ସକ୍ରିୟ ରହିଛନ୍ତି । ସେହି ଅଦୃଶ୍ୟ କୁଚକ୍ରୀ ଶକ୍ତି କେବେହେଲେ ନିଜ ଉଦ୍ଦେଶ୍ୟରେ ସଫଳ ହେବେ ନହିଁ। ସେମାନଙ୍କ ମାୟାଜାଲରେ ନପଡ଼ି ଦେଶଭକ୍ତିକୁ ପ୍ରଥମ ସ୍ଥାନ ଦେବାକୁ ସେ ପରାମର୍ଶ ଦେଇଥିଲେ ଦେଇ ସେ "ଯୁବଶକ୍ତିର ଏକ ହିଁ ସ୍ୱର — ସୁରକ୍ଷିତ ହେବ ଦେଶ ଆମର!" ନାରା ଦେଇଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ - ୨୦୪୭' ସଂକଳ୍ପରେ ଓଡ଼ିଶାର ଭୂମିକା ସବୁଠାରୁ ନିର୍ଣ୍ଣାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ରାଜ୍ୟର ଚାଷୀ, ଶ୍ରମିକ, ଯୁବକ ଓ ସ୍ୱାବଲମ୍ବୀ ମହିଳାଙ୍କ ଅବଦାନ ଯୋଗୁଁ ଓଡ଼ିଶା ଦେଶର ଆର୍ଥିକ ଓ ଶିଳ୍ପ ବିକାଶର ପ୍ରମୁଖ ଇଞ୍ଜିନ୍ ପାଲଟିବ । ସ୍ୱାଧୀନତା ଦିବସ ଅବସରରେ ଦେଶର ସୁରକ୍ଷାରେ ନିୟୋଜିତ ବୀର ସୈନିକ ଓ ପୋଲିସ କର୍ମଚାରୀଙ୍କ ପରିବାରବର୍ଗଙ୍କୁ ଗୌରବର ସହ ସମ୍ମାନିତ କରିବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ କରିଥିଲେ ।

ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ମଞ୍ଚାସୀନ ଥିଲେ ।

ଏହା ବ୍ୟତୀତ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି , ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଜେପି ଓଡ଼ିଶାର ରାଜ୍ୟ ସଂଗଠନ ସାଧାରଣ ସମ୍ପାଦକ ମାନସ ମହାନ୍ତି ଏବଂ ବିଜେପି ଓଡ଼ିଶା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୋଭାମଣ୍ଡିତ କରିଥିଲେ ।ଏହି ସମାରୋହରେ ଓଡ଼ିଶାର ଗୌରବ ତଥା ଆନ୍ତର୍ଜାତୀୟ ସ୍ତରର ଅନ୍ତରଙ୍ଗ କ୍ରୀଡ଼ାବିତ୍ ପ୍ରମୋଦ ଭଗତ, ଅନୁପମା ସ୍ୱାଇଁ, ସୁନୀଲ ପ୍ରଧାନ, ରବି କୁମାର ଏବଂ କମଳା

### ଓଡ଼ିଶା...

କେନ୍ଦ୍ର ସରକାରଙ୍କ ପକ୍ଷରୁ ଏବାବଦରେ ଆବଶ୍ୟକ ଆନୁଷ୍ଠାନିକ ବଦଳି ବିଜ୍ଞପ୍ତି ଜାରି ହେବା ପରେ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେବ । ବିଭିନ୍ନ ହାଇକୋର୍ଟରେ ବିଚାରପତିମାନଙ୍କର ନିୟମିତ ଅଦଳବଦଳ ପ୍ରକ୍ରିୟାର ଏକ ଅଂଶ ବିଶେଷ ଭାବେ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

### ବଦଳିଲା ଅରୁଣାଚଳ...

ଶି ଜିନପିଙ୍ଗ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଭାରତ ଏହି ସଂଶୋଧିତ ମାନଚିତ୍ରରେ ମୋଟ ୨୭ଟି ପ୍ରମୁଖ ସ୍ଥାନ ଓ ଭୌଗୋଳିକ ଚିହ୍ନକୁ ଆନୁଷ୍ଠାନିକ ଭାବେ ଶାମିଲ କରିଛି । ଏଥିରେ ୪ଟି ଗୁରୁତ୍ୱପୂର୍ଣ୍ଣ ପାର୍ବତ୍ୟ ପାସ୍— "ଜୋ ଲା", "ରିଜା ଲା", "ପୁକୁର ଲା" ଏବଂ "ଥାଗ୍ ଲା" ଅନ୍ତର୍ଭୁକ୍ତ ରହିଛି । ୧୯୬୨ ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟ ସହ ଜଡ଼ିତ ଥିବାରୁ "ଥାଗ୍ ଲା"ର ଶାମିଲ ହେବା ସାମରିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହା ବ୍ୟତୀତ ତୱାଙ୍ଗ ନିକଟସ୍ଥ ଉଚ୍ଚ ସ୍ଥାନରେ ଅବସ୍ଥିତ "ସଙ୍ଗେ ସରୋବର" ହ୍ରଦ, ଲଙ୍ଗଜୁ, ମାଜା, ବିସା, ଜୟରାମପୁର, ଯଶବନ୍ତ ଗଡ଼ ସମେତ ୨୧ଟି ଭୌଗୋଳିକ ସ୍ଥାନ ଏବଂ ୧୯୬୨ ଯୁଦ୍ଧର ଅମର ଶହୀଦ ହବିଲଦାର ଶେର-ଇ-ଥାପାଙ୍କ ସ୍ମୃତିରେ ନିର୍ମିତ "ଶେର-ଇ-ଥାପା ମେମୋରିଆଲ"କୁ ଏହି ନୂତନ ମାନଚିତ୍ରରେ ସ୍ଥାନ ଦିଆଯାଇଛି । ଚୀନ୍ ଦୀର୍ଘ ଦିନରୁ ଅରୁଣାଚଳ ପ୍ରଦେଶକୁ "ଜାଙ୍ଗନାନ" କିମ୍ବା "ଦକ୍ଷିଣ ତିବ୍ବତ" କହି ନିଜର ଦାବି କରିଆସୁଛି ଏବଂ ୨୦୧୭ରୁ ୨୦୨୩ ମଧ୍ୟରେ ଅରୁଣାଚଳର ବିଭିନ୍ନ ସ୍ଥାନର ନାମ ବଦଳାଇ ଚାଇନିଜ୍ ନାମ ରଖିବାକୁ ଚେଷ୍ଟା କରିଛି । ଭାରତ ସଦାସର୍ବଦା ଚୀନର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରି ଅରୁଣାଚଳ ପ୍ରଦେଶକୁ ଦେଶର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଦୋହରାଇ ଆସିଛି । ଚୀନର ନାମକରଣ ଚାଲକୁ କାଉଣ୍ଟର କରିବା ଏବଂ ନିଜ ସୀମା ଭିତରେ ଥିବା ସ୍ଥାନଗୁଡ଼ିକର ଭାରତୀୟ ନାମକୁ ସରକାରୀ ଭାବେ ନଥିଭୁକ୍ତ କରିବା ପାଇଁ ଭାରତର ଏହି ନୂଆ ମାନଚିତ୍ର ଏକ ବଳିଷ୍ଠ ଭୌଗୋଳିକ ଓ ରଣନୈତିକ ଜବାବ ଅଟେ । ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଭାରତ-ଚୀନ୍ ସୀମା ବିବାଦ ସମ୍ପର୍କିତ ୩୬ତମ "ଡବ୍ଲ୍ୟୁଏମସିସି" ବୈଠକ ପରେ ସାମ୍ନାକୁ ଆସିଛି । ସୀମାରେ ଶାନ୍ତି ପ୍ରତିଷ୍ଠା ଏବଂ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବା ପାଇଁ ଆଲୋଚନା ଜାରି ରହିଥିବା ବେଳେ, ନିଜର ଭୌଗୋଳିକ ସୀମା ଓ ଆଞ୍ଚଳିକ ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବା ପାଇଁ ଭାରତ ସମ୍ପୂର୍ଣ୍ଣ ସ୍ୱଷ୍ଟ ନୀତି ଆପଣାଇଥିବା ଏହି ନୂତନ ମାନଚିତ୍ର ପ୍ରକାଶରୁ ସ୍ପଷ୍ଟ ହୋଇଛି ।

### ଏନଆଇଏ ହେପାଜତରେ...

ତଦନ୍ତ ସମୟରେ, ସଂସ୍ଥା ତିନୋଟି ରାଜ୍ୟର ୧୯ଟି ସ୍ଥାନରେ ଚଢ଼ାଉ କରିଥିଲା । ସଂସ୍ଥା ଅନେକ ଅପରାଧିକ ପ୍ରମାଣ ପାଇଥିଲା ଏବଂ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଅନ୍ୟ ଲୋକଙ୍କୁ ଚିହ୍ନଟ କରିଥିଲା । ଅଗଷ୍ଟ ୭ ତାରିଖରେ ଏନଆଇଏ ଟିମ୍ କର୍ଣ୍ଣାଟକର ବିଜୟପୁରାରୁ ଆଉ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାର ଗୋଟିଏ ଦିନ ପରେ ହାରିସ୍ଙ୍କୁ ଗିରଫ କରାଯାଇଛି । ଏହି ମାମଲାରେ ଏପର୍ଯ୍ୟନ୍ତ ମୋଟ ଦଶ ଜଣଙ୍କୁ ଗିରଫ କରାଯାଇଛି ।

### ବିଦ୍ୱାନ...

ଶ୍ରୀମତୀ ପାଢ଼ୀ ମତବ୍ୟକ୍ତ କରିଥିଲେ ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ସ୍ତମ୍ଭକାର ପ୍ରହଲ୍ଲାଦ ସିଂ କହିଥିଲେ, ୧୯୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ସରଳା ଦେବୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ସେ ପ୍ରଥମ ରାଜବନ୍ଦିନୀ ଭାବେ ଗିରଫ ହୋଇଥିଲେ । ତାଙ୍କୁ ଭେଲୋର ଜେଲରେ ରଖାଯାଇଥିଲା ଏବଂ ବହୁ ନିର୍ଯାତନା ଦିଆଯାଇଥିଲା । ସେ ବିବାହିତା ଥିଲେ ମଧ ତାଙ୍କ ମୁଣ୍ଡରୁ ସିନ୍ଦୂର ପୋଛି ଦିଆଯାଇଥିବା ବେଳେ ହାତରୁ କାଚ କାଢ଼ି ଦିଆଯାଇଥିଲା । ସେ ଥିଲେ ଶକ୍ତିର ଉତ୍ସ । ସାହିତ୍ୟ ସାଧନା କ୍ଷେତ୍ରରେ ତାଙ୍କର ଅବଦାନ ଭୁଲି ହେବନି ।

ଏହି ସମାରୋହରେ ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ଅନୀତା ଅଗ୍ନିହୋତ୍ରୀ, ସରଳା ଦେବୀ ସ୍ମାରକୀ ଟ୍ରଷ୍ଟର ଅଧ୍ୟକ୍ଷ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଜଗତସିଂହପୁର ବିକାଶ ପରିଷଦର ଉପସଭାପତି ସୁଜିତ ପୁହାଣ ଯୋଗଦେଇଥିବା ବେଳେ ଟ୍ରଷ୍ଟର ସାଧାରଣ ସମ୍ପାଦକ ତଥା ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅନ୍ୟାନ୍ୟ କ୍ଷେତ୍ରରେ କୃତି ଅର୍ଜନ କରୁଥିବା ବ୍ୟକ୍ତିବିଶେଷଙ୍କୁ ସରଳା ଦେବୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶୈଳବାଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସୀତା ସାହୁ, ବିଶିଷ୍ଟ ସଫଳ ଉଦ୍ୟୋଗୀ ତଥା ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତି, ସ୍ତମ୍ଭକାର ଭାସ୍କର ପରିଚ୍ଛା, ଓଡ଼ିଶୀ ନୃତ୍ୟଶିଳ୍ପୀ ବୈଶାଳୀ ମହାନ୍ତି, ବିଶିଷ୍ଟ ଚିତ୍ରଶିଳ୍ପୀ ଜଗଦୀଶ କାନୁନଗୋ, ଶିକ୍ଷା ସଂସଦର ଉପସଭାପତି ପୀତାମ୍ବର ବାରିକଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଆରବି ଅନ୍ୱେଷା ମହାନ୍ତି, ଅର୍ଚ୍ଚିତା ରାଉତ, ଶୁଭଲକ୍ଷ୍ମୀ ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିପଜ୍ଜନକ ଅବସ୍ଥାରେ ବିଦ୍ୟୁତ ଖୁଣ୍ଟ

କୁହୁଡ଼ି, (ସବ୍ୟୁ): ଖୋରଧା ଜିଲ୍ଲା ଟାଙ୍ଗୀ ବିଦ୍ୟୁତ ବିଭାଗ ଅଧିନସ୍ଥ କୁହୁଡ଼ି ସେକ୍ସନ, ରତନପୁର ଗୋପବନ୍ଧୁ ନଗର ସ୍ଥିତ ହନୁମାନ ବାଟିକା ନିକଟରେ ଥିବା ବିଦ୍ୟୁତ ଖୁଣ୍ଟ ବିପଜ୍ଜନକ ଅବସ୍ଥାରେ ଅଛି । ଏହି ଖୁଣ୍ଟ ବହୁତ ଦିନର ହେବାରୁ , ବର୍ଷା ଯୋଗୁଁ ଏହା କିଛି ମାତ୍ରାରେ ଢଳିଯାଇଛି ।ଯାହା ଫଳରେ ବିଦ୍ୟୁତ ତାର ସମ୍ପୂର୍ଣ୍ଣ ତଳକୁ ଝୁଲି ଯାଇଛି, କିଛିଦିନ ତଳେ ଏକ ହାଇଓ୍ୱା ଗାଡ଼ି ବାଜି ତାର ଝୁଲି ରହିଥିଲା ଯାହାକି ସେହି ଅଞ୍ଚଳରେ କିଛି ସମୟ ପାଇଁ ଭୟର ବାତାବରଣ ସୃଷ୍ଟି ହୋଇଥିବାର ଅଭିଯୋଗ ହୋଇଛି । ସେହି ରାସ୍ତା ଦେଇ କୁହୁଡ଼ି, ରତନପୁର, ସୋରଣ ଓ ମାନସିଂହପୁର ପଞ୍ଚାୟତର ହଜାର ହଜାର ଲୋକ ଡାକ୍ତରଖାନା, ସ୍କୁଲ, କଲେଜ, ପୋଷ୍ଟ ଅଫିସ, ରାଜସ୍ୱ କାର୍ଯ୍ୟାଳୟ, ବଜାର, ରେଳ ଷ୍ଟେସନକୁ ଯାତାୟାତ କରିଥାନ୍ତି । ଏହି ବିଷୟରେ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ଏକ୍ସିକ୍ୟୁଟିଭ ଇଞ୍ଜିନିୟରଙ୍କୁ ବାରମ୍ବାର ଲିଖିତ ଆକାରରେ ଅଭିଯୋଗ କହିବା ସେ‰ କୌଣସି ପଦକ୍ଷେପ ନ ନେବା ଆଶ୍ଚର୍ଯ୍ୟ ତଥା ଅନୁତାପର ବିଷୟ ।ଲୋକଙ୍କ ଜୀବନ ପ୍ରତି ବିପଦ ଥିବା ଜାଣି ମଧ ନୀରବଦ୍ରଷ୍ଟା ସାଜି ଲୋକଙ୍କ ଭିତରେ ଭୟ ସୃଷ୍ଟି କରିଛି । ଆଗାମୀ ୧୭ ତାରିଖ ଦିନ ଶ୍ରୀହନୁମାନ ବିଗ୍ରହ ପ୍ରତିଷ୍ଠା ଦିବସ ଉତ୍ସବ ଅନୁଷ୍ଠିତ ହେଉଥିବାରୁ ହଜାର ହଜାର ଲୋକଙ୍କ ସମାଗମ ହେବାର ଅଛି ।ତେଣୁ ତା ପୂର୍ବରୁ ଏହି ଖୁଣ୍ଟକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବା ସହିତ ଲୋକଙ୍କ ସୁରକ୍ଷାକୁ ସର୍ବାଙ୍ଗ ଗୁରୁ ଦେବା ପାଇଁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।

# ବୁଲୁ ଭାଇଙ୍କ ପରଲୋକ : ମିଳିଲାନି ଶେଷ ସମ୍ମାନ

ବଳଙ୍ଗା ,(ସବ୍ୟୁ): ନିମାପଡା ବିଜେପିର ପ୍ରତିଷ୍ଠାତା ସଭ୍ୟ ପ୍ରକାଶ ପଟ୍ଟନାୟକ ଓରଫ ବୁଲୁ ଭାଇ( ୭୩)ଙ୍କର ବଳଙ୍ଗା ନିକଟସ୍ଥ ବିଲ ଗୋରଡ଼ା ସ୍ଥିତ ବାସ ଭବନରେ ପରଲୋକ ଘଟିଛି । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳ ସହ ନିମାପଡା ବିଜେପିରେ ଶୋକର ଛାୟା ଖେଳି ଯାଇଛି । ମୃତ ଖବର ପାଇ ବିଜେପିର ବରିଷ୍ଠ କର୍ମକର୍ତ୍ତା , ବିଜେପି ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ଦାଶ ଓ ଆତ୍ମୀୟ ସ୍ୱଜନମାନେ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିବା ପରେ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରିବା ପରେ ପୁରୀ ସ୍ୱର୍ଗ ଦ୍ୱାରଠାରେ ଅନ୍ତିମ ସତ୍କାର କରଯାଇଥିଲା । ବଡ଼ ପୁଅ ରାଜେଶ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ । ସୂଚନା ମୁତାବକ ସ୍ୱର୍ଗତ ପ୍ରକାଶ ନିମାପଡା ବିଜେପିର ପ୍ରତିଷ୍ଠାତା ସଭ୍ୟ ରହିବା ସହ ୧୯୯୨ ମସିହାରୁ ନିମାପଡା କାର୍ଯ୍ୟାଳୟ ସମ୍ପାଦକ ଭାବରେ କାର୍ଯ୍ୟ କରୁଥିଲେ । ପ୍ରକାଶ ସମସ୍ତଙ୍କ ନିକଟରେ ବୁଲୁ ଭାଇ ଭାବେ ପରିଚିତ ଥିଲା ବେଳେ ସାଇକେଲ ଯୋଗେ ନିମାପଡାର ସମସ୍ତ ଅଞ୍ଚଳକୁ ଯାଇ ବିଜେପି ସଂଗଠନକୁ ଆଗକୁ ନେବାରେ ସେ କାର୍ଯ୍ୟ କରୁଥିଲେ ।

# କ୍ରାନ୍ତି ଦିବସରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା



ରଣପୁର (ସବ୍ୟୁ): ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ରବିବାର ଅପରାହ୍ନ ସାଢ଼େ ୩ଟାରେ ନୟାଗଡ଼ ଜିଲ୍ଲା ରଣପୁର ଏନଏସି ତରଫରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବସ ଷ୍ଟାଣ୍ଡ ଛକ ଠାରୁ ଏହି ଶୋଭାଯାତ୍ରା ବାହାରି ୧୨୦ମିଟରର ଏକ ତ୍ରିରଙ୍ଗା ସହ ଭାବ ପ୍ରବଣତା ସହ ସାମିଲ ହୋଇଥିବା ହଜାର ହଜାର ଦେଶପ୍ରେମୀ ହାତରେ ତ୍ରିରଙ୍ଗା ଧରି ଭାରତ ମାତାର ଜୟଗାନ କରି ପଞ୍ଚୁଦୋଳ ପଡିଆ ଠାରେ ଥିବା ଶହୀଦ ରଘୁଦିବାକରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଓଡିଶାର ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ,ପୁରୀ ଲୋକସଭା ସାଂସଦ ଡ଼ଃ ସମ୍ବିତ ପାତ୍ର,ରଣପୁର ଏନଏସି ଅଧକ୍ଷା ରଙ୍ଗୀନ ମହାନ୍ତି,ବ୍ଲକ ଉପାଧକ୍ଷ ପ୍ରଭାତ ଦଳବେହେରା,ଜିଲ୍ଲା ପରିଷଦ ଲକ୍ଷ୍ମୀପ୍ରିୟ ତରେଇ,ସମାଜସେବୀ ପ୍ରିୟବ୍ରତ ପ୍ରହରାଜ, ପରେଶ ମିଶ୍ର,ସ୍ୱରାଜ ମହାନ୍ତି, ତହସିଲଦାର ଆର୍ଯ୍ୟକୁମାର ସର୍ବଦମନ,ବିଡ଼ିଓ ମନୋଜ କୁମାର ନାୟକ,ବିଜ୍ଞାପିତ ଅଞ୍ଚଳ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର,ରଣପୁର ଥାନା ଅଧିକାରୀ ଆଶିଷ ଦେବ ସାହୁ ସିଡିପିଓ ସୁପ୍ରଭା ପାଣ୍ଡେଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ କର୍ମକର୍ତ୍ତା,କାଉନସିଲର,ସରପଞ୍ଚ,ସମିତି ସଭ୍ୟ,ଅଙ୍ଗନଓ୍ୱାଡି କର୍ମୀ, ଆଶା କର୍ମୀ,ସ୍ୱୟଂ ସହାୟକ ଗୋଷ୍ଠୀ,ରଣପୁର ମହାବିଦ୍ୟାଳୟ ଓ ପିଏମଶ୍ରୀ ସି ହାଇ ସ୍କୁଲର ଏନସିସି କ୍ୟାଡେଟ ଗ୍ରୁପ ସହ ହଜାର ହଜାର ପୁରୁଷ ଓ ମହିଳା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା

# କମିଶନରେଟ ପୋଲିସର ରିଲିଫ ବଣ୍ଟନ



ବାଲିପାଟଣା,(ସବ୍ୟୁ): ଭୁବନେଶ୍ୱର କମିଶନରେଟ ପୋଲିସ ତରଫରୁ ପାମ୍ପାଲୋ ଗ୍ରାମ ପଞ୍ଚାୟତ ର ବନ୍ୟା ପ୍ରପୀଡ଼ିତ ଟିଙ୍କିପଡା ଗ୍ରାମରେ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି ।ଏହି ଅବସରରେ ପୋଲିସ କମିଶନର ଦେବଦତ୍ତ ସିଂ ଗ୍ରାମବାସୀଙ୍କୁ ସାନ୍ତ୍ୱନା ଦେଇ କହିଥିଲେ କି ପୋଲିସ ବିଭାଗ ସଦା ସର୍ବଦା ଆପଣମାନଙ୍କ ସେବାରେ ଅଛି ।ଅନ୍ୟ ମାନଙ୍କ ମଧ୍ୟରେ ଏସିପି ଅଭିମନ୍ୟୁ ନାୟକ,ଅତିରିକ୍ତ ଡିସିପି ମାନସ ଗଡ଼ନାୟକ,ବିଧୁ ଭୂଷଣ ଉଦଗାତା,କୃଷ୍ଣଚନ୍ଦ୍ର ସେଠୀ,ବାଲିପାଟଣା ଥାନା ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ,ଫାଣ୍ଡି ଅଧିକାରୀ ରାକେଶ ପ୍ରଧାନ,ଏସ ଆଇ ଶିବାନୀ ନନ୍ଦ ପ୍ରମୁଖଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ବୃନ୍ଦ ଉପସ୍ଥିତ ରହି ଗ୍ରାମରେ ଦୁଇଶହ ପରିବାରଙ୍କୁ ଖାଦ୍ୟ ଦ୍ରବ୍ୟ ବଣ୍ଟନରେ ସହଯୋଗ କରିଥିଲେ । ସରପଞ୍ଚ ବାହାନ ଭୋଇ,ଓ୍ୱାର୍ଡ ରମେଶ ଭୂୟାଁ,ଗ୍ରାମର ପ୍ରବୀଣ କୁମାର ନାୟକ,ବଂଶୀଧର ଜେନା, ପବିତ୍ର ଭୋଇ,ଗିରିଶ ପ୍ରଧାନ,ଜୟନ୍ତ ଶିଶୁ,ଭାବଗ୍ରାହୀ ଗୋଚ୍ଛାୟତ,ରେଡକ୍ରସ ତରଫରୁ ରାଜ କୁମାର ଶର୍ମା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ସାପକାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ଡେରାବିଶ, (ସବ୍ୟୁ): ଡେରାବିଶ ବ୍ଲକ ବାଲିଆ ପଂଚାୟତ ଅନ୍ତର୍ଗତ ଜାଗୁଲେଇପଡ଼ା ଗ୍ରାମରେ ସାପକାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ଜାଗୁଲେଇପଡ଼ା ଗ୍ରାମର ଚର୍ତୁଭୁଜ ଦାସ (୬୨) ଅପରାହ୍ନରେ ତାଙ୍କ ଚାଷଜମିକୁ ଯାଇଥିବାବେଳେ ତାଙ୍କୁ କୌଣସି ଏକ ବିଷଧର ସାପ କାମୁଡ଼ିଦେଇଥିଲା। ବିଲ ସେ କିଛି ସମୟ ପରେ ଘରକୁ ଆସି ତାଙ୍କୁ ସାପ କାମୁଡ଼ିଥିବା ଜାଣିବାକୁ ପାଇଥିଲେ ଓ ଅସୁସ୍ଥ ଅନୁଭବ କରି ପଡ଼ିଯାଇଥିଲେ। ପରିବାର ଲୋକ ତାଙ୍କୁ ସଙ୍ଗେ ସଙ୍ଗେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ନାମ ପରିବର୍ତ୍ତନ**

ମୁଁ ବୈଜୟନ୍ତୀ ମାଳା ସାହୁ, ପିତା- ମଧୁସୂଦନ ସାହୁ, ଜନ୍ମ ତାରିଖ- 16.06.1977, ଗ୍ରାମ- ପାଟପୁର, ପୋ.- ଛଟୁଆ, ଥାନା- କୁଜଙ୍ଗ, ଜିଲ୍ଲା- ଜଗତସିଂହପୁର, ଓଡ଼ିଶା- 754141, ତାରିଖ- 07.08.2026ରେ ଶପଥପତ୍ର ମାଧ୍ୟମରେ ମୋର ନାମ "ବୈଜୟନ୍ତୀ ମାଳା ସାହୁ"ଠାରୁ "ନିରୂପମା ପୃଷ୍ଟି"କୁ ପରିବର୍ତ୍ତନ କରିଛି । ଅଦ୍ୟାବଧି ଓ ଭବିଷ୍ୟତରେ ସମସ୍ତ କାର୍ଯ୍ୟରେ ମୋର ନାମ "ନିରୂପମା ପୃଷ୍ଟି" ଭାବେ ପରିଚିତ ହେବ ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. ETELCONBBST-384E

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ତାଳଚେର-ବିମଳଗଡ଼ ନୂତନ BG ଲାଇନ ସମ୍ବନ୍ଧୀୟ ଖୋର୍ଦ୍ଧା-ମହୁଲଡିହ HT/LT ପାୱାର ଲାଇନ କ୍ରସିଙ୍ଗର ରୂପାନ୍ତରଣ / ସ୍ଥାନାନ୍ତରଣ ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 4,79,51,717.58, EMD(ଟଙ୍କାରେ) : 9,59,000/-, ଶେଷ ହେବା ଅବଧି : 9 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.08.2026 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.09.2026 ରିଖ 1200 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର

PR-167/CJ/26-27

# ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

କାକଟପୁର ,(ସବ୍ୟୁ): କାକଟପୁର ସରସଓ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସର ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି ଯେ ମୁଖ୍ୟ ଅତିଥି ଭାବେ କାକଟପୁର ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସଓ୍ୱାଇଁ ଯୋଗଦେଇ ଉଦଘାଟନ କରିଥିଲେ । ଶିଶୁ ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ସୁବାଷ ଚନ୍ଦ୍ର ସାମନ୍ତରାୟ,ସହ ପ୍ରଧାନା ଆଚାର୍ଯ୍ୟା ଜୟନ୍ତୀ ବାଳା ନନ୍ଦ,ରତିକାନ୍ତ ବେହେରା,ପରିଚାଳନା କମିଟି ସଭାପତି ପୀତବାସ ଦୀକ୍ଷିତ,ସଂକୁଳ ପ୍ରମୁଖ ସୁରେନ୍ଦ୍ର କୁମାର ମାଣିକ, ପ୍ରମୋଦ କିଶୋର ପୃଷ୍ଟି,ମନୋଜ କୁମାର ସାହୁ ଯୋଗଦେଇଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳା ରେ କାକଟପୁର ସଂକୁଳ ଅନ୍ତର୍ଗତ (୬) ଗୋଟି ବିଦ୍ୟାଳୟ କାକଟପୁର, ଅସ୍ତରଙ୍ଗ, ବାଲିଦୋକାନ, ଯୋଗେଶ୍ୱରପୁର, ଆମ୍ବପଡା ଓ ଓଥକା ବିଦ୍ୟାଳୟର ଶିଶୁ ଭାଇ ଭଉଣୀ ମାନଙ୍କ ଦାରା ବିଜ୍ଞାନ ପ୍ରକଳ୍ପ, ଗଣିତ, ପ୍ରଶ୍ନ ମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ, ବିଜ୍ଞାନ ପତ୍ର ବାଚନ, ବୈଦିକ ଗଣିତ ପତ୍ର ବାଚନ, ଗଣିତ ପ୍ରୟୋଗ, ବିଜ୍ଞାନ ପ୍ରୟୋଗ ପ୍ରଦର୍ଶନ କରାଯାଇଥିଲା ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ଛାତ୍ର କଂଗ୍ରେସର ଦୁଇଦିନିଆ ଅହୋରାତ୍ର ଧାରଣା ସମାପ୍ତ

ଭୁବନେଶ୍ୱର, (ସବ୍ୟୁ): ଗଣଶିକ୍ଷା ମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଦୁଇଦିନିଆ ଅହୋରାତ୍ର ଧାରଣା ଶେଷ ହୋଇଛି । ଏହି ଅବସରରେ ଲୋୟର



ପିଏମଜି ସ୍ଥିତ ଧାରଣାସ୍ଥଳରୁ ଛାତ୍ର କଂଗ୍ରେସର ନେତୃବର୍ଗ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନକୁ ଘେରାଉ କରିବାପାଇଁ ଏକ ରାଲି ଯୋଗେ ଯାଉଥିବା ବେଳେ ପୋଲିସ ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇଥିଲା । ଦୁଇଦିନିଆ ଅହୋରାତ୍ର ଧାରଣାର ନେତୃତ୍ୱ ନେଇଥିବା ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ବିଭୁତି ଭୂଷଣ ମହାପାତ୍ର କହିଥିଲେ ଯେ ଏହାପରେ ଆମର ଆନ୍ଦୋଳନ କଲେଜ ସମ୍ମୁଖରେ ହେବ । ଛାତ୍ର ସଂସଦ ନିର୍ବାଚନକୁ ଅଗଣତାନ୍ତ୍ରିକ ଭାବେ ବନ୍ଦ କରିଦିଆଯାଇଛି । ନିର୍ବାଚନ କରିବାପାଇଁ ସରକାରଙ୍କ ପକ୍ଷରୁ କୁହାଯାଉଛି କିନ୍ତୁ ଏହା କାର୍ଯ୍ୟକାରୀ ହେଉନାହିଁ । ସେହିଭଳି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜଣେ ଗଣ୍ଡ ମୁର୍ଖ ବୋଲି ଓ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଅନୁଭବ କରିଛନ୍ତି । ଓ ଗଣଶିକ୍ଷା ବ୍ୟବସ୍ଥାକୁ ସେ ଏଭଳି ପରିସ୍ଥିତିରେ ପହଞ୍ଚାଇ ଦେଇଛନ୍ତି ଯେ ଯାହାକି ଘରେ ଘରେ ଚର୍ଚ୍ଚା ହେଉଛି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ଦୁଇହଜାର ସାଂଘାତିକ ଭୁଲ ହୋଇଛି । ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ତଥା ଛାତ୍ର ସଂସଦ ନିର୍ବାଚନ ପାଇଁ ଛାତ୍ର କଂଗ୍ରେସ ଦୃଢ଼ ଦାବି କରୁଛି । ଏହି ଦାବିକୁ ସଫଳ କରିବାପାଇଁ ରାଜ୍ୟବ୍ୟାପି ଛାତ୍ର ଆନ୍ଦୋଳନ ମଧ୍ୟ କରାଯିବ । ଆଜିର କାର୍ଯ୍ୟକ୍ରମ ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ସ୍ୱଦନ ସ୍ୱାଇଁ, ଆକାଶ ମହାନ୍ତି, ସାହାରୁଖ ଖାନ, ଚିତ୍ତରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ସମ୍ବଲପୁରରେ 'ତ୍ରିରଙ୍ଗା ପଦଯାତ୍ରା'

# 'ତ୍ରିରଙ୍ଗା' ଆମ ଜାତୀୟ ଗୌରବ ଓ ସ୍ୱାଭିମାନ : ଧର୍ମେନ୍ଦ୍ର

ଭୁବନେଶ୍ୱର/ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଠାରେ ରିଜର୍ଭ ପୋଲିସ ପଡ଼ିଆ ଠାରୁ ଜେଲ୍ ଛକ ପର୍ଯ୍ୟନ୍ତ ଆୟୋଜିତ 'ତ୍ରିରଙ୍ଗା ପଦଯାତ୍ରା' ସମାବେଶରେ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଛନ୍ତି । ଏହି ପଦଯାତ୍ରାରେ ଓଡ଼ିଶାର ପଞ୍ଚାୟତିରାଜ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାଏକଙ୍କ ସମେତ ଅଞ୍ଚଳର ଅନେକ ଜନପ୍ରତିନିଧି, ବୁଦ୍ଧିଜୀବୀ, କାର୍ଯ୍ୟକର୍ତ୍ତା, ଯୁବଶକ୍ତି ଓ ବହୁସଂଖ୍ୟକ ଛାତ୍ରଛାତ୍ରୀ ଉତ୍ସାହର ସହ ଯୋଗଦେଇଥିଲେ । ପଦଯାତ୍ରାରେ ଯୁବପିଢ଼ିଙ୍କ ଆବେଗ, ରାଷ୍ଟ୍ରପ୍ରେମର ଉତ୍ସାହ ଓ ଦେଶଭକ୍ତିର ନାରା ସମ୍ବଲପୁରକୁ ଗୌରବାନ୍ୱିତ କରିବା ସହ ଏକ ଅବର୍ଣ୍ଣନୀୟ ବାତାବରଣ ସୃଷ୍ଟି କରିଥିଲା । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି



ଯେ, 'ତ୍ରିରଙ୍ଗା' ଆମ ଜାତୀୟ ଗୌରବ, ସ୍ୱାଭିମାନ ଓ ଏକତାର ପ୍ରତୀକ । ଆମର ଜାତୀୟ ପତାକା ଦେଶର କୋଟି କୋଟି ନାଗରିକଙ୍କ ଆଶା, ଆକାଂକ୍ଷା ଏବଂ ପ୍ରଗତିର ପ୍ରତିସ୍ୱରୂପ। ସମ୍ବଲପୁରରେ ଏହି 'ତ୍ରିରଙ୍ଗା ପଦଯାତ୍ରା' ଆମକୁ ଦେଶର ସ୍ୱାଧୀନତା ପାଇଁ ଆତ୍ମବଳିଦାନ ଦେଇଥିବା ଭାରତର ମହାନ ସଂଗ୍ରାମୀମାନଙ୍କୁ ସ୍ମରଣ କରିବା ସହ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଏକ ପବିତ୍ର ଅବସର ଦେଇଛି ।

ଶ୍ରୀ ପ୍ରଧାନ ନାଗରିକମାନଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ଆମକୁ 'ହର ଘର ତ୍ରିରଙ୍ଗା' ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ହେବ। ମାତୃଭୂମିର ସେବା କରିବା ସହ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ନିର୍ମାଣ ସଂକଳ୍ପକୁ ଆହୁରି ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ନାଗରିକ ନିଜର ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ । ପଦଯାତ୍ରା ଅବସରରେ ଶ୍ରୀ ପ୍ରଧାନ ଶହୀଦ ସ୍ତମ୍ଭ ସହ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର, 'ସ୍ୱଭାବ କବି' ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଓଡ଼ିଆ ସାହିତ୍ୟକୁ କାଳଜୟୀ କୃତି ତଥା ଓଡ଼ିଆ ଜାତୀୟତାବୋଧକୁ ଆଗକୁ ନେବାରେ ଗଙ୍ଗାଧର ମେହେରଙ୍କ ଯୋଗଦାନ ଚିର ସ୍ମରଣୀୟ ହୋଇରହିବ ବୋଲି ସେ ପ୍ରକାଶ କରିଥିଲେ । ଏହାବ୍ୟତୀତ ଏହି ଅବସରରେ ଦେଶପ୍ରେମମୂଳକ ଚିତ୍ର ଆଙ୍କୁଥିବା ଉତ୍ସାହୀ ଯୁବପିଢ଼ିଙ୍କର କଳା ଓ ସୃଜନଶୀଳତାକୁ ସେ ଉଚ୍ଚ ପ୍ରଶଂସା କରିଥିଲେ ।

## ଶଙ୍ଖ ଭବନରେ ବିଶ୍ୱ ଆଦିବାସୀ ଦିବସ ପାଳିତ

# ଆଦିବାସୀ ମାନଙ୍କ ଉନ୍ନତି ସାଧିତ କରିବା ବିଜୁ ଜନତାଦଳର ଲକ୍ଷ୍ୟ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଜନଜାତିଙ୍କ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଜଣାଇ ବିଜୁ ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ବିଶ୍ୱ ଆଦିବାସୀ ଦିବସ ଏବଂ ମହାନ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି । ବିଜୁ ଜନତା ଦଳର ଆଦିବାସୀ ସେଲ୍ର ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରାତଃ ସମୟରେ ବିଭିନ୍ନ ସ୍ଥାନରେ ଥିବା ଆଦିବାସୀ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହାପରେ ଶଙ୍ଖ ଭବନରେ ଆୟୋଜିତ ସାଧାରଣ ସଭାରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗ ଦେଇ ସମ୍ବୋଧିତ କରିଥିଲେ । ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଗଣମାଧ୍ୟମ ସଂଯୋଜକ ତଥା ଆଦିବାସୀ ନେତା ଡ଼ ପ୍ରିୟବ୍ରତ ମାଝୀ ମଞ୍ଚ ପରିଚାଳନା କରିଥିଲେ । ସାଧାରଣ ସଭାକୁ ସମ୍ବୋଧିତ କରି ନବୀନ ପଟ୍ଟନାୟକ କହିଥିଲେ ଯେ, ବିଜୁ ଜନତା ଦଳ ସରକାର ସମୟରେ



ଜନଜାତି ବର୍ଗର ବିକାଶ ପାଇଁ ଅନେକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଉଚ୍ଚଶିକ୍ଷା ଠାରୁ ଆରମ୍ଭ କରି ସେମାନଙ୍କ ଜୀବନ ଜୀବିକା ଆଦି ବିଭିନ୍ନ କ୍ଷେତ୍ରର ବିକାଶ କରି ସେମାନଙ୍କୁ ସଶକ୍ତ କରିବାକୁ ବିଜେଡି ସରକାର ପଦକ୍ଷେପ ନେଇଥିଲା ।ଆଦିବାସୀ ସଶକ୍ତିକରଣ ବିଜୁ ଜନତା ଦଳର ଲକ୍ଷ୍ୟ । ଆଦିବାସୀ ମାନଙ୍କ ବିକାଶ ପାଇଁ ବିଜୁ ଜନତା ଦଳ ସର୍ବଦା ବଦ୍ଧ ପରିକର । ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବା ସହ ଆଦିବାସୀ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଜେଡିର ଲଢ଼େଇ ଜାରି ରହିବ । ଏହି ଅବସରରେ ଆଦିବାସୀ ସେଲ୍ର ଅଧ୍ୟକ୍ଷ ମଙ୍ଗଳା କିଷାନ, ମୟୂରଭଞ୍ଜ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ପୂର୍ବତନ ବିଧାୟକ ତଥା କୋରାପୁଟ ଜିଲ୍ଲା ସଭାପତି ମାନସ ମାଡକାମୀ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ପରିଶେଷରେ ଭାରତୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଫେସର ସୁରେଶ କୁମାର ପାତ୍ରଙ୍କୁ ସାମନ୍ତ ଚନ୍ଦ୍ରଶେଖର ଜ୍ୟୋତିର୍ବିଜ୍ଞାନ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ସାମନ୍ତ ଚନ୍ଦ୍ରଶେଖର ଆଗ୍ରହୀ ଜ୍ୟୋର୍ତିବିଜ୍ଞାନ ପରିଷଦର ବାର୍ଷିକ ଉତ୍ସବ ସ୍ଥାନୀୟ ପ୍ରଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ତ୍ରିଲୋଚନ ପ୍ରଧାନ ସମ୍ମିଳନୀ ଗୃହଠାରେ ଆଜି ଅନୁଷ୍ଠିତ ହୋଇଯାଇଅଛି । ଭାରତ ତଥା ଅନ୍ତର୍ଜାତିକ ସ୍ତରରେ ସୁନାମ ଅର୍ଜନ କରିଥିବା ପରମାଣୁ ବିଜ୍ଞାନୀ ତଥା ଭୁବନେଶ୍ୱର ପ୍ରଦାର୍ଥ ବିଜ୍ଞାନ ପ୍ରତିଷ୍ଠାନର ପୂର୍ବତନ ପ୍ରଫେସର ସୁରେଶ କୁମାର ପାତ୍ରଙ୍କୁ ଓଡ଼ିଶାରେ ଜ୍ୟୋର୍ତିବିଜ୍ଞାନକୁ ଲୋକପ୍ରିୟ କରିବା ଓ ସାମନ୍ତ ଚନ୍ଦ୍ରଶେଖରଙ୍କ କାର୍ଯ୍ୟ ଉପରେ ଗବେଷଣା ପାଇଁ ୨୦୨୫ ମସିହାର ସାମନ୍ତ ଚନ୍ଦ୍ରଶେଖର ଜ୍ୟୋର୍ତିବିଜ୍ଞାନ ସମ୍ମାନ ପ୍ରଦାନ କରାଯାଇଅଛି । ଉତ୍କଳ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ଲମ୍ବୋଦର ପ୍ରସାଦ ସିଂହଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସମ୍ମାନ ପ୍ରଦାନ ସମ୍ମାନ ପ୍ରଦାନ ସମାରୋହରେ ଭୁବନେଶ୍ୱର ନାଇଜରର ବରିଷ୍ଠ ବୈଜ୍ଞାନିକ ପ୍ରଫେସର ଜୟେସ ଗୋଏଲ, ମୁଖ୍ୟ ଅତିଥି, ଭାରତର ସୁନାମଧନ୍ୟ ଜ୍ୟୋର୍ତି ବିଜ୍ଞାନୀ ତଥା ୟୁଜିସିର ପ୍ରଫେସର ଆନନ୍ଦ ହୋତା, ମୁଖ୍ୟବକ୍ତା, ଅନୁଷ୍ଠାନର ଉପସଭାପତି ତଥା ଗବେଷକ ପ୍ରଫେସର ଅଜିତ ଶ୍ରୀବାସ୍ତବ,ପ୍ରଫେସର ଡ଼ ବିଷ୍ଣୁ ଚରଣ ପରିଜା ସମ୍ମାନୀୟ ଅତିଥିଭାବେ ଯୋଗ ଦେଇଥିଲେ । ପ୍ରଫେସର ଆନନ୍ଦ ହୋତା ରେଡ଼ିଓ ଆଷ୍ଟ୍ରୋନୋମି ର ୩ଟି ଆବିଷ୍କାର ଉପରେ ଓ ଡ଼ ଜୟେସ ଗୋଏଲ ବାହ୍ୟ ଗ୍ରହ (ଏକସୋ ପ୍ଲାନେଟ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ସ୍କା ର ସମ୍ବାଦ ପତ୍ରିକାକୁ ଉପସ୍ଥିତ ଅତିଥିମାନେ ଉନ୍ମୋଚନ କରିଥିଲେ । ବାପି ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ଟେଲିସ୍କୋପ ସୋରେ ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣ ଲୋକ ସୌର କଳଙ୍କ ଦେଖିଥିଲେ । ଏହି ଉତ୍ସବରେ ସ୍କା ର କାର୍ଯ୍ୟକ୍ରମକୁ ଓଡ଼ିଶାରେ ଲୋକପ୍ରିୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ୱର୍ଗତ ଗୋଲକ ବିହାରୀ ପ୍ରଧାନଙ୍କ ସ୍ମୃତି ଚାରଣ କରିବା ସହ ସେମାନଙ୍କ ପରିବାର ବର୍ଗକୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜୟଦେବବିହାର ଛକରେ କାଉଡିଆଙ୍କ ପାଇଁ ଅନ୍ନପ୍ରସାଦ, ବିଶ୍ରାମ ବ୍ୟବସ୍ଥା

ଭୁବନେଶ୍ୱର, (ସବ୍ୟୁ) : ପବିତ୍ର ଶ୍ରାବଣ ମାସ ଅବସରରେ କାଉଡିଆମାନଙ୍କ ସେବା ଓ ସୁବିଧା ପାଇଁ ଶ୍ରୀଶ୍ରୀ ଶନିଶ୍ଚର ଦେବ ଓ ଶ୍ରୀ ରାଧାମୋହନ ଉନ୍ନୟନ କମିଟି, ବୋଲବମ୍ ସେବାଶ୍ରମ ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯାଇଛି । କାଉଡିଆଙ୍କ ପାଇଁ ଅନ୍ନପ୍ରସାଦ ସେବା ସହିତ ବିଶ୍ରାମ ନେବା ପାଇଁ ଆବଶ୍ୟକ ସମସ୍ତ ସୁବିଧା ଯୋଗାଇ ଦିଆଯାଇଛି । ଏହି ମହତ୍ ସେବା କାର୍ଯ୍ୟକୁ ଉତ୍ସାହିତ କରିବା ପାଇଁ ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସମେତ ସ୍ଥାନୀୟ ୧୨ ନମ୍ବର ଓ୍ୱାର୍ଡ କର୍ପୋରେଟର ଜୟନ୍ତୀ ସାହୁ ଓ ୩୮ ନମ୍ବର ୱାର୍ଡର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, କ୍ରିଷ୍ଣା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ର ଅଧ୍ୟକ୍ଷ ମିଥୁନ ବେହେରା,ପୂର୍ବତନ କର୍ପୋରେଟର ନବକିଶୋର ବେହେରା ଏବଂ ଉତ୍କଳଜ୍ୟୋତି ଫାଉଣ୍ଡେସନର ଚେୟାରମ୍ୟାନ୍ ରଶ୍ମିତା ବେହେରା ତଥା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କାଉଡିଆମାନଙ୍କ ସେବାରେ ଲାଗି ପଡିଥିଲେ । ଶ୍ରାବଣ ମାସର ପ୍ରତ୍ୟେକ ରବିବାର ଓ ସୋମବାର କାଉଡିଆ ଭକ୍ତମାନଙ୍କ ପାଇଁ ଏହି ଅନ୍ନପ୍ରସାଦ ଓ ବିଶ୍ରାମ ସେବା ଆଗକୁ ଜାରି ରହିବ ବୋଲି ସୂଚନା ମିଳିଛି ।

# ୯ମ ଶ୍ରାବଣୀ ଉତ୍ସବରେ ଅଖଣ୍ଡ ଭଜନ ସମାରୋହ

ଭୁବନେଶ୍ୱର (ସବ୍ୟୁ): ଶ୍ରୀ ଶ୍ରୀ ଲିଙ୍ଗରାଜ ସଂସ୍କୃତିକ ପରିଷଦ, ଭୁବନେଶ୍ୱର, ଦେବଯୁଗ ପରିବାରଙ୍କ ସହଯୋଗରେ ଆୟୋଜିତ "୯ମ ଶ୍ରାବଣୀ ଉତ୍ସବ ରବିବାର ସନ୍ଧ୍ୟାରେ ଶ୍ରୀ ଶ୍ରୀ ଲିଙ୍ଗରାଜ ଭଜନ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ସମ୍ମାନୀତ ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲଚନା ଦାଶ, ବ୍ରାହ୍ମଣ ନିଯୋଗର ସଭାପତି ନାରାୟଣ ମହାପାତ୍ର, ବିଜେପି ନେତ୍ରୀ




ରଶ୍ମି ମହାପାତ୍ର , ଚନ୍ଦ୍ରଶେଖର ମଳିଆ କର୍ପୋରେଟର (ୱାର୍ଡ ନଂ ୬୦), ଶିବ ପ୍ରସାଦ ବେହେରା (ୱାର୍ଡ ନଂ ୫୪) , ଶ୍ରୀ ଶ୍ରୀ ଲିଙ୍ଗରାଜ ସଂସ୍କୃତିକ ପରିଷଦର ସମ୍ପାଦକ ସଚିନ୍ କୁମାର ରଥଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଭବ୍ୟ ଅଖଣ୍ଡ ଭଜନ ସମାରୋହରେ ଓଡ଼ିଶାର ପ୍ରାୟତ ସମସ୍ତ ୫୦ ରୁ ଉର୍ଦ୍ଧ ବରିଷ୍ଠ ଓ କନିଷ୍ଠ ଲବ୍ଧପ୍ରତିଷ୍ଠିତ କଣ୍ଠଶିଳ୍ପୀ ଚିତ୍ତରଞ୍ଜନ ସାମନ୍ତରାୟ, ଆଲୋକ କୁଣ୍ଡୁ, ରାଜକିଶୋର ବାରିକ, ଦୀପକ୍ ମାହାପାତ୍ର, ସରୋଜ ଜେନା, ରାକେଶ କୁମାର ସାହୁ, ବିକ୍ରମ ମହାନ୍ତି, ଅଲିଭା ରଥ, ସ୍ୱଦେଶ ମହାନ୍ତି, ଦେବଦତ୍ତ ସୁବାସ ଦାସ, ରବିନ୍ଦ୍ର ମାହାପାତ୍ର, ଅନୁସୟା ନାଥ, ଇରା ମହାନ୍ତି, ସୈଳଭାମା ମାହାପାତ୍ର, ଚରଣ ମାହାନ୍ତି, କରୁଣା କର, କୁମାର ବାପି, ସୁଧାକର ମିଶ୍ର, ଗୀତା ଦାଶ, ଅର୍ପିତା ଚୌଧୁରୀ, ଦିପ୍ତିରେଖା ପାଢୀ, ସୌରଭ ଭରଦ୍ୱାଜ, ମହାନ୍ତିଙ୍କ ସମେତ କଣ୍ଠଶିଳ୍ପୀ ମାନେ ରାତି ତମାମ ସଂଗୀତ ପରିବେଷଣ କରି କାଉଡ଼ିଆ ଶ୍ରଦ୍ଧାଳୁଙ୍କୁ ବିଭୋର କରିଥଲେ। ଖୁବ୍ ସୁନ୍ଦର୍ ଭାବରେ ମଞ୍ଚ ପରିଚାଳନା କରୁଥିଲେ ପରମେଶ୍ୱର ବେହେରା ଓ ପ୍ରସନ୍ନ କୁମାର ସାହୁ।

# ନିଃଶୁଳ୍କ ଆୟୁର୍ବେଦିକ ଚିକିତ୍ସା

ଜଟଣୀ, (ସବ୍ୟୁ): ଜଟଣୀ ବ୍ଲକ ଅନ୍ତର୍ଗତ ଗୋପୀନାଥ ପୁର ଗ୍ରାମର ଗାଦିବ୍ରହ୍ମ ପୀଠ ପରିସରରେ ଜଟଣୀ ସାମ୍ବାଦିକ ସଙ୍ଘ ଆନୁକୂଲ୍ୟରେ ଏକ ନିଃଶୁଳ୍କ ଆୟୁର୍ବେଦିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଶିବିରରେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁର୍ବେଦିକ ବିଭାଗର ମୁଖ୍ୟ ଡାକ୍ତର ସୁବ୍ରତା ପାତ୍ର ଉପସ୍ଥିତ ରହି ଗ୍ରାମବାସୀଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରିଥିଲେ । ଏହି ସେବାରେ ସେବିକା ମୋନାଲିସା ବେହେରା ଏବଂ ଟେକନିସିଆନ ସର୍ବେଶ୍ୱର ବେହେରା ସହଯୋଗର ହାତ ବଢ଼ାଇ ଗ୍ରାମବାସୀଙ୍କ ରକ୍ତ ସର୍କରା ପରୀକ୍ଷା କରାବା ସଙ୍ଗେ ସଙ୍ଗେ ପ୍ରତ୍ୟକ ରୋଗର ନିଃଶୁଳ୍କ ଔଷଧ ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡ.




ଅମିତାଭ ଜେନା ଏବଂ ଗ୍ରାମର ୱାର୍ଡ ମେମ୍ବର ସୁଶାନ୍ତ ବେହେରା ଉପସ୍ଥିତ ରହି ଗ୍ରାମବାସୀଙ୍କ ଉତ୍ସାହ ବଢ଼ାଇ ଥିଲେ । ଏହି ଶିବିରରେ ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ଯୋଗ ଦେଇ ନିଶୁଳ୍କ ସେବାର ଲାଭ ଉଠାଇଥିଲେ । କାର୍ଯ୍ୟକ୍ରମକୁ ଜଟଣୀ ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା, ସାମାଜିକ ଅନୁଷ୍ଠାନ "ସମ୍ଭାବନା ପରିବାରର କର୍ମକର୍ତ୍ତା ଏବଂ ଗ୍ରାମବାସି ପ୍ରମୁଖ ସହଯୋଗରେ ସେବା ଶିବିରଟି ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା ।

# ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କ୍ରାନ୍ତି ଦିବସ ପାଳିତ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପବିତ୍ର ଅଗଷ୍ଟ-୯ କ୍ରାନ୍ତି ଦିବସ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ କଳ୍ପନା ଛକ ରାଜ୍ୟ ସଂଗ୍ରହାଳୟ ସମ୍ମୁଖସ୍ଥ ସହୀଦ ସ୍ମୃତି ସ୍ତମ୍ଭରେ ପିସିସି ସଭାପତି ଶ୍ରୀ ଦାସଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ । ପରେ କଂଗ୍ରେସ ଭବନ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ରାମ ଚନ୍ଦ୍ର କାଡାମ, ନିରଞ୍ଜନ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, ଜୟଶ୍ରୀ ପଟ୍ଟନାୟକ, ପ୍ରକାଶ ଜେନା, ମନୋରଞ୍ଜନ ଦାଶ, ସୁଦର୍ଶନ ଦାସ, କୃଷ୍ଣଚନ୍ଦ୍ର ଶଗରିଆ, ଚିନ୍ମୟ ପ୍ରସାଦ ବେହୁରା, ବିଶ୍ୱଜିତ ଦାସ, ମାନସ ଆଚାର୍ଯ୍ୟ, ପ୍ରଣତୀ ମିଶ୍ର, ତରୁଣ ମିଶ୍ର, ସତ୍ୟବ୍ରତ ନାୟକ, ରାଜକିଶୋର ବାରିକ, ସୁଭାଷ ପ୍ରଧାନ, ଆଲୋକ ନନ୍ଦ, ଏମଡି ଶାହଦୁଲ୍ଲା, ଆଦିତ୍ୟ କିରଣ ନାଗ, ଉଷାରାଣୀ ବେହେରା, ମିହିର ଆଚାର୍ଯ୍ୟ, ଦୟାନିଧି ମହାପାତ୍ର, ଶିଶିର କୁମାର ମିଶ୍ର, ଶ୍ରେୟାସ୍ମିତା ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପ୍ରତିଷ୍ଠାତାଙ୍କ ୧୪୫ତମ ଜନ୍ମ ଦିବସ

ଭୁବନେଶ୍ୱର, (ସବ୍ୟୁ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଏହାର ପ୍ରତିଷ୍ଠାତା ସାର୍ ସୋରାବ୍ଜୀ ପୋଚ୍ଖାନାୱାଲାଙ୍କ ସଚେତନତା ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବ୍ୟାଙ୍କ ଅଧିକାରୀ, ଶିକ୍ଷକ ଏବଂ ସ୍କୁଲର ପିଢ଼ିକୁ ପ୍ରେରଣା ଦେଇ ଆସୁଛି। ଏହି ପଦକ୍ଷେପ ପରିବେଶଗତ ସ୍ଥିରତା, ସାମାଜିକ ଦାୟିତ୍ୱ ଏବଂ ସଂପ୍ରଦାୟ ବିକାଶ ପ୍ରତି ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର




୧୪୫ତମ ଜନ୍ମ ଦିବସ ଅବସରରେ ଭୁବନେଶ୍ୱର ୟୁନିଟ୍-୮ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରାକେଶ କୁମାର ସିଂଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ପ୍ରତିଷ୍ଠାତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଏବଂ ଯୁବ ପିଢ଼ିଙ୍କ ମଧ୍ୟରେ ପରିବେଶଗତ ଛାତ୍ରଛାତ୍ରୀମାନେ ଚାରା ରୋପଣ ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ସ୍କୁଲ ପରିସରରେ ଚାରା ରୋପଣ କରିଥିଲେ। ଏହି ଅବସରରେ, ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରାକେଶ କୁମାର ସିଂ, ସାର୍ ସୋରାବ୍ଜୀ ପୋଚ୍ଖାନାୱାଲାଙ୍କ ଦୃଷ୍ଟିକୋଣ ଏବଂ ଐତିହ୍ୟ ଉପରେ ଆଲୋକପାତ କରିଥିଲେ, ଯାହାଙ୍କ ରାଷ୍ଟ୍ର ନିର୍ମାଣ ଏବଂ ଆର୍ଥିକ ସଶକ୍ତିକରଣ ପ୍ରତି ପ୍ରତିବଦ୍ଧତା ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଛାତ୍ରଛାତ୍ରୀମାନଙ୍କୁ ରୋପଣ କରାଯାଇଥିବା ଚାରାଗୁଡ଼ିକର ଯତ୍ନ ନେବାକୁ ଏବଂ ଏକ ସବୁଜ ଏବଂ ସୁସ୍ଥ ପରିବେଶ ସୃଷ୍ଟି କରିବାରେ ଯୋଗଦାନ ଦେବାକୁ ମଧ୍ୟ ଉତ୍ସାହିତ କରାଯାଇଥିଲା। ପରିବେଶ ସୁରକ୍ଷା ଏବଂ ସଂପ୍ରଦାୟରେ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରିବାର ପ୍ରତିଶ୍ରୁତି ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ସବୁଜ ଓ ସୁନ୍ଦର ସହର କରିବା ସଂକଳ୍ପ ନେଇ ନୟାପଲ୍ଲୀରେ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ ଅଧୀନ ନୟାପଲ୍ଲୀ ଅଞ୍ଚଳର ୱାର୍ଡ ନମ୍ବର ୩୮ରେ କର୍ପୋରେଟର ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ




ଜେନା ଏବଂ ଯୁବ ସମାଜସେବୀ ସମରେନ୍ଦ୍ର କୁମାର ଜେନା ଙ୍କ ଦ୍ୱାରା ଦେବ ରାୟ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଏକ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗଦେଇଥିଲେ । କର୍ପୋରେଟର ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା ଏବଂ ସମସ୍ତଙ୍କର ଅତିପ୍ରିୟ ଯୁବ ସମାଜସେବୀ ସମରେନ୍ଦ୍ର କୁମାର ଜେନାଙ୍କ ସମେତ ନୟାପଲ୍ଲୀ ଗ୍ରାମ୍ୟ କମିଟିର ଉପସଭାପତି ଯୋଗେନ୍ଦ୍ର ହରିଚନ୍ଦନ, ସମ୍ପାଦକ ନଟବର ସାମନ୍ତରାୟ, ମହେନ୍ଦ୍ର ବଳବନ୍ତରାୟ, ପୂର୍ବତନ କର୍ପୋରେଟର ନବକିଶୋର ବେହେରା, ବ୍ରିଟ କଲୋନୀ ସମ୍ପାଦକ ସତ୍ୟ ସାହୁ, ଡଃ ଗଗନ ବିହାରୀ ରାଉତ, ପବିତ୍ର ମୋହନ ରାଉତରାୟ, ରଶ୍ମି ବେହେରା, ସାଗର ବଳବନ୍ତରାୟ, ଅନାଦି ସାହୁ ଆଦି ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ବିଧାୟକ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିବା ସହିତ ଏହି ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପ୍ରତ୍ୟେକ ମାସରେ ନିୟମିତ ଭାବରେ ହେବ ବୋଲି ଜଣାଇଥିଲେ। ଆମ ପରିବେଶକୁ ସବୁଜ ଓ ସୁନ୍ଦର କରିବାର ସଂକଳ୍ପ ନେଇ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଏବଂ ସମାଜସେବୀ ସମରେନ୍ଦ୍ର କୁମାର ଜେନା ଏହି "ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ" ଆୟୋଜନ କରିଥିବାରୁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଦେବ ରାୟ ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ପ୍ରଭା ମଞ୍ଜରୀ ପଟ୍ଟନାୟକଙ୍କ ସହିତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ସହକର୍ମୀ ଓ ଶହ ଶହ ଛାତ୍ରଛାତ୍ରୀ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ଅନେକ ମହିଳା ମଧ୍ୟ ଏହି କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଯୋଗଦେଇଥିଲେ । କର୍ପୋରେଟର ଶ୍ରୀମତୀ ଜେନା ଏବଂ ସମାଜସେବୀ ସମରେନ୍ଦ୍ର ଜେନା ଙ୍କ ଏଭଳି ମହତ ଉଦ୍ଦେଶ୍ୟ ପାଇଁ ୱାର୍ଡ ବାସିନ୍ଦା ଅନେକ ପ୍ରଶଂସା କରିଥିଲେ ।

# ମହାଭୋଇକୂଳ ଜାତୀୟ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ

ଫୁଲନଖରା, (ସବ୍ୟୁ): କଟକ ସଦର ବ୍ଲକ ବୟାଳିଶମୌଜାସ୍ଥିତ ମହାଭୋଇକୂଳ ଜାତୀୟ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ଇତିମଧ୍ୟରେ ସମ୍ପନ୍ନ ହୋଇଛି । ବୟାଳିଶମୌଜା ଅଞ୍ଚଳର ୬ଟି ଗ୍ରାମପଞ୍ଚାୟତରେ ବସବାସ କରୁଥିବା ଭୋଇ ସମ୍ପ୍ରଦାୟର ୧୧ ଦେଶର ଭୋଇମାନଙ୍କୁ ନେଇ ଗଠିତ ଏହି ସେବା ସଂଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ନୂତନ କମିଟିର ସଭାପତି ଭାବେ ବ୍ରହ୍ମାନନ୍ଦ ଭୋଇ, କାର୍ଯ୍ୟକାରୀ ସଭାପତି ଭାବେ ଶରତ ସାମଲ, ଉପସଭାପତି ଗୋପାଳ ଭୋଇ, ସମ୍ପାଦକ ବିଷ୍ଣୁ ଭୋଇ, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ଭୋଇ ଏବଂ କୋଷାଧ୍ୟକ୍ଷ ଭାବେ କିଶୋର କୁମାର ଭୋଇ ଚୟନ ହୋଇଛନ୍ତି । କାର୍ଯ୍ୟକାରୀ ସଭ୍ୟ ଭାବେ ନରେନ୍ଦ୍ର ଭୋଇ, ଆଲୋକ କୁମାର ଭୋଇ, ରବିନ୍ଦ୍ର ଭୋଇ, ପ୍ରଫୁଲ୍ଲ ଭୋଇ, ପରମାନନ୍ଦ ଭୋଇ, ପବିତ୍ର ଭୋଇ, ଆର୍ତ୍ତତ୍ରାଣ ଭୋଇ, ମନୋଜ ଭୋଇ, ନିଲୁ ଦାସ, ବିଜୟ ଦାସ, ସୁକାନ୍ତ ଭୋଇ ଓ ଫକୀର ଭୋଇଙ୍କୁ ଚୟନ କରାଯାଇଛି । ଉପଦେଷ୍ଟା ମଣ୍ଡଳୀରେ ରାଜକିଶୋର ଭୋଇ, ପୀତବାସ ଦାସ, ବିଶ୍ୱବନ୍ଧୁ ଦାସ ଓ ପ୍ରତାପ ଭୋଇଙ୍କୁ ମନୋନୀତ କରାଯାଇଛି ।

## ଐତିହାସିକ ଦିନ ହେବ ୧୨ ଅଗଷ୍ଟ

ନୂଆଦିଲ୍ଲୀ: ବିଶ୍ୱର ଖଗୋଳ ବିଜ୍ଞାନରେ ରଚି ରଖୁଥିବା ଅଗଣିତ ଲୋକଙ୍କ ଲାଗି ୧୨ ଅଗଷ୍ଟ ଏକ ସ୍ମରଣୀୟ ଦିନ ହେବ। ଏହି ଗୋଟିଏ ଦିନରେ ୨୪ ଘଣ୍ଟା ମଧ୍ୟରେ ୩ଟି ବଡ଼ ମହାକାଶୀୟ ଘଟଣା ଏକ ସଙ୍ଗେ ସଂଘଟିତ ହେବ। ଏହି ଦିନ ପ୍ରତ୍ୟୁଷରେ ସୂର୍ଯ୍ୟୋଦୟ ପୂର୍ବରୁ ଗୋଟିଏ ଧାଡିରେ ୬ଟି ଗ୍ରହ ଦେଖିବାକୁ ମିଳିବେ। ଦିନରେ ସୂର୍ଯ୍ୟପରାଗ ହେବାକୁ ଥିବା ବେଳେ ରାତିରେ ତାରା ଖସିବା ବା ଉଲକା ବର୍ଷା ହେବ। ଖଗୋଳବିଦଙ୍କ କହିବା କଥା ହେଉଛି ଏହି ୩ଟି ଘଟଣା ଗୋଟିଏ ଦିନରେ ହେବା ଏକ ଅନନ୍ୟ ବିରଳ ସଂଯୋଗ।

**ଗୋଟିଏ ଧାଡ଼ିରେ ଦେଖାଯିବେ ୬ ଗ୍ରହ**

ଅଗଷ୍ଟ ୧୨ତାରିଖ ସୂର୍ଯ୍ୟୋଦୟର ପାଖାପାଖି ୩୦ରୁ ୬୦ ମିନିଟ୍ ପୂର୍ବରୁ ଆକାଶରେ ୬ ଗ୍ରହ



ବୁଧ,ମଙ୍ଗଳ, ବୃହସ୍ପତି, ଶନି, ୟୁରେନସ୍ ଓ ନେପଚୁନ ଗୋଟିଏ ଶରଳ ରେଖାରେ ଧାଡିରେ ରହିବା ଭଳି ଦେଖାଯିବେ। ଏଥିରେ ମଙ୍ଗଳ, ବୃହସ୍ପତି ଓ ଶନିଗ୍ରହଙ୍କୁ ଖାଲି ଆଖିରେ ଦେଖିହେବ ତେବେ ୟୁରାନସ୍ ଓ ନେପଚୁନ ଦେଖିବା ପାଇଁ ଟେଲିସ୍କୋପର ଆବଶ୍ୟକତା ପଡିବ। ଟେଲିସ୍କୋପ ନଥିଲେ ବାଇନାକୁଲାରରେ ମଧ୍ୟ ଏହି ଦୁଇ ଗ୍ରହ ଦେଖାଯିବେ।

**ଦିନରେ ହେବ ପୂର୍ଣ୍ଣ ସୂର୍ଯ୍ୟପରାଗ**

ଅଗଷ୍ଟ ୧୨ ତାରିଖ ଦିନବେଳା ଏକ ଦୀର୍ଘ ପୂର୍ଣ୍ଣ ସୂର୍ଯ୍ୟପରାଗ ସଂଘଟିତ ହେବ। ଏହା ୧୯୯୯ ମସିହା ପରେ ୟୁରୋପର ଏକ ମୁଖ୍ୟ ଅଞ୍ଚଳ ଉପରେ ଦେଖାଯିବାକୁ ଥିବା ପ୍ରଥମ ସୂର୍ଯ୍ୟପରାଗ ହେବ। ଏହି ପରାଗ ଗ୍ରୀନଲ୍ୟାଣ୍ଡ, ଆଇସଲ୍ୟାଣ୍ଡ, ଉତ୍ତରସ୍ପେନ ଓ ପର୍ତ୍ତୁଗାଲର କିଛି ଅଞ୍ଚଳ ଉପର ଦେଇ ଗତି କରିବ। ଏହି ପରାଗ ଆଇସଲ୍ୟାଣ୍ଡ ନିକଟ ସମୁଦ୍ର ଉପରେ ସର୍ବାଧିକ ୨ମିନିଟ୍ ୧୮ ସେକେଣ୍ଡ ପର୍ଯ୍ୟନ୍ତ ରହିବ। ୟୁରୋପର ବାକି ଅଞ୍ଚଳ କାନାଡା ଓ ଉତ୍ତର ଆମେରିକାରେ ଆଂଶିକ ସୂର୍ଯ୍ୟପରାଗ ଦେଖାଯିବ।

୧୯୯୧ ମସିହା ପରେ ଏହା ସବୁଠୁ ଦୀର୍ଘ ସୂର୍ଯ୍ୟପରାଗ ହେବ। ଏଣୁ ଏହାକୁ ବିନା ସାର୍ଟିଫାଏଡ ଚଷମାରେ ସିଧା ନ ଦେଖିବାକୁ ବୈଜ୍ଞାନିକ ଚେତାବନୀ ଦେଇଛନ୍ତି। ଏହି ପରାଗକୁ ଖାଲି ଆଖିରେ ଦେଖିଲେ ଆଖି ସବୁଦିନ ଲାଗି କ୍ଷତିଗ୍ରସ୍ତ ହୋଇପାରେ ବୋଲି ବୈଜ୍ଞାନିକ ଆଶଙ୍କା ପ୍ରକାଶ କରିଛନ୍ତି।

**ରାତିରେ ହେବ ଉଲକା ବର୍ଷା**

ଅମାବାସ୍ୟା ରାତିରେ ଆକାଶ ଅନ୍ଧାର ହେବା ସହ ଉଲକା ବର୍ଷା ପର୍ଯ୍ୟାୟ ଆରମ୍ଭ ହେବ। ଦିନରେ ସୂର୍ଯ୍ୟ ପରାଗ ଯୋଗୁ ଉଲକା ବର୍ଷା ଦେଖାଯିବନି। ହେଲେ ଅମାବାସ୍ୟାର ଅନ୍ଧାର ରାତିରେ ଉଲକା ବର୍ଷା ସ୍ପଷ୍ଟ ଦେଖିହେବ। ତେବେ କେଉଁଠାରେ ଉଲକା ବର୍ଷା ଦେଖାଯିବ ସେନେଇ ଖଗୋଳବିଦ୍ ମାନେ ବିଶେଷ କିଛି କହି ନାହାନ୍ତି।

## ପଦକ ବିଜେତାଙ୍କ ପ୍ରଦର୍ଶନକୁ ପ୍ରଶଂସା କଲେ ମୋଦି

ନୂଆଦିଲ୍ଲୀ : ରବିବାର ଗ୍ଲାସଗୋରେ ରାଜ୍ୟଗୋଷ୍ଠୀ କ୍ରୀଡାରୁ ପଦକ ନେଇ ଫେରିଥିବା ଭାରତୀୟ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଟିଛନ୍ତି। ବହୁ-କ୍ରୀଡା ଇଭେଣ୍ଟରେ ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଇନଷ୍ଟାଗ୍ରାମରେ ପଦକ ବିଜେତାଙ୍କ ସହ ତାଙ୍କର ଆଲୋଚନାର ଏକ ଛୋଟ ଭିଡିଓ କ୍ଲିପ୍ ସେୟାର କରିଛନ୍ତି, ଏହି ସାକ୍ଷାତକୁ ଏକ ବିଶେଷ ଅବସର ଭାବରେ ବର୍ଣ୍ଣନା କରିଛନ୍ତି ଏବଂ ଦେଶକୁ ଗର୍ବିତ କରିବା ପାଇଁ ଆଥଲେଟମାନଙ୍କୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା କ୍ରୀଡାବିତଙ୍କ ମଧ୍ୟରେ ବକ୍ସର ସାକ୍ଷୀ ଚୌଧୁରୀ ଅନ୍ୟତମ। ସେ ମହିଳା ୫୧ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭାରତ ଗ୍ଲାସଗୋରେ ଏକ ଦୃଢ଼ ଅଭିଯାନ ଉପଭୋଗ କରିଥିଲା, ୧୩ ସ୍ୱର୍ଣ୍ଣ ସମେତ ୩୯ ପଦକ ଜିତି ଭାରତ ରାଜ୍ୟଗୋଷ୍ଠୀ କ୍ରୀଡା ଅଭିଯାନ ଶେଷ କରିଥିଲା। ସାକ୍ଷୀ କହିଛନ୍ତି: "ଆମର ମାନନୀୟ ପ୍ରଧାନମନ୍ତ୍ରୀ ରାଜ୍ୟଗୋଷ୍ଠୀ କ୍ରୀଡାର ସମସ୍ତ ପଦକ ବିଜେତାଙ୍କୁ ସ୍ୱାଗତ କରିଛନ୍ତି ଏବଂ ଆମେ ଏଥିରେ ବହୁତ ଗର୍ବିତ। ଆମେ ତାଙ୍କୁ ଭେଟି ପ୍ରକୃତରେ ଉପଭୋଗ କରିଛୁ, ସେ ବହୁତ ବିନମ୍ର।" ଶ୍ରୀ ମୋଦି ଖେଳାଳିମାନଙ୍କ ସହିତ ଆଲୋଚନା କରିବା ସମୟରେ କହିଥିଲେ: ସବୁବେଳେ ଭାରତ ପାଇଁ ଉତ୍ସାହିତ ହୁଅ।" ପ୍ରଧାନମନ୍ତ୍ରୀ ପଦକ ବିଜେତାମାନଙ୍କ ସହିତ କଥା ହୋଇଥିଲେ ଏବଂ ସେମାନଙ୍କ ପ୍ରୟାସ ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଭାରତର ବକ୍ସିଂ ଦଳ



ଏକ ବିଶେଷ ସଫଳ ଅଭିଯାନ ଉପଭୋଗ କରିଥିଲା, ଦେଶର ମୁଷ୍ଟିଯୋଦ୍ଧାମାନେ ଗ୍ଲାସଗୋ ଗେମ୍ସରେ ରେକର୍ଡ ୧୦ ପଦକ ଜିତିଥିଲେ। ସାକ୍ଷୀ ସ୍ୱର୍ଣ୍ଣ ସହିତ ଫେରିଥିବା ସାତ ଜଣ ଭାରତୀୟ ମୁଷ୍ଟିଯୋଦ୍ଧାଙ୍କ ମଧ୍ୟରେ ଥିଲେ।

## ରାଜସ୍ଥାନରେ ଜୈସ୍-ଏ-ମହମ୍ମଦର ଦୁଇ ଆତଙ୍କବାଦୀ ଗିରଫ

ଟୋଙ୍କ: ସ୍ୱାଧୀନତା ଦିବସ ପୂର୍ବରୁ ଏକ ବଡ଼ ସୁରକ୍ଷା ଅଭିଯାନ ଅନ୍ତର୍ଗତ ରାଜସ୍ଥାନର ଅପରାଧ ତଦନ୍ତ ବିଭାଗ (ସିଆଇଡି)ର ସ୍ୱତନ୍ତ୍ର ଶାଖା ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜୈସ୍-ଏ-ମହମ୍ମଦ (ଜେଇଏମ୍) ସହିତ ସମ୍ପର୍କ ଥିବା ଅଭିଯୋଗରେ ଟୋଙ୍କ ଜିଲ୍ଲାରୁ ଦୁଇଜଣଙ୍କୁ ଗିରଫ କରିଛି। ବସିତ ଓ ବୁରହାନ ନାମକ ଦୁଇ ଅଭିଯୁକ୍ତଙ୍କୁ ଦୁଇ ଦିନ ଧରି ପୃଥକ୍ ପୃଥକ୍ ଅପରେସନରେ ଅଟକ ରଖାଯାଇଥିଲା। ଗିରଫଦାରୀ ପରେ ଅଧିକ ତଦନ୍ତ ଓ ପଚରାଉଚରା ପାଇଁ ଉଭୟଙ୍କୁ ରାଜସ୍ଥାନ ଆତଙ୍କବାଦ ନିରୋଧୀ ସ୍କ୍ୱାଡ (ଏଟିଏସ୍)କୁ ହସ୍ତାନ୍ତର କରାଯାଇଛି। ଅଧିକାରୀଙ୍କ ଅନୁଯାୟୀ, ବସିତଙ୍କୁ ଟୋଙ୍କ କୋଟୱାଲି ପୁଲିସ ଷ୍ଟେସନ ଅଧୀନରେ ଥିବା ଧନନାତାଲାଇ ଅଞ୍ଚଳରୁ ଉଠାଇ ନିଆଯାଇଥିଲା। ପରିବାର ସଦସ୍ୟମାନେ କହିଛନ୍ତି ଯେ, ସାଦା ପୋଷାକ ପିନ୍ଧିଥିବା ସିଆଇଡି ଅଧିକାରୀଙ୍କ ଏକ ଦଳ ସେମାନଙ୍କ ଘରେ ପହଞ୍ଚି ବସିତ୍ଙ୍କୁ ଅଟକ ରଖିଥିଲେ। ସେହି ଅଞ୍ଚଳରେ ଏକ ଢାବା ଚଳାଉଥିବା ବସିତ୍ଙ୍କ ବାପା ସେତେବେଳେ ବାହାରେ ଥିଲେ। ବସିତ୍ଙ୍କୁ ଅଟକ ରଖିବା ପରେ ତାଙ୍କ ଘରେ ତଲାସି ନିଆଯାଇଥିଲା। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଅଧିକାରୀ ଏଟିଏମ୍ କାର୍ଡ଼, ପାସବୁକ୍ ଓ ଇଲେକ୍ଟ୍ରିକ୍ ସ୍କୁଟରର ପାର୍ଟ ଜବତ କରିଥିଲେ। ତଦନ୍ତ ସହିତ ଏହିସବୁ ଜବତ ସାମଗ୍ରୀର ଲିଙ୍କ୍ ସମ୍ପର୍କରେ କିଛି କୁହାଯାଇନାହିଁ। ଦ୍ୱିତୀୟ ଅଭିଯୁକ୍ତ ବୁରହାନ୍ଙ୍କୁ ଶନିବାର ଟୋଙ୍କ ଅଞ୍ଚଳରୁ ଗିରଫ କରାଯାଇଥିଲା। ସୁରକ୍ଷା ଏଜେନ୍ସିଗୁଡ଼ିକ ସନ୍ଦେହ କରୁଛନ୍ତି ଯେ, ଉଭୟ ବ୍ୟକ୍ତିଙ୍କର ପାକିସ୍ତାନ-ଭିତ୍ତିକ ଆତଙ୍କବାଦୀ ସଂଗଠନ ଜୈସ-ଏ-ମହମ୍ମଦ ସହିତ ସମ୍ପର୍କ ଥିଲା। ତେବେ ଅଧିକାରୀମାନେ ଅଭିଯୋଗ ସମ୍ପର୍କରେ ଅଧିକ ବିବରଣୀ ପ୍ରକାଶ କରିନାହାନ୍ତି।

## ବନ୍ୟା କ୍ଷୟକ୍ଷତି ସର୍ଭେ ଆରମ୍ଭ କଲେ ଆସାମ ସରକାର

ଗୁଆହାଟୀ: ଆସାମର ଚାରୋଟି ଜିଲ୍ଲା ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ବ୍ୟାପକ ଭାବରେ ପ୍ରଭାବିତ ହେବାର ତିନି ସପ୍ତାହ ପରେ, ରାଜ୍ୟ ସରକାର ରବିବାର ବନ୍ୟା କ୍ଷୟକ୍ଷତିର ଆକଳନ କରିବା ପାଇଁ ଏକ ସର୍ଭେ ଆରମ୍ଭ କରିଛନ୍ତି। ଏହି ବନ୍ୟାରେ ୯୯ ଜଣଙ୍କ ଜୀବନ ଯାଇଛି, ଶହ ଶହ ଘର ନଷ୍ଟ ହୋଇଛି ଓ ହଜାର ହଜାର ଗୃହପାଳିତ ପଶୁଙ୍କ ମୃତ୍ୟୁ ହୋଇଛି। ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ଏହି ସର୍ଭେ ଜାରି ରହିବ। ପ୍ରଭାବିତ ପରିବାରକୁ କ୍ଷତିପୂରଣ ଓ ପୁନର୍ବାସ ପାଇଁ ସହାୟତା ପ୍ରଦାନ କରିବା ପାଇଁ କ୍ଷୟକ୍ଷତିର ଆକଳନ କରାଯାଉଛି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ କେଶବ ମହନ୍ତ କହିଛନ୍ତି ଯେ, ଶିବସାଗର, ଚରାଇଦେଓ, ଜୋରହାଟ ଓ ଗୋଲାଘାଟ ଜିଲ୍ଲାରେ ସର୍ଭେ କରାଯିବ। ୧୯ ଜୁଲାଇରେ



ଆସାମରେ ବନ୍ୟା ଆସିବା ଦ୍ୱାରା ଏହି ଚାରି ଜିଲ୍ଲା ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା। କ୍ଷତିପୂରଣ ଢାଞ୍ଚାର ବିସ୍ତୃତ ବିବରଣୀ ଦେଇ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ବିମଳ ବୋରାହ କହିଛନ୍ତି ଯେ, ପ୍ରତି ପରିବାର ପାଇଁ କ୍ଷତିପୂରଣ ୧.୭୮ ଲକ୍ଷ ଟଙ୍କାରୁ ଆରମ୍ଭ କରି ୩.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇପାରେ। ଯେଉଁମାନଙ୍କ ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି ସେମାନଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯିବ। ଘର ଭିତରେ ଥିବା ଉପକରଣ ଓ ଜିନିଷପତ୍ର ନଷ୍ଟ ହୋଇଯାଇଥିବା ସ୍ଥାନରେ ମଧ୍ୟ ଗୁରୁତର ଭାବରେ କ୍ଷତିଗ୍ରସ୍ତ ଲୋକଙ୍କୁ ସମାନ ପରିମାଣର ଅର୍ଥରାଶି ମିଳିବ। ଗୃହପାଳିତ ପଶୁଙ୍କ ମୃତ୍ୟୁ କ୍ଷେତ୍ରରେ ମଧ୍ୟ କ୍ଷତିପୂରଣ ପ୍ରଦାନ କରାଯିବ। ଆସାମ ସରକାର ତତ୍କାଳୀନ କ୍ଷତିପୂରଣ ବାବଦରେ ୭୦,୦୦୦ ପ୍ରଭାବିତ ପରିବାରକୁ ୧୫,୦୦୦ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିଥିଲେ। ଆସାମ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ତଥ୍ୟ ଅନୁଯାୟୀ ଶନିବାର ସୁଦ୍ଧା ୯୯ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୨ ଜିଲ୍ଲାର ୧୪୭,୦୦୦ ଲୋକ ପ୍ରଭାବିତ ହୋଇଛନ୍ତି। ୬ ପ୍ରଭାବିତ ଜିଲ୍ଲାର ୮୫୦୦ ଲୋକ ରିଲିଫ କ୍ୟାମ୍ପକୁ ସ୍ଥାନାନ୍ତର ହୋଇଛନ୍ତି।

## ଆରଜି କର ଦୁଷ୍କର୍ମ ଓ ହତ୍ୟା ମାମଲାର ପୁନଃ ତଦନ୍ତ ନିର୍ଦ୍ଦେଶ ଦେଲେ ଶୁଭେନ୍ଦୁ ଅଧିକାରୀ

କୋଲକାତା: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରବିବାର ଦୁଇ ବର୍ଷ ତଳେ ଆଜିର ଦିନ (ଅଗଷ୍ଟ ୯, ୨୦୨୪)ରେ କୋଲକାତାର ଆର୍ଜି କର ମେଡିକାଲ କଲେଜ ଓ ହସ୍ପିଟାଲର ଜଣେ ୩୧ ବର୍ଷୀୟ କନିଷ୍ଠ ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯିବା ଘଟଣାର ପୁନଃ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେତେବେଳେ ପଶ୍ଚିମବଙ୍ଗର ଏହି ଲଜ୍ଜାଜନକ ତଥା ଲୋମହର୍ଷକ ଘଟଣା ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା। ପଶ୍ଚିମବଙ୍ଗରେ ସରକାର ବଦଳିବା ପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏହି ଚର୍ଚ୍ଚିତ ଦୁଷ୍କର୍ମ ଓ ହତ୍ୟା ଘଟଣାର ପୁନଃ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ ଡାକ୍ତରଙ୍କ ମା' ରତ୍ନା ଦେବନାଥ ବର୍ତ୍ତମାନ ବିଜେପି ବିଧାୟିକା ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଝିଅ ସହିତ ହୋଇଥିବା ଅମାନବୀୟ ଘଟଣାର ପୁନଃ ତଦନ୍ତ କରିବାକୁ ଅନୁରୋଧ କରିଥିଲେ। ମୁଖ୍ୟ ସଚିବ ଓ ବିଶେଷଜ୍ଞଙ୍କ ଏକ ଦଳ ସହିତ ବ୍ୟାପକ ଆଲୋଚନା ପରେ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର କମିଶନ ଆଇନ, ୧୯୫୨ ଅନୁଯାୟୀ ନୂତନ ଭାବେ ତଦନ୍ତ କରିବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଅଧିକାରୀ ଅଭିଯୋଗ କରିଛନ୍ତି ଯେ, ପୁଲିସ ଏହି ମାମଲାରେ ସଠିକ୍ ଭାବରେ ସେମାନଙ୍କର କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଥିଲା। ମୁଖ୍ୟମନ୍ତ୍ରୀ ପୀଡିତାଙ୍କ ଶବଦାହ ସମୟରେ ହୋଇଥିବା ଅଭିଯୋଗର ପୃଥକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଓ ଦାୟୀ ଲୋକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜେପିଏସ୍‌ସି ପରୀକ୍ଷା ବାତିଲ ପାଇଁ ଝାଡ଼ଖଣ୍ଡ ସରକାର ରାଜି

ରାଞ୍ଚି : ଝାଡ଼ଖଣ୍ଡରେ ଜେପିଏସ୍ସି ଓ ଜେଏସ୍ଏସ୍ସି-ସିଜିଏଲ୍ ପରୀକ୍ଷାରେ ଅନିୟମିତତା ଅଭିଯୋଗକୁ ନେଇ ସରକାର ଓ ଛାତ୍ରଙ୍କ ମଧ୍ୟରେ ଚାଲିଥିବା ବିବାଦ ରବିବାର ମଧ୍ୟ ଥମିନାହିଁ। ତିନି ଦିନ ଧରି ଆଲୋଚନା ପରେ ଝାଡ଼ଖଣ୍ଡ ସରକାର ୧୪ଶ ଜେପିଏସ୍ସି ପରୀକ୍ଷା ବାତିଲ କରିବା ସହ ୨୦୨୩ ଓ ୨୦୨୫ର ବ୍ୟାକ୍ଲଗ୍ ନିଯୁକ୍ତିରେ ହୋଇଥିବା ଅନିୟମିତତାର ତଦନ୍ତ, ଦ୍ରୁତଗତିରେ ମାମଲାର ବିଚାର ଓ ନିଯୁକ୍ତି ପ୍ରକ୍ରିୟାରେ ସଂସ୍କାର ପାଇଁ ରାଜି ହୋଇଛନ୍ତି। ତଥାପି ସିବିଆଇ ତଦନ୍ତ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଶେଷ କରିବେ ନାହିଁ ବୋଲି ଛାତ୍ରନେତାମାନେ କହିଛନ୍ତି। ଛାତ୍ରମାନେ ଜେଏସ୍ଏସ୍ସିର ମିଳିତ ସ୍ନାତକସ୍ତର (ସିଜିଏଲ୍) ପରୀକ୍ଷାକୁ ମଧ୍ୟ ବାତିଲ କରିବାକୁ ଦାବି କରୁଛନ୍ତି। ତେବେ ଝାଡ଼ଖଣ୍ଡ ସରକାରଙ୍କ ମନ୍ତ୍ରୀ ସୁଦିବ୍ୟ କୁମାର ସୋନୁ କହିଛନ୍ତି ଯେ, ହାଇକୋର୍ଟ ଓ ସୁପ୍ରିମ୍କୋର୍ଟଙ୍କ ନିର୍ଦ୍ଦେଶ ଓ ନ୍ୟାୟିକ ନଜରଦାରିରେ ସିଜିଏଲ୍ ପରୀକ୍ଷା ହୋଇଥିବାରୁ ସରକାର ଏହାକୁ ଏକତରଫା ଭାବେ



ବାତିଲ କରିପାରିବେ ନାହିଁ। ଏହାର ଫଳ ପ୍ରକାଶ ପାଇସାରିଛି ଏବଂ ଚୟନ ହୋଇଥିବା ପ୍ରାର୍ଥୀମାନେ ଚାକିରିରେ ଯୋଗ ଦେଇସାରିଛନ୍ତି। ଅନିୟମିତତାର ତଦନ୍ତ ଉପରେ ନଜର ରଖିବା ପାଇଁ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ନିରୀକ୍ଷଣ କମିଟି ଗଠନ ପାଇଁ ସରକାର ପ୍ରସ୍ତାବ ଦେଇଥିଲେ। ଛାତ୍ରମାନେ ଏହାକୁ ଗ୍ରହଣ କରିନାହାନ୍ତି। ସରକାରଙ୍କ ଯୋଜନା ଅନୁସାରେ, ୧୪ଶ ଜେପିଏସ୍ସି ଓ ୨୦୨୩-୨୫ ବ୍ୟାକ୍ଲଗ୍ ନିଯୁକ୍ତି ସମ୍ପର୍କିତ ଅନିୟମିତତାର ତଦନ୍ତ ସିଆଇଡି କରିବ। ସନ୍ଦେହଜନକ ଆର୍ଥିକ କାରବାରର ତଦନ୍ତ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ପାଇଁ ସୁପାରିସ କରାଯିବ। ଏହା ସହ ଦ୍ରୁତ ବିଚାର ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ଗଠନ ଏବଂ ୯୦ ଦିନ ମଧ୍ୟରେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ପାଇଁ ପଦକ୍ଷେପ ନିଆଯିବ। ଭବିଷ୍ୟତରେ ନିଯୁକ୍ତି ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ପାଇଁ ଆଇଆଇଟି-ଆଇଏସ୍ଏମ୍, ଆଇଆଇଏମ୍ ରାଞ୍ଚି ଓ ଏକ୍ସଏଲଆରଆଇର ବିଶେଷଜ୍ଞଙ୍କୁ ନେଇ ଏକ କମିଟି ଗଠନ କରାଯିବ। ମନ୍ତ୍ରୀ ସୋନୁ କହିଛନ୍ତି ଯେ, ଛାତ୍ରମାନଙ୍କ ୯୮ ପ୍ରତିଶତ ଦାବି ସରକାର ଗ୍ରହଣ କରିଛନ୍ତି। କିନ୍ତୁ ଛାତ୍ରମାନେ ସିବିଆଇ ତଦନ୍ତ ଦାବିରୁ ଓହରିନାହାନ୍ତି। ସେମାନେ ଅଗଷ୍ଟ ୧୦ରେ ଝାଡ଼ଖଣ୍ଡ ବିଧାନସଭା ଅଭିମୁଖେ ବଡ଼ ଧରଣର ଶୋଭାଯାତ୍ରା କରିବାକୁ ଡାକରା ଦେଇଛନ୍ତି। ଏଥିରେ ହଜାର ହଜାର ପରୀକ୍ଷାର୍ଥୀ ଯୋଗ ଦେବାର ସମ୍ଭାବନା ରହିଛି।

## ଡ୍ରାଗନ କବଳରୁ ଫିଲିପାଇନ୍ସକୁ ରକ୍ଷା କରିବେ କି ଟ୍ରମ୍ପ୍ ?

ନୂଆଦିଲ୍ଲୀ : ଆମେରିକା ଏବଂ ଚାଇନା ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି । ସ୍କାରବୋରୋ ରିଫରେ ଚାଇନା ଯେଉଁ ପ୍ରାକୃତିକ ରିଜର୍ଭ ପ୍ରତିଷ୍ଠା କରିବାକୁ ଚାହୁଁଛି ତାକୁ ୟୁଏସ ବିରୋଧ କରିଛି । ଡ୍ରାଗନର ଏପରି ପଦକ୍ଷେପ ଫିଲିପାଇନ୍ସର ପାରମ୍ପରିକ ମତ୍ସ୍ୟଜୀବୀଙ୍କ ବୃତ୍ତିକୁ ଅଡୁଆରେ ପକାଇବ ବୋଲି ଆମେରିକା କହିଛି । ୟୁଏସ ବୈଦେଶିକ ମନ୍ତ୍ରାଳୟ କହିଛି ଯେ, ସେମାନେ ସହଯୋଗୀ ଫିଲିପାଇନ୍ସ ସହ ରହିଛନ୍ତି । ସ୍କାରବୋରୋ ରିଫକୁ ଚାଇନା ଅସ୍ଥିର କରିବାକୁ ଚାହୁଁଛି । ଡ୍ରାଗନ୍ ଏଠାରେ ପ୍ରାକୃତିକ ରିଜର୍ଭ ତିଆରି କରିବ କହୁଛି । ଏହାଦ୍ୱାରା୨୦୧୬ରେ ହୋଇଥିବା ଚୁକ୍ତିର ଖିଲାପ ହେଉଛି । ଏହି ଅଞ୍ଚଳରେ ଫିଲିପାଇନ୍ସ ନାଗରିକ ମାଛ ଧରିଥାନ୍ତି । ବର୍ଷ ବର୍ଷ ଧରି ମାଛ ଧରି ଗୁଜୁରାଣ ମେଣ୍ଟାଉଛନ୍ତି । ଆହୁରି ମଧ୍ୟ ୟୁଏସ ପ୍ରକାଶ କରିଛି ଯେ, ଚାଇନା ଆମେରିକାର ସହଯୋଗୀଙ୍କ ନିକଟବର୍ତ୍ତୀ ଅଞ୍ଚଳରେ ନିଜର ଦବଦବା ବୃଦ୍ଧି କରିବାକୁ ଚାହୁଁଛି । ଚାଇନାର ଏହି



ଏକପାଖିଆ ନିଷ୍ପତ୍ତି ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ଆମେରିକା ମୁକ୍ତ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ସମର୍ଥନ କରି ଆସିଛି । ଆଗକୁ ମଧ୍ୟସମର୍ଥନକରିବ । ଫିଲିପାଇନ୍ସ ସହ ଆମେରିକା ରହିଛି । ସଦାବେଳେ ଏହି ସମର୍ଥନଜାରିରହିବ । ସୂଚନାଯୋଗ୍ୟ, ଆମେରିକାର ଏହି ବୟାନ ସ୍କାରବୋରୋ ଅଞ୍ଚଳରେ ଚାଇନାର ନୂତନ ପ୍ରକଳ୍ପ ନିର୍ମାଣ ବାବଦରେ ଘୋଷଣା ପରେ ସାମ୍ନାକୁ ଆସିଛି । ଗତ ଅଗଷ୍ଟ୧ତାରିଖରେ ଏହି ଅଞ୍ଚଳରେଚାଇନା ନିଜର ପ୍ରାକୃତିକ ଭଣ୍ଡାର ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଥିବା ଜଣା ପଡିଥିଲା ।ପ୍ରଥମେ ୨୦୨୫ରେ ଡ୍ରାଗନର ଷ୍ଟେଟ୍ କାଉନସିଲ୍ ରିଜର୍ଭକୁ ମଞ୍ଜୁରି ପ୍ରଦାନ କରିଥିଲା । ଏହି ଅଞ୍ଚଳ ଫିଲିପାଇନ୍ସ ନିକଟରେ ରହିଛି ଏହଂ ଦୀର୍ଘଦିନ ଧରି ଏଠାକାର ମତ୍ସ୍ୟଜୀବୀଙ୍କ ରୋଜଗାରର ପନ୍ଥା ହୋଇ ଆସିଛି ।ଏହି ମାମଲା ସେତେବେଳେ ସାମ୍ନାକୁ ଆସିଛି ଯେତେବେଳେ ଦକ୍ଷିଣ ଚୀନ୍ ସାଗରରେ ଚାଇନା ଏବଂ ଫିଲିପାଇନ୍ସ ମଧ୍ୟରେପୂର୍ବରୁ ଉତ୍ତେଜନା ଲାଗି ରହିଛି ।୨୦୧୬ରେ ଫିଲିପାଇନ୍ସ ନିକଟବର୍ତ୍ତୀ ସାମୁଦ୍ରିକ ସୀମା ବାବଦରେ ଏକ ଆଇନ୍ ଆସିଥିଲା । ଏହି ଅଞ୍ଚଳରେ ଚୀନ ନିଜର ଦବଦବା ଜାହିର କରିପାରିବ ନାହିଁ ବୋଲି ଆଇନରେ ଉଲ୍ଲେଖ ହୋଇଥିଲା ।

## ପାଇଲଟଙ୍କୁ ବିଚଳିତ କଲା ଲେଜର ଆଲୋକ




କୋଲକାତା: ୧୫୯ ଜଣ ଯାତ୍ରୀଙ୍କୁ ନେଇ ମାଲେସିଆ ଏୟାରଲାଇନ୍ସର ଏକ ବିମାନ କୋଲକାତା ବିମାନବନ୍ଦରରେ ଅବତରଣ କରିବା ପୂର୍ବରୁ ବଡ଼ଧରଣର ଅଘଟଣରୁ ବର୍ତ୍ତି ଯାଇଛି। ବିମାନ ଅବତରଣ କରିବା ସମୟରେ ଏକ ଲେଜର ଆଲୋକ ପାଇଲଟଙ୍କ ଧ୍ୟାନ ଆକର୍ଷିତ କରିଥିଲା। ତେବେ ପାଇଲଟ କିଛି ସମୟ ଆକାଶରେ ଚକ୍କର କାଟିବା ପରେ ବିମାନଟିକୁ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ।

କ୍ୱାଲାଲମ୍ପୁରରୁ କୋଲକାତା ଆସୁଥିବା ବିମାନ ଏମ୍ଏଚ୍-୧୮୪ ଶନିବାର ରାତି ୧୧ଟା ୨୦ ମିନିଟରେ ଅବତରଣ କରିବାର ଥିଲା। ବିମାନଟି ରନୱେରୁ ପ୍ରାୟ ଆଠ ନଟିକାଲ୍ ମାଇଲ୍ ଦୂରରେ ଥିବାବେଳେ ପାଇଲଟ୍ ମଧ୍ୟମଗ୍ରାମ-ବାରାସତ ପାର୍ଶ୍ୱରୁ କକ୍ପିଟ୍ ଆଡ଼କୁ ଏକ ଉଜ୍ଜ୍ୱଳ ଲେଜର ବିମ୍ ଝଲସୁଥିବାର ଲକ୍ଷ୍ୟ କରିଥିଲେ। ଫଳରେ ସେ ବିଚଳିତ ହୋଇପଡ଼ିଥିଲେ। ବିମାନଟି ନିର୍ଦ୍ଧାରିତ ସମୟରେ ଅବତରଣ ନ କରି ଆକାଶରେ ଚକ୍କର କାଟିଥିଲା। ରାତି ୧୧ଟା ୨୫ ମିନିଟରେ ବିମାନ ସୁରକ୍ଷିତ ଭାବେ ଅବତରଣ କରିଥିଲା। ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି।

ଏହି ଘଟଣା ପରେ କୋଲକାତା ବିମାନବନ୍ଦର କର୍ତ୍ତୃପକ୍ଷ ବିମାନବନ୍ଦର ପୁଲିସ ଷ୍ଟେସନରେ ଅଭିଯୋଗ ଦାଖଲ କରିଛନ୍ତି। କୋଲକାତା ବିମାନବନ୍ଦର ନିର୍ଦ୍ଦେଶକ ବିକ୍ରମ ସିଂହ କହିଛନ୍ତି ଯେ, ବିମାନବନ୍ଦର ଚାରିପାଖରେ ଲେଜର ଲାଇଟ୍ ବ୍ୟବହାର ନିଷେଧ, କିନ୍ତୁ ଏପରି ଘଟଣା ବେଳେବେଳେ ଘଟେ ଓ ଏହା ବିମାନ ପରିଚାଳନାକୁ ପ୍ରଭାବିତ କରିଥାଏ। ବିମାନବନ୍ଦର କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ ପୁଲିସରେ ଅଭିଯୋଗ କରିବା ପରେ ଏହାର ତଦନ୍ତ କରାଯାଉଛି।

## ମମତାଙ୍କ କାରକେଡ୍ ଉପରେ ଆକ୍ରମଣ : ଜୋତା, କାଦୁଅ ଫିଙ୍ଗିଲେ ପ୍ରତିବାଦକାରୀ

କୋଲକାତା : ମୁଖ୍ୟମନ୍ତ୍ରୀ ଆସନ ଯିବା ପରେ ମମତା ବାନାର୍ଜୀଙ୍କୁ ରାଜ୍ୟରେ ନାନା ହଟହଟା ହେବାକୁ ପଡୁଛି। ଅନେକ ଜାଗାରେ ତାଙ୍କୁ ବିରୋଧ କରାଯାଉଛି। ଶନିବାର ପଶ୍ଚିମବଙ୍ଗର ହଲିଶହରରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଛି। ତୃଣମୂଳ କଂଗ୍ରେସ (TMC) କର୍ମୀ ବିର୍ଜୁ କେଓଟଙ୍କ ମୃତ୍ୟୁକୁ ନେଇ ବଢ଼ୁଥିବା ବିବାଦ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ପରିବାରକୁ ଭେଟିବାକୁ ଯାଇଥିଲେ। ଏହି ସମୟରେ ବାନାର୍ଜୀଙ୍କ କାରକେଡ୍କୁ ପ୍ରତିବାଦକାରୀମାନେ ଅଟକାଇବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ରିପୋର୍ଟ ଅନୁସାରେ, ମମତାଙ୍କ ଗାଡ଼ିକୁ ପ୍ରତିବାଦକାରୀମାନେ ଘେରି ଯାଇଥିଲେ। ତାଙ୍କ କାର କାଚରେ କାଦୁଅ ଲିପିବା ସହ ଗାଡ଼ି ଉପରକୁ ପାଣି ବୋତଲ, ଜୋତା ଫିଙ୍ଗିଥିବା ଅଭିଯୋଗ ହୋଇଛି। ପ୍ରତିବାଦକାରୀମାନେ ମମତା ବାନାର୍ଜୀଙ୍କ ବିରୋଧରେ ନାରା ଦେଇ ତାଙ୍କୁ 'ଚୋର' ଏବଂ 'ଡକାୟତଙ୍କ ରାଣୀ' ବୋଲି ସମ୍ବୋଧନ କରିଥିବା ମଧ୍ୟ ଜଣାପଡ଼ିଛି।

**ଟିଏମସି କର୍ମୀଙ୍କ ମୃତ୍ୟୁକୁ ନେଇ ବଢ଼ିଛି ବିବାଦ**

ଟିଏମ୍ସି କର୍ମୀ ବିର୍ଜୁ କେଓଟଙ୍କ ମୃତ୍ୟୁକୁ ନେଇ ଏହି ପ୍ରତିବାଦ ଆରମ୍ଭ ହୋଇଛି। ପୁଲିସ ହେପାଜତରେ ଥିବା ସମୟରେ ତାଙ୍କୁ ମାଡ଼ ମରାଯାଇଥିବାରୁ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଅଭିଯୋଗ କରିଛି। ବିର୍ଜୁଙ୍କୁ ଦୁର୍ନୀତି ଓ ଚାନ୍ଦାବାଜି ଅଭିଯୋଗରେ ଗିରଫ କରାଯାଇଥିଲା। ପୁଲିସ ହେପାଜତରେ ତାଙ୍କ ସ୍ୱାସ୍ଥ୍ୟ ଖରାପ ହେବା ପରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ପୁଲିସ ପକ୍ଷରୁ ସେ ହୃଦ୍ଘାତର ଶିକାର ହୋଇଥିବା କୁହାଯାଇଥିବା ବେଳେ, ବିର୍ଜୁଙ୍କ ପତ୍ନୀ ପୁଲିସ ହେପାଜତରେ ତାଙ୍କୁ ନିର୍ମମ ଭାବେ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ଆଣିଛନ୍ତି। ଏହାପରେ ଘଟଣାର ନିରପେକ୍ଷ ତଦନ୍ତ ଦାବି ଜୋର ଧରିଛି।

**ପୁଲିସ ହସ୍ତକ୍ଷେପ, ମମତାଙ୍କ କାରକେଡ୍କୁ ସୁରକ୍ଷିତ ଭାବେ ବାହାର କରାଗଲା**

ମମତା ବାନାର୍ଜୀ ବିର୍ଜୁ କେଓଟଙ୍କ ପରିବାରକୁ ଭେଟିବା ପାଇଁ ହଲିଶହର ଯାଇଥିଲେ। କିନ୍ତୁ





ସେ ଘରେ ପହଞ୍ଚିବା ପୂର୍ବରୁ ପ୍ରତିବାଦକାରୀମାନେ ତାଙ୍କ କାରକେଡ୍କୁ ଅଟକାଇଥିଲେ। ଏହାକୁ ନେଇ କିଛି ସମୟ ପାଇଁ ଘଟଣାସ୍ଥଳରେ ଉତ୍ତେଜନା ଓ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସୁରକ୍ଷାକର୍ମୀମାନେ ମମତାଙ୍କ କାରକେଡ୍କୁ ସେଠାରୁ ବାହାର କରି ନେଇଥିଲେ। ଘଟଣାକୁ ନେଇ ମମତା ବାନାର୍ଜୀ ପୁଲିସ ଓ ବିରୋଧୀଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଉତ୍ତର ୨୪ ପରଗଣାରେ ବେରାକପୁରରେ ବିର୍ଜୁ କେଓଟଙ୍କ ପରିବାରକୁ ଭେଟିବାକୁ ଯିବା ସମୟରେ ତାଙ୍କ ଗାଡ଼ି ଉପରେ ଆକ୍ରମଣ ହୋଇଥିବା ସେ କହିଛନ୍ତି। ମମତାଙ୍କ ଅଭିଯୋଗ ଅନୁସାରେ, ପୁଲିସ ସାମ୍ନାରେ ତାଙ୍କ ଗାଡ଼ି ଉପରକୁ ବଡ଼ ବଡ଼ ପଥର ଫିଙ୍ଗାଯାଇଥିଲା। ଗାଡ଼ିର ଝରକା ଖୋଲା ଥିଲେ ତାଙ୍କ ମୁଣ୍ଡ ଫାଟିଯାଇଥାନ୍ତା ବୋଲି ସେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାରେ ହସ୍ତକ୍ଷେପ ନକରି ବିଜେପିକୁ ସୁରକ୍ଷା ଦେଉଥିବା ମଧ୍ୟ ମମତା ଅଭିଯୋଗ ଆଣିଛନ୍ତି।

**ବିଜେପିର ଆକ୍ରମଣ ଅଭିଯୋଗ ଖାରଜ**

ଘଟଣାକୁ ନେଇ ବିଜେପି ପକ୍ଷରୁ ମଧ୍ୟ ପ୍ରତିକ୍ରିୟା ଆସିଛି। ପଶ୍ଚିମବଙ୍ଗ ବିଜେପି ସଭାପତି ସମିକ ଭଟ୍ଟାଚାର୍ଯ୍ୟ ମମତାଙ୍କ କାରକେଡ୍ ଉପରେ ଆକ୍ରମଣକୁ ନିନ୍ଦା କରିବା ସହ ଏଥିରେ ବିଜେପି କର୍ମୀଙ୍କ କୌଣସି ସମ୍ପୃକ୍ତି ନଥିବା କହିଛନ୍ତି। ସେ କହିଛନ୍ତି, ବିଜେପି କେବେ ମଧ୍ୟ ପଥର ଫିଙ୍ଗିବା, ମାଟି କିମ୍ବା ଜୋତା ଫିଙ୍ଗିବାକୁ ସମର୍ଥନ କରେ ନାହିଁ। ଏଭଳି ଘଟଣା ପଶ୍ଚିମବଙ୍ଗର ଛବିକୁ ଖରାପ କରୁଛି। ଏଥିରେ ଯେଉଁମାନେ ସମ୍ପୃକ୍ତ, ସେମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ସେ କହିଛନ୍ତି। ପଶ୍ଚିମବଙ୍ଗର ମନ୍ତ୍ରୀ ଅଗ୍ନିମିତ୍ରା ପଲ୍ ମଧ୍ୟ ଘଟଣାକୁ ନିନ୍ଦା କରିଛନ୍ତି। ବିଜେପିର ରାଜନୈତିକ ସଂସ୍କୃତିରେ ଏଭଳି ଘଟଣାର କୌଣସି ସ୍ଥାନ ନାହିଁ ବୋଲି ସେ କହିଛନ୍ତି। ମମତା ବାନାର୍ଜୀଙ୍କ ଶାସନକାଳକୁ ସମାଲୋଚନା କରିବା ସତ୍ତ୍ୱେ ଜଣେ ରାଜନୈତିକ ପ୍ରତିପକ୍ଷଙ୍କୁ ଆକ୍ରମଣ, ହାରାସ୍ମେଣ୍ଟ କିମ୍ବା ମାଟି, କାଳି ଓ ଜୋତା ଫିଙ୍ଗିବାକୁ ବିଜେପି କିମ୍ବା ସରକାର ସମର୍ଥନ କରେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଜେପି ନାଁରେ କେହି ଏଭଳି କାର୍ଯ୍ୟ କରୁଥିଲେ, ସେମାନେ ଭୁଲ୍ କରୁଛନ୍ତି ବୋଲି ଅଗ୍ନିମିତ୍ରା କହିଛନ୍ତି।

**ବିର୍ଜୁ କେଓଟଙ୍କ ମୃତ୍ୟୁକୁ ନେଇ ରାଜନୈତିକ ତାତି**

ବିର୍ଜୁ କେଓଟଙ୍କ ମୃତ୍ୟୁ ଏବେ ପଶ୍ଚିମବଙ୍ଗରେ ଏକ ବଡ଼ ରାଜନୈତିକ ପ୍ରସଙ୍ଗରେ ପରିଣତ ହୋଇଛି। ଟିଏମ୍ସି ପକ୍ଷରୁ ପୁଲିସ ହେପାଜତରେ ନିର୍ଯାତନା ଅଭିଯୋଗ ଆଣି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଜବାବଦେହି ଦାବି କରାଯାଉଛି। ଅନ୍ୟପକ୍ଷରେ ବିଜେପି ଘଟଣାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ଦାବି କରିଛି। ଏହି ମୃତ୍ୟୁକୁ ନେଇ ରାଜନୈତିକ ବୟାନବାଜି ମଧ୍ୟରେ ହଲିଶହରରେ ମମତା ବାନାର୍ଜୀଙ୍କ କାରକେଡ୍ ଉପରେ ଆକ୍ରମଣ ଘଟଣା ରାଜ୍ୟର ରାଜନୈତିକ ପରିସ୍ଥିତିକୁ ଆହୁରି ତୀବ୍ର କରିଛି।

# ସିରାଜଙ୍କ ହ୍ୟାଟ୍ରିକ ଛକାରେ ଜିତିଲା ଭାରତ



କଲମ୍ବୋ, ୯।୮(ଏଜେନ୍ସି) : ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ୩ ଦିନିଆ ଅଭ୍ୟାସ ମ୍ୟାଚରେ ମହମ୍ମଦ ସିରାଜ କମାଲ କରିଛନ୍ତି। ସିରାଜଙ୍କ ହ୍ୟାଟ୍ରିକ ଛକା ଯୋଗୁଁ ନିଶ୍ଚିତ ଡ୍ର ଆଡେ ମୁହାଁଉଥିବା ମ୍ୟାଚରେ ଭାରତ ବିଜୟୀ ହୋଇଛି। ଖେଳର ତୃତୀୟ ଦିନ ଶେଷ ଓଭରରେ ଭାରତୀୟ ବୋଲର ମହମ୍ମଦ ସିରାଜଙ୍କ ବ୍ୟାଟିଂ ଅଦ୍ଭୁତ ଥିଲା। ସିରାଜ ଚମତ୍କାର ପାଳି ଖେଳି ୧୫ ବଲରୁ ୩୨ ରନ କରିଥିଲେ। ମ୍ୟାଚର ଶେଷ ଓଭରରେ ସିରାଜ ମ୍ୟାଚର ସମ୍ପୂର୍ଣ୍ଣ ମୋଡ ବଦଳାଇ ଦେଇଥିଲେ। ସେ ଶେଷ ୬ ଟି ବଲରେ ୨୩ ରନ ସଂଗ୍ରହ କରି ଭାରତକୁ ଜିତାଇଥିଲେ। ଏହି ମ୍ୟାଚ ଜିତିବା ପାଇଁ ଭାରତ ସମ୍ମୁଖରେ ୨୦୭ ରନର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଭାରତ ବିଜୟର ନିକଟତର ହୋଇଥିଲା କିନ୍ତୁ ଶେଷ ଓଭରରେ ଜିତିବା ପାଇଁ ୧୫ ରନର ଆବଶ୍ୟକତା ଥିଲା। ଅର୍ଥାତ୍ ୬ ଟି ବଲରେ ଭାରତକୁ ୧୫ ରନ କରିବାର ଥିଲା। ସିରାଜ ଶେଷ ଓଭରର ପ୍ରଥମ ୩ ଟି ବଲରେ କ୍ରମାଗତ ଛକା ମାରି ଭାରତକୁ ଜିତାଇଥିଲେ। ଏହା ଅଭ୍ୟାସ ମ୍ୟାଚ ହୋଇଥିବାରୁ ଭାରତ ଶେଷ ଓଭର ସମ୍ପୂର୍ଣ୍ଣ ଖେଳିବାକୁ ନିଷ୍ପତ୍ତି ନେଇଥିଲା। ଶେଷ ଓଭର ପ୍ରଥମ ୩ ଟି ବଲରେ ଛକା ପରେ ଚତୁର୍ଥ ବଲରେ ରନ ହୋଇନଥିଲା। ପଞ୍ଚମ ବଲରେ ସିରାଜ ଚୌକା ମାରିଥିଲେ। ଏହାପରେ ଶେଷ ବଲରେ ଗୋଟିଏ ରନ୍ ନେଇଥିଲେ। ଏହି ଓଭରରେ ୩ ଟି ଛକା ଓ ଗୋଟିଏ ଚୌକା ସହ ମୋଟ ୨୩ ରନ ସଂଗ୍ରହ କରିଥିଲେ ସିରାଜ। ଏହି ମ୍ୟାଚରେ ଦ୍ୱିତୀୟ ଇନିଂସରେ ସିରାଜ ୧୫ ଟି ବଲରେ ଅପରାଜିତ ୩୨ ରନର ଇନିଂସ ଖେଳି ଦଳ ବିଜୟରେ ନାୟକ ସାଜିଥିଲେ। ସେ ନିଜ ପାଳିରେ ମୋଟ ୪ ଟି ଛକା ଓ ଗୋଟିଏ ଚୌକା ମାରିଥିଲେ।

ଏହି ମ୍ୟାଚରେ ଶ୍ରୀଲଙ୍କା ପ୍ରଥମ ଇନିଂସରେ ୮ ୱିକେଟ ହରାଇ ୩୬୩ ରନ କରିଥିଲା। ଭାରତ ପ୍ରଥମ ଇନିଂସରେ ୩୫୭/୬ ରନ କରି ପାଳି ଘୋଷଣା କରିଥିଲା। ଶ୍ରୀଲଙ୍କାକୁ ପ୍ରଥମ ଇନିଂସରେ ୬ ରନର ଅଗ୍ରଣୀ ମିଳିଥିଲା। ପରେ ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୦୦ ରନ କରି ଇନିଂସ ଘୋଷଣା କରିଥିଲା। ତେଣୁ ଭାରତ ସମ୍ମୁଖରେ ୨୦୭ ରନର ଟାର୍ଗେଟ୍ ସେଟ୍ ହୋଇଥିଲା। ଭାରତ ଦ୍ୱିତୀୟ ଇନିଂସରେ ୪ ୱିକେଟ୍ ହରାଇ ୨୧୪ ରନ କରି ମ୍ୟାଚ ଜିତିନେଇଥିଲା।

## ଜୟନ୍ତ ମହାପାତ୍ର ସ୍ମାରକୀ ଫୁଟବଲ

# ୟୁନିଟ୍ ୩ ହାଇସ୍କୁଲ, ଓଡିଏମ୍ ଗ୍ଲୋବାଲ ବିଜୟୀ

ଭୁବନେଶ୍ୱର, ୯।୮(ସବ୍ୟୁ) : ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡା ସଂଘ ୟୁନିଟ୍ ୬ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ୟୁନିଟ୍ ୧ ସ୍ଥିତ ଫୁଟବଲ ଏକାଡେମୀ ପଡିଆରେ ୧୫ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ଜାରି ରହିଛି। ପ୍ରତିଯୋଗିତାର ଦ୍ୱିତୀୟ ଦିନ ଅନୁଷ୍ଠିତ ଦୁଇଟି ମ୍ୟାଚରେ ୟୁନିଟ୍ ସରକାରୀ ବିଦ୍ୟାଳୟ ଏବଂ ଓଡିଏମ୍ ଗ୍ଲୋବାଲ ସ୍କୁଲର ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ୟୁନିଟ୍ ୩ ସରକାରୀ ବିଦ୍ୟାଳୟ ୬-୦ ଗୋଲରେ ପାତ୍ରପଡା ହାଇସ୍କୁଲକୁ ପରାଜିତ କରିଥିଲା। ଦ୍ୱିତୀୟ ମ୍ୟାଚରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ୧୨-୦ ଗୋଲରେ ଓଡିଏମ୍ ପବ୍ଲିକ ସ୍କୁଲକୁ ପରାଜିତ କରିଛି। ପ୍ରଥମ ମ୍ୟାଚରେ ୟୁନିଟ୍ ୩ ସରକାରୀ ବିଦ୍ୟାଳୟ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲା। ଦଳ ପକ୍ଷରୁ ସଂଖାୟୀ ମାରାଣ୍ଡୀ ଓ ପରମାନନ୍ଦ ସମଦ ୨ ଟି କରି, ବାବୁ ସାନ ବିରୁଆ ଓ ଲକ୍ଷ୍ମଣ ଟୁଡୁ ଗୋଟିଏ ଲେଖାଏଁ ଗୋଲ କରିଥିଲେ। କିଷାନ ମାରାଣ୍ଡିଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଦ୍ୱିତୀୟ ମ୍ୟାଚରେ ଓଡିଏମ୍ ଗ୍ଲୋବାଲ ସ୍କୁଲର ଗୋଲ ବର୍ଷା ଦେଖିବାକୁ ମିଳିଥିଲା। ୧୨-୦ ଗୋଲରେ ଦଳ ଓଡିଏମ୍ ପବ୍ଲିକ୍ ସ୍କୁଲକୁ ଧରାଶାୟୀ କରିଥିଲା। ମେସି ଆସଦା ସର୍ବାଧିକ ୪ ଟି ଗୋଲ କରିଥିଲେ। ଏହସାନ ପାଙ୍ଗା, ଦଶରଥ ହାଁସଦା, ଆରବ ଦାସ, ଶ୍ରେୟାସ, ଦିବ୍ୟାଂଶୁ ଏବଂ ଆଦିତ୍ୟ ବରାଳ ଗୋଲ ସ୍କୋର କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମେସି ହାଂସଦାଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। କ୍ରୀଡା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରସାଦ ଦାସ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ଲୋୟଲା ଓଡିଆ ସ୍କୁଲ - ପଳାଶୁଣୀ ହାଇସ୍କୁଲ ତଥା କିସ୍ -କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ମଧ୍ୟରେ ଦୁଇଟି ମ୍ୟାଚ ଖେଳାଯିବ। ପ୍ରତ୍ୟେକ ଦିନ ଅପରାହ୍ନରେ ଦୁଇଟି ମ୍ୟାଚ ଖେଳାଯିବ। ଚାମ୍ପିଅନ ଦଳକୁ ଟ୍ରଫି ସହ ୧ ଲକ୍ଷ ଏବଂ ରନର୍ସଅପ୍ ଦଳକୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ।




# ରାଉଣ୍ଡ ରବିନରେ ଗୁରୁନାନକ ସ୍କୁଲ ଚାମ୍ପିଅନ

## ସପ୍ତମ ଓଡିଶା ରାଜ୍ୟ ଆନ୍ତଃସ୍କୁଲ ଟେବୁଲ ଟେନିସ୍

ଭୁବନେଶ୍ୱର, ୯।୮(ସବ୍ୟୁ) : କଟକର ସିଡିଏ ସେକ୍ଟର ୭ ସ୍ଥିତ ବିଜୁ ପଟ୍ଟନାୟକ ବହୁ ମୁଖୀ ଇଣ୍ଡୋର ହଲ ପରିସରରେ ଚାଲିଥିବା ସପ୍ତମ ଓଡିଶା ରାଜ୍ୟ ଆନ୍ତଃସ୍କୁଲ ଟେବୁଲ ଟେନିସ୍ ପ୍ରତିଯୋଗିତାର ଦ୍ୱିତୀୟ ଦିନ ଅନୁଷ୍ଠିତ ବାଳିକା ବର୍ଗର ରାଉଣ୍ଡ ରବିନ ଲିଗରେ ଗୁରୁନାନକ ପବ୍ଲିକ ସ୍କୁଲ ଚାମ୍ପିଅନ ହୋଇଛି। ରାଉଣ୍ଡ ରବିନ ଲିଗର ଶେଷ ମ୍ୟାଚରେ ଗୁରୁନାନକ ପବ୍ଲିକ ସ୍କୁଲ ୩-୦ ଗେମରେ ଭୁବନେଶ୍ୱରର ବିଜେଏମ୍ ସ୍କୁଲ, ୩-୦ରେ ୟୁନିଟ୍ ୯ କେନ୍ଦ୍ରୀୟ ବିଦ୍ୟାଳୟ ୧ ଏବଂ ୩-୦ ଗେମରେ ସେଣ୍ଟ ଜୋସେଫ ସ୍କୁଲକୁ ପରାଜିତ କରିଥିଲା। କ୍ରମାଗତ ୩ଟି ବିଜୟ ସହ ଦଳ ରାଉଣ୍ଡ ରବିନ ଲିଗରେ ଚାମ୍ପିଅନ ହୋଇଛି। ସିନିୟର ବାଳକ ଦଳଗତରେ ନିଉଷ୍ଟୁରାର୍ଟ କଟକ ୩-୨ ଗେମରେ ଖ୍ରୀଷ୍ଟ ହାୟର ସେକେଣ୍ଡାରୀକୁ ହରାଇଛି। ଜୁନିୟର ବାଳିକା ଦଳଗତରେ ପୁରୀ ଜିଲ୍ଲା ସ୍କୁଲ ୩-୦ ଗେମରେ ଖୋର୍ଦ୍ଧାର ପିଏମ୍ ଶ୍ରୀକେଭି ଜଟଣୀକୁ ପରାଜିତ କରିଥିଲା। ଜୁନିୟର ବାଳକ ଦଳଗତରେ କଟକର ସେଣ୍ଟ ଜାଭିୟର ହାଇସ୍କୁଲ ୩-୦ରେ କେମ୍ବ୍ରିଜ୍ ସ୍କୁଲକୁ ହରାଇଛି।




# ସୁଦର୍ଶନଙ୍କ ସ୍ଥାନରେ ସର୍ଫରାଜ

ନୂଆଦିଲ୍ଲୀ, ୯।୮(ଏଜେନ୍ସି) : ଆହାତ ସାଇ ସୁଦର୍ଶନଙ୍କ ବଦଳରେ ସର୍ଫରାଜ ଖାନଙ୍କୁ ଭାରତୀୟ ଦଳରେ ସାମିଲ କରିଛି ବିସିସିଆଇ। ଭାରତ ଓ ଘରୋଇ ଶ୍ରୀଲଙ୍କା ମଧ୍ୟରେ ଆଗାମୀ ୧୫ ତାରିଖରୁ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବାକୁ ଯାଉଛି। ସାଇ ସୁଦର୍ଶନ ଫିଟ୍ ନଥିବାରୁ ତାଙ୍କୁ ଏହି ଶୃଙ୍ଖଳାରୁ ବାଦ୍ ଦିଆଯାଇଛି। ରବିବାର ବିଧିବଦ୍ଧ ଭାବେ ସୁଦର୍ଶନଙ୍କ ସ୍ଥାନରେ ସର୍ଫରାଜ ଖାନଙ୍କୁ ସାମିଲ କରାଯାଇଥିବା ନେଇ ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆହତ ସମସ୍ୟାରୁ ମୁକୁଳିବା ପାଇଁ ସାଇ ସୁଦର୍ଶନ ଏବେ ବେଙ୍ଗାଲୁରୁର ସ୍ଥିତ ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସରେ ରିହାବରେ ଅଛନ୍ତି। ଏବେ ମଧ୍ୟ ସେ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇନାହାଁନ୍ତି। ବିସିସିଆଇର ମେଡିକାଲ ଟିମ୍ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଛି। ସର୍ଫରାଜ ଖାନ ଭାରତୀୟ ଦଳ ସହ ୬ ଟି ଟେଷ୍ଟ ମ୍ୟାଚ ଖେଳିସାରିଛନ୍ତି। ସେ ୩୭.୧୦ ହାରରେ ୩୭୧ ରନ କରିଛନ୍ତି। ଏଥିରେ ୩ ଟି ଅର୍ଦ୍ଧଶତକ ରହିଛି। ସେ ମଧ୍ୟମକ୍ରମରେ ଭାରତ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ।



## ୭୨ତମ ଓଡିଶା ରାଜ୍ୟ ଜୁନିୟର ଆଥଲେଟିକ ଚାମ୍ପିଅନସିପ୍

# କଟକ ଦଳଗତ ବିଜେତା, ଯାଜପୁର ଉପବିଜେତା

ଭୁବନେଶ୍ୱର, ୯।୮(ସବ୍ୟୁ) : ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ୩ ଦିନିଆ ୭୨ତମ ଓଡିଶା ରାଜ୍ୟ ଜୁନିୟର ଆଥଲେଟିକ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କଟକ ଦଳଗତ ଚାମ୍ପିଅନ ହୋଇଥିବା ବେଳେ ଯାଜପୁର ରନର୍ସଅପ୍ ହୋଇଛି। ୩ ଦିନିଆ ଏହି ପ୍ରତିଯୋଗିତାରେ ମୋଟ ୧୬ ଟି ନୂଆ ମିଟ୍ ରେକର୍ଡ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକସଭା ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ୍ ନାୟକ, ଓଡିଶା ଅଲମ୍ପିକ୍ସ ସଂଘ ସଭାପତି ସମୀର କୁମାର ମହାନ୍ତି, ଏସପି ସୁରେଶ ଚନ୍ଦ୍ର ପାତ୍ର, ପଦ୍ମଶ୍ରୀଚରଣ ହେମ୍ବ୍ରମ୍, ଅଲିମ୍ପିଆନ ଦୂତୀ ଚାନ୍ଦ, ମୟୂରଭଞ୍ଜ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି କୃତିପ୍ରତିଯୋଗୀଙ୍କୁ ପଦକ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୬ ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



# ଇତିହାସ ରଚିଲେ ବସନ୍ତ

ନୂଆଦିଲ୍ଲୀ, ୯।୮(ଏଜେନ୍ସି) : ବିଶ୍ୱ ଆଥଲେଟିକ୍ସ ୨୦ ବର୍ଷରୁ କମ୍ ଚାମ୍ପିଅନସିପରେ ଭାରତ ପାଇଁ ଐତିହାସିକ ସଫଳତା ଆଣିଛନ୍ତି ପୁରୁଷ ହାଇ ଜମ୍ପର ବସନ୍ତ କୁମାର ମେଘୱାଲ। ସେ ରୌପ୍ୟ ପଦକ ଜିତିଛନ୍ତି। ୨.୨୧ ମିଟର ଉଚ୍ଚତା ଡେଇଁ ନିଜ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନର ସମକକ୍ଷ ହୋଇ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଏହା ଚାମ୍ପିଅନସିପରେ ଭାରତର ଦ୍ୱିତୀୟ ପଦକ ହୋଇଥିବା ବେଳେ ହାଇଜମ୍ପରେ ପ୍ରଥମ ଭାରତୀୟ ଭାବେ ବସନ୍ତ ଏହି ସଫଳତା ଅର୍ଜନ କରିଛନ୍ତି। ଆଲଜେରିଆର ୟୁନେସ ଆୟାଚି ସ୍ୱର୍ଣ୍ଣ ଏବଂ ବ୍ରିଟେନର ଓଟିସପୁଲ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଆୟାଚି, ବସନ୍ତ ଓ ପୁଲ ୨.୨୧ ମିଟରରେ ସମାନ ଉଚ୍ଚତା ଅତିକ୍ରମ କରିଥିବାରୁ ସମସ୍ତଙ୍କ ପ୍ରୟାସ ଆଧାରରେ ଫଳାଫଳ ନିର୍ଦ୍ଧାରିତ ହୋଇଥିଲା। ଆୟାଚି ପ୍ରଥମ ପ୍ରୟାସରେ ସଫଳ ହୋଇ ସ୍ୱର୍ଣ୍ଣ ଜିତିଥିବା ବେଳେ ବସନ୍ତ ଦ୍ୱିତୀୟ ପ୍ରୟାସରେ ସଫଳ ହୋଇ ରୌପ୍ୟ ହାସଲ କରିଥିଲେ। ଆମେରିକାର ମାଡକ୍ସ କ୍ରୋଟଜର, ବ୍ରିଟେନର ସାମୁଏଲ ଜେନ୍ ଏବଂ ଗ୍ରେସର ଚାରା ଲାମ୍ପୋସ ୨.୧୭ ମିଟର ଡେଇଁଥିଲେ। ତେବେ ବସନ୍ତଙ୍କ ଏହି ପ୍ରଦର୍ଶନ ବିଶ୍ୱ ଆଥଲେଟିକ୍ସ ୨୦ ବର୍ଷରୁ କମ୍ ଚାମ୍ପିଅନସିପ୍‌ର ପୁରୁଷ ହାଇଜମ୍ପରେ ଭାରତ ପାଇଁ ନୂଆ ଅଧ୍ୟାୟ ଯୋଡିଛି।



# ଫେରିବ ତ୍ରିପାକ୍ଷିକ ଶୃଙ୍ଖଳା

ନୂଆଦିଲ୍ଲୀ, ୯।୮(ଏଜେନ୍ସି) : ଅନ୍ତର୍ଜାତୀୟ କ୍ରିକେଟରେ ଦିନିକିଆ ଫର୍ମାଟକୁ ଆହୁରୀ ରୋମାଞ୍ଚକର କରିବା ପାଇଁ ଏକ ବଡ ପଦକ୍ଷେପ ନିଆଯାଇଛି। ଆଗାମୀ ୧୨ ରୁ ୧୮ ମାସ ମଧ୍ୟରେ ତ୍ରିପାକ୍ଷିକ ଶୃଙ୍ଖଳା ଆରମ୍ଭ ହେବ ବୋଲି ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡର ସିଇଓ ରିଚାର୍ଡ ଗୋଲ୍ଡ ସୂଚନା ଦେଇଛନ୍ତି। ଭାରତୀୟ ଦିନିକିଆ ଦଳର ଅଧିନାୟକ ଶୁଭମନ୍ ଗିଲ ୩ ଟି ଦଳକୁ ନେଇ ଶୃଙ୍ଖଳା ଖେଳିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏହା ପରେ ଇସିବି ଏବଂ ବିସିସିଆଇ ପରି ବଡ କ୍ରିକେଟ୍ ବୋର୍ଡ ଗୁଡିକ ଭବିଷ୍ୟତର କ୍ରିକେଟ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ମିଳିମିଶି କାମ କରୁଛନ୍ତି। ଭାରତ, ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଶେଷ ବଡ ତ୍ରିପାକ୍ଷିକ ଶୃଙ୍ଖଳା ୨୦୧୫ ରେ ଖେଳାଯାଇଥିଲା। ଏହାପରେ କ୍ୟାଲେଣ୍ଡରରୁ ଏହି ଫର୍ମାଟ ଧୀରେ ଧୀରେ ହଜିଯାଇଥିଲା। ଏହାପରେ ଦୁଇପାକ୍ଷିକ ଶୃଙ୍ଖଳା ଏବଂ ଆଇସିସି ଟୁର୍ଣ୍ଣାମେଣ୍ଟକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ତ୍ରିପାକ୍ଷିକ ଶୃଙ୍ଖଳାର ପ୍ରତ୍ୟେକ ମ୍ୟାଚରେ ପଏଣ୍ଟ ଟେବୁଲର ପ୍ରଭାବ ରହୁଥିବାରୁ ସବୁ ମ୍ୟାଚ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଶୃଙ୍ଖଳାର ଶେଷ କେବଳ ମ୍ୟାଚର ଫଳାଫଳ ଉପରେ ନିର୍ଭର ନକରି ଏକ ଗୁରୁତ୍ୱପୂର୍ଣ୍ଣ ଫାଇନାଲ ମ୍ୟାଚ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥାଏ। ଭିନ୍ନ ଭିନ୍ନ ଦେଶ ବିରୋଧରେ ଖେଳିବା ଦ୍ୱାରା ଦଳ ଗୁଡିକ ସେମାନଙ୍କର ଶ୍ରେଷ୍ଠ ପ୍ଲେୟିଙ୍ଗ ଏକାଦଶ ଏବଂ ଯୁବ ଖେଳାଳିଙ୍କୁ ପରଖିବାର ଭଲ ସୁଯୋଗ ମିଳିଥାଏ। ଆଇସିସି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ନିଜର ପ୍ରସ୍ତୁତିକୁ ମଜଭୁତ କରିବା ପାଇଁ ଭାରତୀୟ ଦଳ ଲାଗି ଏହା ଏକ ଶ୍ରେଷ୍ଠ ମଞ୍ଚ ହେବ।



ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

# ଜିଡିସିଏର ସାଧାରଣ ପରିଷଦ ବୈଠକ, ନିର୍ବାଚନ

ବ୍ରହ୍ମପୁର, ୯।୮(ସବ୍ୟୁ) : ସ୍ଥାନୀୟ ଷ୍ଟେସନ ରୋଡ ସ୍ଥିତ ସର୍କିଟ ହାଉସ ଠାରେ ଗଞ୍ଜାମ ଜିଲ୍ଲା କ୍ରିକେଟ ସଂଘର ସାଧାରଣ ପରିଷଦ ବୈଠକ ଓ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି। ସଭାପତି ଅଶୋକ ସାହୁଙ୍କ ଅନୁପସ୍ଥିତିରେ ସଂଘର ବରିଷ୍ଠ ସଦସ୍ୟ ଦେବ ଦତ ସିଂଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ବିଧାୟକ କେ ଅନିଲ କୁମାର ଓ ଗଞ୍ଜାମ ଜିଲ୍ଲା କ୍ରିଡ଼ା ସଂଘର ସାଧାରଣ ସମ୍ପାଦକ ଜେ ରାମେଶ୍ୱର ରାଓ ଦେଇଥିଲେ। ସଭାପତି ଭାବେ ଲକ୍ଷ୍ମୀ ପ୍ରସାଦ ବେହେରା, ଉପ ସଭାପତି ପଦବୀରେ ଦୁର୍ଗା ପ୍ରସାଦ ପଟ୍ଟନାୟକ, ସମ୍ପାଦକ ତାରିଣୀ ଚରଣ ସାମନ୍ତରାୟ,ଯୁଗ୍ମ ସମ୍ପାଦକ ଦେବାନନ୍ଦ ବିଶ୍ୱାସ ଓ ସ୍ୱପ୍ନାରାଣୀ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଇଂ ମନୋଜ କୁମାର ଦଣ୍ଡପାଟ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ତ୍ରିଲୋଚନ ପାଣିଗ୍ରାହୀଙ୍କ ନାମ ସର୍ବ ସମ୍ମତି କ୍ରମେ ହୋଇ ଥିବା ସଂଘ ପକ୍ଷରୁ ନିଯୁକ୍ତ ନିର୍ବାଚନ ଅଧିକାରୀ ଡଃ ସତ୍ୟବ୍ରତ ପାତ୍ର ସୂଚନା ଦେଇଛନ୍ତି ବୋଲି ସମ୍ପାଦକ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

ତେବେ ବିଜ୍ଞପ୍ତି ପ୍ରକାଶ ପାଇବା ଠାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ଦିନକୁ ଦିନ ପରିସ୍ଥିତି ଜଟିଳ ହେବାରେ ଲାଗିଛି। ଇତି ମଧ୍ୟରେ ସଂଘର ନିର୍ବାଚନ ସମ୍ପର୍କିତ ୪ଟି ଅଭିଯୋଗ ଗୋଷାଣୀନୂଆଗାଁ ଥାନାରେ ହୋଇସାରିଥିବା ବେଳେ ବିଭିନ୍ନ ପକ୍ଷଙ୍କୁ ନେଇ ଦୁଇଟି ପର୍ଯ୍ୟାୟରେ ଆଲୋଚନା ହୋଇଥିଲା ତଥାପି କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ଫଳରେ ହେବାକୁ ଥିବା ସାଧାରଣ ପରିଷଦ ବୈଠକ ଓ ନିର୍ବାଚନ କିଭଳି ହେବ ତାକୁ ନେଇ ଉଠିଛି ପ୍ରଶ୍ନ। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ସଭାପତି ଅଶୋକ ସାହୁଙ୍କ ସମେତ ସମ୍ପାଦକ ତାରିଣୀ ଚରଣ ସାମନ୍ତରାୟ ଓ କୋଷାଧ୍ୟକ୍ଷ ରମଣୀ ରଂଜନ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଟାଉନ ଏସଡିପିଓ ଓ ଗୋଷାଣୀନୂଆଗାଁ ଥାନା ଅଧିକାରୀ ପ୍ରତାପ କୁମାର ଦାଶ ସମସ୍ତଙ୍କ ଯୁକ୍ତି ଓ ଆପତ୍ତି ଶୁଣିବା ପରେ ଏଥିରେ ପୁଲିସର ଭୂମିକା ନଥିବା ସ୍ପଷ୍ଟ କରିଥିଲେ। ନିଜ ନିଜର ଆପତ୍ତି ଓ ଅଭିଯୋଗକୁ ସେମାନେ ଓସିଏ ଅଥବା କୋର୍ଟରେ କରିପାରିବେ ଏବଂ କୋର୍ଟରୁ ଯଦି କିଛି ନିର୍ଦ୍ଦେଶ ଆସେ ତାହାକୁ କାର୍ଯ୍ୟକାରୀ କରାଯିବ ବୋଲି ପୁଲିସ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା। ତେବେ ଆସନ୍ତା କାଲି ହେବାକୁ ଥିବା ନିର୍ବାଚନ ପାଇଁ ଯଦିଓ ସମ୍ପାଦକ ପୁଲିସ ମୁତୟନ ପାଇଁ ଆବେଦନ କରିଛନ୍ତି ତେବେ ଏଥିପାଇଁ ସେମାନେ ବ୍ରହ୍ମପୁର ଏସପିଙ୍କୁ ଅବଗତ କରିବାକୁ ପରାମର୍ଶ ଦିଆଯାଇଥିଲା। ଅପରପକ୍ଷେ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ସହିତ ସିସିଟିଭି ସର୍ଭଲାନ୍ସରେ ସବୁ କାର୍ଯ୍ୟକ୍ରମ କରିବାକୁ ଏସଡିପିଓ ପ୍ରିୟସ ରଂଜନ ଛୋଟରାୟ ସ୍ପଷ୍ଟ କରିଦେଇଛନ୍ତି। ଗତ ୪ ତାରିଖରେ ସଂଘର ୧୧ ଟି ପଦବୀ ମଧ୍ୟରୁ ୭ଟି ପଦବୀରେ ନାମାଙ୍କନ ଦାଖଲ ହୋଇଥିଲା। ୭ ତାରିଖରେ ଚୂଡାନ୍ତ ତଥା ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଥିଲା। ଯେଉଥିରେ ସଭାପତି ପଦବୀରେ ଲକ୍ଷ୍ମୀ ପ୍ରସାଦ ବେହେରା, ଉପ ସଭାପତି ପଦବୀରେ ଦୁର୍ଗା। ପ୍ରସାଦ ପଟ୍ଟନାୟକ, ସମ୍ପାଦକ ପଦବୀରେ ତାରିଣୀ ଚରଣ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ପଦବୀରେ ଦେବାନନ୍ଦ ବିଶ୍ୱାସ ଓ ସ୍ୱପ୍ନାରାଣୀ ପାଣିଗ୍ରାହୀ, କୋଷାଧ୍ୟକ୍ଷ ପଦବୀରେ ଇଂ. ମନୋଜ କୁମାର ଦଣ୍ଡପାଟ ଓ ଏକମାତ୍ର କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ତ୍ରିଲୋଚନ ପାଣିଗ୍ରାହୀଙ୍କ ନାମ ରହିଥିବା ସଂଘ ପକ୍ଷରୁ ନିଯୁକ୍ତ ନିର୍ବାଚନ ଅଧିକାରୀ ଡଃ ସତ୍ୟବ୍ରତ ପାତ୍ର ସୂଚନା ଦେଇଛନ୍ତି। ଏଭଳି ସ୍ଥିତିରେ ସଂଘର ଉପ ସଭାପତି ବିଜୟ କୁମାର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ରମଣୀ ରଂଜନ ମହାନ୍ତି ଯେଉମାନେ ନିର୍ବାଚନ ନେଇ ନୋଟିସ ପାଇବା ପରଠାରୁ ଏହାକୁ ବେନିୟମ ଦର୍ଶାଇ ଆପତ୍ତି ଉଠାଇଛନ୍ତି। ପୂର୍ବରୁ ଏନେଇ ସେମାନେ ଜିଲ୍ଲାପାଳ, ଓସିଏ ଏବଂ ଏସପିଙ୍କୁ ଚିଠି ଲେଖି ଘଟଣା ସମ୍ପର୍କରେ ଅବଗତ କରିଥିବା ବେଳେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ନିଜର ପ୍ରତିକ୍ରିୟା ରଖିଛନ୍ତି। ୨୦୨୨ ମସିହାରେ ସଂଘର ଏକ ନିର୍ବାଚିତ କମିଟି ଥିବାବେଳେ ୨୦୧୮ ମସିହାର କମିଟି କେଉ ଆଧାରରେ ନିର୍ବାଚନ କରିବ ବୋଲି ପ୍ରଶ୍ନ କରି ଏହାକୁ ବେନିୟମ ଦର୍ଶାଇଛନ୍ତି। ଏଥିପାଇଁ ସେମାନେ ପୂର୍ବରୁ ଉଭୟ ସଭାପତି ଓ ସମ୍ପାଦକଙ୍କୁ ନୋଟିସ ଜାରି କରିସାରିଛନ୍ତି। ସେହିଭଳି ୨୦୨୨ ମସିହାରେ ସଂଘର ସାଧାରଣ ପରିଷଦ ବୈଠକରେ ପାରିତ ନୂତନ ୧୫ ଜଣ ସଦସ୍ୟଙ୍କୁ ମଧ୍ୟ ଚଳିତ ନିର୍ବାଚନରୁ ବାଦ ଦିଆଯାଇଥିବା ଘଟଣାକୁ ନେଇ ଅସନ୍ତୋଷ ଲାଗିରହିଛି। ନାମାଙ୍କନ ପତ୍ର ଦାଖଲ ସମୟରେ ଅନେକ ପ୍ରାର୍ଥୀ ସଂଘ କାର୍ଯ୍ୟାଳୟକୁ ଆସି ନାମାଙ୍କନ ପତ୍ର ଦାଖଲ କରିବା ଦୂରେ ଥାଉ ସେମାନେ ବ୍ରହ୍ମପୁରରେ ହିଁ ନଥିଲେ ବୋଲି ଅଭିଯୋଗ କରିଛନ୍ତି। ଏଣୁ ଏଭଳି ବେନିୟମ ନିର୍ବାଚନକୁ ସେମାନେ ବର୍ଜନ କରିବା ସହିତ ନ୍ୟାୟ ପାଇଁ ଅଦାଲତର ଆଶ୍ରୟ ନେବେ ବୋଲି ସ୍ପଷ୍ଟ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଉପ ସଭାପତି ବିଜୟ କୁମାର ପଟ୍ଟନାୟକଙ୍କ ସହିତ କୋଷାଧ୍ୟକ୍ଷ ରମଣୀ ରଂଜନ ମହାନ୍ତି, ପୂର୍ବ ଯୁଗ୍ମ ସମ୍ପାଦକ ଦେବବ୍ରତ ଦେବ, ଆଜୀବନ ସଦସ୍ୟ ବିମଳ ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ନାୟକ ଉପସ୍ଥିତ ଥିଲେ।

ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି